ଫେବୃଆରୀ 2012 ■ ₹ 20/-

ଜହ୍ନ ମାମୁ

Digitized by
Deb's Library Corner
https://t.me/debslibrarycorner

PARLE
mango bite
ଆମ୍ବର ରସୁଆଳ ଗୋଳି
ENJOY VERY SLOWLY
everest/PB/923-11ori

ଉଦୀୟମାନ ତାରକା

ଯଦି ଆପଣଙ୍କ ପରିବାରର ବା କୌଣସି ବନ୍ଧୁବାନ୍ଧବଙ୍କ ସଫଳତା ବାବଦରେ ଜଣାଇବାକୁ ଚାହୁଁଥାନ୍ତି ଦୟାକରି ତାଙ୍କର ସମସ୍ତ ବିବରଣୀ ଏବଂ ଠିକଣା ଆମକୁ ପଠାନ୍ତୁ :

Young Achievers-RCM,
Chandamama India Ltd,
No:2 Ground Floor, Swathi Enclave, Amman koil street,
Vadapalani, Chennai-26
(or)
online@chandamama.com

ପକେଟ୍ ଡାଇନାମୋ

ଧନଶ୍ରୀ ସଂଜୟ ଠାକୁର, ମହାରାଷ୍ଟ୍ରର କଲ୍ୟାଣର ବାର ବର୍ଷର ବାଳିକା।

ସେ ୧୦ବର୍ଷ ବୟସରୁ ମହାରାଷ୍ଟ୍ରର କଲ୍ୟାଣରେ ସ୍କୁଲରୁ ବକ୍ସିଂ ଶିକ୍ଷା ଆରମ୍ଭ କରିଥିଲେ। ନୂତନ ବାଣୀ ବିଦ୍ୟାଳୟରେ ସେ ସାଗର ପେଦନେକର ଏବଂ ମିଲନ ବୈଦ୍ୟଙ୍କ ଠାରୁ ତାଲିମ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ସେ ଥାନେରେ ଥିବା ଆଚିଭର୍ସ ବକ୍ସିଂ କ୍ଲବ ପାଇଁ ଖେଳିବାକୁ ଆରମ୍ଭ କଲେ ଏବଂ ଗତବର୍ଷ କବ୍ କ୍ଲାସରେ ସ୍ୱର୍ଣ୍ଣ ପଦକ ହାସଲ କଲେ। ସେ ମଧ୍ୟ ମହାରାଷ୍ଟ୍ରର ରାଜ୍ୟସ୍ତରୀୟ ଚାମ୍ପିଅନସିପରେ ଶ୍ରେଷ୍ଠ ବକ୍ସର୍ ସମ୍ମାନ ପାଇଛନ୍ତି। ଧନଶ୍ରୀଙ୍କର ପିତାମାତାଙ୍କର ସହାୟତାର ତୁଳନା ନାହିଁ।

ସେ ଜଣେ ସାଉଥ୍ ପ ହୋଇଥିବାରୁ ତାଙ୍କୁ ରିଙ୍ଗରେ ବହୁତ ଫାଇଦା ମିଳେ, ତାଙ୍କର ପ୍ରତିଯୋଗୀମାନେ ତାଙ୍କ ସହିତ ଲଢ଼ିବାକୁ ସମର୍ଥ ହୁଅନ୍ତି ନାହିଁ। ନିକଟରେ ତାମିଲନାଡୁରେ ଆୟୋଜିତ ଜାତୀୟ ଚାମ୍ପିଅନସିପ୍‌ରେ ତାହା ହିଁ ଘଟିଥିଲା। ଏହି କାରଣରୁ ଧନଲକ୍ଷ୍ମୀ ତାଙ୍କର ପ୍ରତିଯୋଗୀମାନଙ୍କୁ ୩୦ସେକେଣ୍ଡରେ ପରାସ୍ତ କରିଦେଇଥିଲେ। ସେ ସବ୍‌ଜୁନିୟର ବର୍ଗରେ କାଂସ୍ୟ ପଦକ ଲାଭ କରିଥିଲେ।

୧୨ବର୍ଷ ବୟସରେ ବକ୍ସିଂର ତାଲିମ ନେବା କଷ୍ଟକର ନିଷ୍ପତ୍ତି। କିନ୍ତୁ ଧନଶ୍ରୀ ପାଠ ପଢ଼ା ସହିତ ତାଲିମ ସୁଚାରୁ ରୂପେ ଚଳାଇଛନ୍ତି। ତାଙ୍କର ଆଦର୍ଶ ୫ଥର ବିଶ୍ୱ ଚାମ୍ପିଅନ ହୋଇଥିବା ମ୍ୟାକ କେରି କୋ। ସେ ଆନ୍ତର୍ଜାତୀୟ ସ୍ତରରେ ତାଙ୍କ ଆଦର୍ଶ କ୍ରୀଡ଼ାବିତ୍‌ଙ୍କ ପରି ଖ୍ୟାତି ଅର୍ଜନ କରିବାକୁ ଚାହାନ୍ତି। ତାଙ୍କର ବ୍ଲଡ଼ ଗ୍ରୁପ୍ ହେଉଛି ବି' ପଜିଟିଭ। ତେଣୁ ସେ ସବୁବେଳେ ପଜିଟିଭ ରହିବାକୁ ଚାହାନ୍ତି।

Shop
Archives from 1947
Jokes
Visit the new chandamama.com

February 2012 ₹20/-
Founded by **B. Nagi Reddi and Chakrapani**

Editor & Publisher :
Prashant Sharad Mulekar

Associate Editors :
R. Vaasugi, K. Raja Sekhara Raju

Sub Editor :
Patricia Pandian

General Manager :
Sowmya Bharadwaj

Senior Artists:
K.C. Sivasankaran (Sankar), Gandhi Ayya, P. Mahesh, Sandeep Solkar

Artist :
Venki

Layout Designers :
B. Thirumal, K. Narendra, N. Sivakumar

Production In-charge :
Prashant Pawar

Circulation:
circulation@chandamama.com

Asst. Manager - Sales & Circulation:
Subhankar Rej

Sales Officer - Circulation :
K. Ravishankar

Advertisement :
sales@chandamama.com

Subscription :
Subscription@chandamama.com
Ramya K (Chennai)
Ph: +91 44 4399 2828

Head Office :
CHANDAMAMA INDIA LTD.,
P.O.Box No:19407, Mumbai-400093
Phone +91 22 28312872 / 28311849
Email:chandamama@chandamama.com
Website : www.chandamama.com

Published, Printed and Owned by CHANDAMAMA INDIA LTD., Published and Printed on their behalf by Prashant Sharad Muleker
Published at B-3, Cross Road 'B', MIDC, Andheri (East) Mumbai - 400093.
Printed At :- Kala Jyothi Process Pvt. Ltd, S.No.185, Kondapur, R.R.District-500133, Andhra Pradesh.
Editor :- Prashant Sharad Mulekar

ସୂଚୀପତ୍ର

ଜହ୍ନମାମୁ

Volume-3 February 2012 Issue-02

Digitized by
Deb's Library Corner
At/P.O.-Tambahara
Via-P.S.-Harichandanpur
Dist-Kendujhar,State-Odisha
Pin-758028
Mobile-9556804309
Email-debaraj.123456789@gmail.com
https://t.me/debslibrarycorner

* ପାଠକଙ୍କ ପୃଷ୍ଠା ...୦୬
* ମାର ସ୍ମୃତି–ତେଲୁଗୁ ...୦୯
* ଅନନ୍ତର ପ୍ରକୃତ ଉଦ୍ଦେଶ୍ୟ ...୧୧
* ଅଦୃଶ୍ୟ ଉପହାର ...୧୭
* ପ୍ରକୃତ ଆନନ୍ଦ ...୨୦
* ମିତ୍ର ଭେଦ – ୨୭ ...୨୪
* ଉଦ୍ୟମ ସୁଫଳ ଦେଲା ...୨୭
* ଜାମକୋଳି ଅଳସୁଆ ...୩୦
* ସମର୍ପଣ ସହିତ ସେବା ...୩୨
* ସତ କଥା ...୩୫
* ବୁଦ୍ଧିମତା ...୩୯
* ରଜାଙ୍କ ଗର୍ବଭଙ୍ଗ ...୪୨
* ଚୋରର ଠିକଣା ...୪୬
* ବାରିକର ଦୋଷ! ...୫୦
* କୁଆଡି କିଏ? ...୫୩
* ସାବଧାନତା! ...୫୪
* ସିଦ୍ଧିଲାଲୟମ୍ – ୨୩ ...୫୫
* କଇଁଛ! ତୁମେ ପୁଣି ଥରେ ଜିତିଲ! ...୬୩
* ସ୍ୱପ୍ନ ସତ ହେଲା ...୬୪
* ଖରାପ ଶିଷ୍ୟ ...୬୬
* ଯୁଦ୍ଧର କୌଶଳ ...୬୭
* ହରି–ହର ...୭୦
* ଜହ୍ନମାମୁ ସାଧାରଣ ଜ୍ଞାନ ଧନ୍ଦା – ୩୭ ...୭୨
* ହସି ହସି ଗଡ଼ିଯା ...୭୩
* ରାଜାଘର ଖାନା ...୭୪
* ଡିବ୍ବ ଡିବ୍ବର ଡିବା ...୭୬
* ଭାରତ ଦର୍ଶନ ...୭୮
* ମୁଁ କ'ଣ ହେବି ? ...୭୯
* ବୀରବଲ ...୮୦
* ଟ୍ରେଜର ବକ୍ସ ...୮୨

© The stories, articles and designs contained in this issue are the exclusive property of the Publishers. Copying or adapting them in any manner/ medium will be dealt with according to law.

ପ୍ରିୟ ପାଠକ!!!

ଦେଖୁ ଦେଖୁ ୨୦୧୨ ମସିହା ଆରମ୍ଭ ହୋଇ, ପ୍ରଥମ ମାସ ଶେଷ ହୋଇ ଦ୍ୱିତୀୟ ମାସ ଆରମ୍ଭ ହେବାକୁ ବସିଲାଣି। ନୂଆବର୍ଷର ଆନନ୍ଦରେ ପୁଲକିତ ହୋଇ ଆପଣମାନେ ସମସ୍ତେ କେତେ କ'ଣ ଯୋଜନା କରିଥିବେ। ଏବେ ସେହି କାଗଜରେ ଲେଖାଯାଇଥିବା ଯୋଜନାକୁ କାମରେ ରୂପାନ୍ତରିତ କରିବା ପାଇଁ ଉଦ୍ୟମ ଆରମ୍ଭ କରିବାର ସମୟ। ଯୋଜନାକୁ ଫଳବତୀ କରିବାର ସମୟ।

ଆମେ, ଚନ୍ଦାମାମା ତରଫରୁ ନୂତନ ବର୍ଷର ଆଗାମୀ ଦିନଗୁଡ଼ିକୁ ଅଧିକ ଆନନ୍ଦଦାୟକ କରିବା ପାଇଁ ସାଧ୍ୟମତେ ଉଦ୍ୟମ କରୁଛୁ। ଆମ୍ଭେମାନେ ମଧ୍ୟ ପାଠକମାନଙ୍କୁ ଗ୍ରୀଷ୍ମ ଛୁଟିରେ କିଛି ସ୍ୱତନ୍ତ୍ର ଭେଟି ଦେବାକୁ ଯୋଜନା କରୁଛୁ। ଆମର ଦଳ କିଛି ନୂଆ ନୂଆ ଚିନ୍ତାଧାରା ନେଇ କାର୍ଯ୍ୟ କରୁଅଛି, ଆମର ଆଶା, ଆଗାମୀ ମାସ ବେଳକୁ ଆମେ ସେ ସବୁ କାର୍ଯ୍ୟକାରୀ କରିପାରିବୁ।

ଏ ମାସରେ ଆମେ ପାଳନ କରିବା ଛତ୍ରପତି ଶିବାଜୀ ଏବଂ ଡାର୍‌ଉଇନ୍‌ଙ୍କର ଜନ୍ମବାର୍ଷିକୀ। ଡାର୍‌ଉଇନ୍‌ଙ୍କର ଗବେଷଣା ଏବଂ ବିଶ୍ଳେଷଣ ମାନବର ଉତ୍ପତ୍ତି ସମ୍ବନ୍ଧରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉନ୍ମୋଚନ କରିଛି, ଯାହାକି ପୃଥିବୀରେ ଜୀବନ ଏବଂ ଉତ୍ପତ୍ତି ସମ୍ବନ୍ଧରେ ଆମର ଚିନ୍ତାଧାରାକୁ ବଦଳାଇ ଦେଇଛି। ଛତ୍ରପତି ଶିବାଜୀଙ୍କର ଜ୍ଞାନ, ଗୁଣ ଓ ସାହସ ଇତିହାସରେ ଅମର ହୋଇ ରହିଛି। ସମସ୍ତ ଅତ୍ୟାଚାର ଏବଂ ଅନ୍ୟାୟ ବିରୋଧରେ ଲଢ଼ି ସେ ନିଜ ରାଜ୍ୟର ରକ୍ଷା କରିଥିଲେ ଏବଂ ଜଣେ ଆଦର୍ଶ ଶାସକ ଭାବରେ ଆଦର ଲାଭ କରିଥିଲେ।

ବର୍ତ୍ତମାନ ଆମେ ଆଣିଛୁ, ଏ ମାସର ପତ୍ରିକାରେ ଆପଣଙ୍କର ମନକୁ ପାଇଲା ପରି ଅନେକ କାହାଣୀ ।

–ସଂପାଦକ

Digitized by
Deb's Library Corner
https://t.me/debslibrarycorner



ପାଠକଙ୍କ ପୃଷ୍ଠା

ମୋ ବାପା ୧୯୭୦ ମସିହାରୁ ଜହ୍ନମାମୁ ପଢ଼ିଆସୁଛନ୍ତି ଏବଂ ମୁଁ ମଧ୍ୟ ପାଞ୍ଚ ବର୍ଷ ବୟସରୁ ଜହ୍ନମାମୁ ପଢ଼ିବା ଆରମ୍ଭ କରିଥିଲି। ଆପଣଙ୍କର ଗପଗୁଡିକ ମତେ ଭାରି ଭଲ ଲାଗେ।

- debabratatarai8@ovi.com

ସମ୍ମାନନୀୟ ମହାଶୟ, ''ମୁଁ ଆପଣଙ୍କୁ କହିବାକୁ ଚାହେଁ ଯେ ଚନ୍ଦାମାମାର ଉଭୟ ସଂସ୍କରଣ (ଇଂରାଜୀ ଏବଂ ବଙ୍ଗଳା)ରେ, ଦୟାକରି କିଛି ନୂତନ ବିଭାଗ ଯୋଗ କରନ୍ତୁ, ଯେପରି କି କ୍ରୀଡା, କାର୍ଟୁନ୍, ପ୍ରଶ୍ନୋତ୍ତର, ଭାରତୀୟ ଇତିହାସ, ଶିଶୁ ଚଳଚ୍ଚିତ୍ର। ଆଶା, ଆପଣ ନିକଟ ଭବିଷ୍ୟତରେ ଏ ବିଷୟରେ ବିଚାର କରିବେ।

– *ଅର୍ଣ୍ଣବ ଭଟ୍ଟାଚାର୍ଯ୍ୟ (୧୩ ବର୍ଷ)*

ମୁଁ ରାମୁ ଏବଂ ମୋନୁର କାହାଣୀକୁ ସବୁଠାରୁ ବେଶୀ ପସନ୍ଦ କରେ ଏବଂ ସେମାନଙ୍କର ଚତୁରତା ମୋର ଭାରି ପସନ୍ଦ। ଏହି କାହାଣୀଗୁଡିକ ସବୁ କାହାଣୀଗୁଡ଼ିକଠାରୁ ଭଲ। ବେତାଳ କାହାଣୀରେ ଦିଆଯାଉଥିବା ସଂପୂର୍ଣ୍ଣ ପୃଷ୍ଠାର ଚିତ୍ର ମନକୁ ଛୁଇଁଯାଏ। ବୋଧହୁଏ ଚନ୍ଦାମାମାର ସମଗ୍ର ଇତିହାସରେ ପ୍ରଥମ ଥର ପାଇଁ ବେତାଳ କାହାଣୀରେ ସମ୍ପୂର୍ଣ୍ଣ ପୃଷ୍ଠାଏ ଚିତ୍ର ଦିଆଯାଇଛି।

– *ଖୁସଲ ଚାନ୍ଦ ସାହୁ, ଚମ୍ପା, ଛତିଶଗଡ଼*

ମୁଁ ''କୃଷକ ହିଁ ରାଜା'' କାହାଣୀଟିକୁ ଭାରି ପସନ୍ଦ କଲି। ଏହି କାହାଣୀ କୃଷକମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ତାହାର ପ୍ରଭାବ ଇତ୍ୟାଦି କ୍ଷେତ୍ରରେ ଯଥେଷ୍ଟ ପ୍ରେରଣ ପ୍ରଦାନ କରିବ। ଏହି କାହାଣୀ ପ୍ରକାଶ କରିଥିବାରୁ ଉଭୟ ଲେଖକ ଏବଂ ଚନ୍ଦାମାମା ଧନ୍ୟବାଦର ପାତ୍ର।

– *ଏ. ସିରିଶା, ଏଲୁରୁ*

''କ୍ଷମତା'' କାହାଣୀର ଉପସଂହାର କାହାଣୀ ପାଇଁ ଯଥାର୍ଥ। 'ଛୁଞ୍ଚି ଭାଗ୍ୟ ବଦଳାଇଦେଲା', କାହାଣୀର ନୀତି କଥା ମଧ୍ୟ ଉଚ୍ଚକୋଟୀର। ଏହି କାହାଣୀଗୁଡିକ ପ୍ରଶଂସାର ପାତ୍ର।

– *କୋଟେସ୍ବ, କରିମ୍‌ନଗର*

''ନରମ ମାଟି'' କାହାଣୀଟି ନୀତି କଥାରେ ଭରପୂର। ''ବିଶ୍ୱାସର ଅଭାବ'' କାହାଣୀରେ ବାକ୍ୟର ଶକ୍ତି ପ୍ରତିପାଦିତ ହୋଇଛି। ''ପ୍ରତିଯୋଗିତା'' କାହାଣୀ ଆମକୁ ଦର୍ଶାଇଛି ଯେ ଲାଭର ଲୋଭ କିପରି ସାମଗ୍ରୀର ଗୁଣବତ୍ତାକୁ ପ୍ରଭାବିତ କରିଥାଏ, ଏହା ପୁରୁଣା ଚନ୍ଦାମାମାର କାହାଣୀ ପରି ହୋଇଛି। ଚନ୍ଦାମାମାର ପାଠକମାନେ ଏହିପରି କାହାଣୀ ପଢ଼ିବାକୁ ପସନ୍ଦ କରିବେ।

– *ଏ. ଶ୍ରୀନିବାସ, ଚିତ୍ତୋର*

ଚନ୍ଦାମାମାର କାହାଣୀଗୁଡିକ ପଢ଼ିବାକୁ ଭାରି ଭଲ ଲାଗେ। ସଚିତ୍ର ବର୍ଣ୍ଣନାଗୁଡିକ ମଧ୍ୟ ମନୋଲୋଭା। ମୁଁ ଭାପାଙ୍କର ଚିତ୍ରକୁ ଭାରି ଭଲପାଏ। ଭାପାଙ୍କର ଚିତ୍ର ବ୍ୟତୀତ ଚନ୍ଦାମାମା କଥା ମୁଁ ଭାବିପାରେନା। ଦୟାକରି ପ୍ରଚ୍ଛଦପଟରେ କେବଳ ଭାପାଙ୍କର ଚିତ୍ର ପ୍ରକାଶିତ କରନ୍ତୁ।

– *ମାଧବ, ପାଟା ପଟନମ୍, ଶ୍ରୀକାକୁଳମ୍*

ମୁଁ ଚନ୍ଦାମାମା ପରିବାରକୁ ସଚିତ୍ର ବର୍ଣ୍ଣନା ସହିତ ଉଚ୍ଚକୋଟୀର ଗଳ୍ପ ପ୍ରକାଶ କରୁଥିବାରୁ ଧନ୍ୟବାଦ ଦେଉଛି। ଏହା ପାଠକମାନଙ୍କୁ ଆନନ୍ଦ ପ୍ରଦାନ କରିବା ସହିତ ପତ୍ରିକାର ଅତୀତ ଗୌରବର ପୁନରୁଦ୍ଧାର କରିଛି। ଅବଶ୍ୟ ପୁରୁଣା କାହାଣୀଗୁଡ଼ିକ ଦୁର୍ମୂଲ୍ୟ, ମୁଁ ଆନନ୍ଦିତ ଯେ ଆପଣମାନେ ମଧ୍ୟ ଏହି ପିଢ଼ିର ପିଲାମାନଙ୍କ ପାଇଁ ନୂଆ ନୂଆ କାହାଣୀ ପ୍ରକାଶିତ କରୁଛନ୍ତି। ମୋର ପୁରୁଣା କାହାଣୀ ପ୍ରକାଶିତ କରି ଆପଣ ମୋ ଭିତରେ ପୁଣିଥରେ ଚନ୍ଦାମାମା ପାଇଁ ଲେଖିବାକୁ ଉତ୍ସାହ ସୃଷ୍ଟି କରିଛନ୍ତି।

– ଏନ୍. ପଦ୍ମଲତା ଜୟରାମ, ହାଇଦ୍ରାବାଦ୍

ମୁଁ ମହାରାଷ୍ଟ୍ରର ରାଜ୍ୟ ବିଦ୍ୟୁତ୍ ବୋର୍ଡରେ କାର୍ଯ୍ୟ କରୁଅଛି। ମୋର ପିଲାମାନେ ଏବଂ ମୁଁ ନିୟମିତ ଚନ୍ଦାମାମା ପଢ଼ୁ। ମୋ ପିଲାମାନେ ଆଗ୍ରହର ସହିତ ସ୍କୁଲ୍ ଲାଇବ୍ରେରୀରେ ଇଂରାଜୀ ଏବଂ ହିନ୍ଦୀ ଚନ୍ଦାମାମା ପଢ଼ିଥାନ୍ତି। ଏହି ପତ୍ରିକା ବହୁ ବର୍ଷ ଧରି ଏତେଗୁଡିଏ ଭାରତୀୟ ଭାଷାରେ ପ୍ରକାଶିତ ହୋଇଆସୁଅଛି, ଏହା ଉଭୟ ଚନ୍ଦାମାମା ପରିବାର ଏବଂ ଏହାର ପାଠକମାନଙ୍କ ପାଇଁ ଗର୍ବର ବିଷୟ।

– ଏମ୍. ଲକ୍ଷ୍ମୀନାରାୟଣ, ଚାନ୍ଦପୁର, ମହାରାଷ୍ଟ୍ର

ଚନ୍ଦାମାମାରେ ପରିବର୍ତ୍ତନଗୁଡିକ ସ୍ପଷ୍ଟ ରୂପରେ ବାରି ହେଇଯାଉଛି। କେବଳ ପୁରୁଣା ଚନ୍ଦାମାମାର ପ୍ରଚ୍ଛଦପଟର ଚିତ୍ର ନୂଆ ଚନ୍ଦାମାମାରେ ପ୍ରକାଶିତ ହେଉଛି, କାହାଣୀର ସଂଖ୍ୟା ବୃଦ୍ଧି ପାଇଛି, ଏହା ସହିତ ପ୍ରତ୍ୟେକ ସଂଖ୍ୟାରେ ଅତି କମ୍‌ରେ ଦୁଇଟି ପୂରା ପୃଷ୍ଠାର ଚିତ୍ର ଦେଖିବାକୁ ମିଳୁଛି ଏବଂ ପୁରୁଣା ସଂଖ୍ୟାର କାହାଣୀଗୁଡିକ ଯେପରି ଉପସ୍ଥାପନ କରାଯାଉଛି ତାହା ପାଠକଙ୍କୁ ଆନନ୍ଦିତ କରୁଛି। ମୋର ଆଶା ଆପଣମାନେ ଚନ୍ଦାମାମାର ଡିଜାଇନକୁ ପୁରୁଣା ସଂଖ୍ୟା ପରି ରଖିବେ, ଆଜିକାଲିକା ପରିବେଶର ଉଗ୍ର ଆଧୁନିକତାର ପ୍ରଭାବଠାରୁ ଏହାକୁ ଦୂରେଇ ରଖିବେ।

– ଜେ. ନାରାୟଣମୂର୍ତ୍ତି, ହାଇଦ୍ରାବାଦ୍

ବେତାଳ କାହାଣୀରେ, ''ଅମୃତ ବର୍ଷିଣୀଙ୍କର ନିଷ୍ପତ୍ତି'' ଚମତ୍କାର ହୋଇଛି। ଶଙ୍କରଙ୍କର ଚିତ୍ର ଅବର୍ଣ୍ଣନୀୟ। ବିଶେଷ କରି, ସଂପୂର୍ଣ୍ଣ ପୃଷ୍ଠାର ଚିତ୍ର ସହିତ ଛଅଣର ଚିତ୍ର ଚନ୍ଦାମାମାର ପୂର୍ବ ଗୌରବକୁ ଫେରାଇ ଆଣିଛି। କାଗଜର ମାନ ବ୍ୟତୀତ ଆଉ କୌଣସିଥିରେ ଅଭିଯୋଗ କରିବାର ନାହିଁ।

– ଚନ୍ଦ୍ରମୋହନ, ଗୁଣ୍ଟୁର୍

ମୁଁ ଗତ ୫୫ ବର୍ଷ ହେଲା ଚନ୍ଦାମାମା ପଢୁଅଛି। ସେମାନେ 'ପ୍ରତିଦ୍ୱନ୍ଦ୍ୱିତା' ପରି କାହାଣୀ କାହିଁକି ପ୍ରକାଶିତ କରୁଛନ୍ତି, ତାହା ମୁଁ ବୁଝିପାରୁ ନାହିଁ। ଏହା ସହିତ 'ମିଛ' କାହାଣୀରେ ଲଟେରୀ ଟିକେଟ୍‌କୁ ଅନ୍ତର୍ଭୁକ୍ତ କରି ଚନ୍ଦାମାମାର ମୂଲ୍ୟବୋଧ ଉପରେ ଆଞ୍ଚ ଆଣୁଛନ୍ତି। ତାହାର ଚିତ୍ର ମଧ୍ୟ ଭଲ ନ ଥିଲା। 'ଶପଥ' କାହାଣୀ ପଢ଼ିବା ବେଳେ ବାଇସାଇକେଲର ଚିତ୍ର ଦେଖି ମୁଁ ଟିକିଏ ସନ୍ଦେହରେ ପଡ଼ିଲି, ସତରେ କ'ଣ ମୁଁ ଚନ୍ଦାମାମା ପଢୁଛି! ''ମୂଲ୍ୟବାନ୍'' କାହାଣୀ ପଢ଼ି ମନେ ହେଲା ମୁଁ ଏକବିଂଶ ଶତାବ୍ଦୀରେ ଅଛି। ଆଧୁନିକତା ବିଷୟବସ୍ତୁ ଉପରେ ଆଧାରିତ କାହାଣୀ ଚନ୍ଦାମାମାର ଗୌରବ ହାନି କରୁଛି। ମୁଁ ଚନ୍ଦାମାମାର ପ୍ରଚ୍ଛଦ ପଟର ବର୍ଣ୍ଣନା ବିଷୟରେ କିଛି କହିବାକୁ ଚାହୁଁନାହିଁ।

– ଡକ୍ଟର ପି. ପ୍ରଭାବତୀ, ପ୍ରକାଶମ୍ ନଗର, ହାଇଦ୍ରାବାଦ୍

Avail the loyalty bonus!

Chandamama Subscribers will get flat 10% off on subscription renewals! (All Editions - within India)

Chandamama!

Because stories make the world go round...

Choose your Chandamama!

Go to www.chandamamashop.com & subscribe Now!!

You can also subscribe online at: **www.chandamamashop.com**

Chandamama is available in English and 12 regional languages.
Junior Chandamama for children above 4 years is available only in English.

I want to subscribe to / gift / renew subscription for the following editions of Chandamama:

☐ English ☐ Telugu ☐ Tamil ☐ Kannada ☐ Hindi
☐ Marathi ☐ Gujarati ☐ Oriya ☐ Bengali ☐ Sanskrit
☐ Santali ☐ Malayalam ☐ Assamese ☐ Junior (Only in English)

Name: ....

Date of Birth: .... Sex: ....

Address: ....

....

....

.... City: ....

State: .... Pin: ....

Telephone: ....

Mobile: ....

Email: ....

Subscription Number (for renewals): ....

Gift Subscription to the following address:

....

....

....

....

Enclosed Cheque/DD* for Rupees..............................

Cheque/DD No ....

favouring Chandamama India Ltd on..............................

....bank.

* Your subscription will commence in 6 weeks.
Please mail the subscription form to:
Chandamama India Limited.
P.O.Box No:19407, Mumbai-400093.
Phone +91 22 28312872 / 28311849
Email: subscription@chandamama.com
You can also subscribe online at : www.chandamamashop.com

Take Your Pick!	1 YEAR	2 YEARS	3 YEARS	4 YEARS	5 YEARS
English (₹25/- per copy)	₹300	₹540 $60	₹765 $135	₹960 $240	₹1125 $375
REGIONAL (₹20/- per copy)	₹240	₹430 $50	₹610 $110	₹770 $190	₹900 $300
JUNIOR (₹15/- per copy)	₹180	₹325 $35	₹460 $80	₹575 $145	₹675 $255

** conditions apply

Annual Subscription Overseas : US $40 for English Chandamama, US $30 for Regional Languages, US $25 for Junior Chandamama (including shipping and handling charges) by air mail.

ମୋର ସ୍ମୃତି-ତେଲୁଗୁ

ଯେତେବେଳେ ଚକ୍ରପାଣିଙ୍କର ଅଭିନବ ଉଦ୍ୟମରେ ଚନ୍ଦାମାମା ପତ୍ରିକା ପ୍ରକାଶ ଆରମ୍ଭ ହେଲା ସେତେବେଳେ ମୁଁ ସ୍କୁଲରେ ପଢୁଥିଲି। ରଙ୍ଗିନ୍ ଚିତ୍ର, ଆକର୍ଷଣୀୟ ପୋଷାକ ଏବଂ ମନଛୁଆଁ କାହାଣୀ, କାର୍ଟୁନ୍ ଇତ୍ୟାଦି ବେଶ୍ ଆକର୍ଷଣୀୟ ମନେହେଉଥିଲା। ପିଲାମାନେ ଜଣ ଜଣ କରି ପ୍ରଥମେ ଚନ୍ଦାମାମାର ଚିତ୍ର ଦେଖୁଥିଲେ।

ଆମ୍ଭେମାନେ ଆଗ୍ରହର ସହିତ ପରବର୍ତ୍ତୀ ସଂଖ୍ୟା ପାଇଁ ଅପେକ୍ଷା କରି ରହୁଥିଲୁ। ଏହା କେବଳ ମଜାଦାର ନଥିଲା, ବେଶ୍ ଶିକ୍ଷଣୀୟ ମଧ୍ୟ ଥିଲା। ବିଭିନ୍ନ ଚମତ୍କାର କାହାଣୀ ମାଧ୍ୟମରେ ଏହି ପତ୍ରିକା ଶିଶୁମାନଙ୍କ ମନରେ ମୂଲ୍ୟବୋଧର ବୀଜ ବୁଣିଦେଉଥିଲା ଏବଂ ସେମାନଙ୍କୁ ଉତ୍ତମ ନାଗରିକ ହେବା ପାଇଁ ପ୍ରଭାବିତ କରୁଥିଲା।

Name: P. Parameswara Rao
Occupation: Sr. Advocate, Supreme Court, Noida

ଦିନେ ମୋ ଶ୍ରେଣୀର ଗୋଟିଏ ଛାତ୍ର ଚଗଲ କୋଣ୍ଡା ସୂର୍ଯ୍ୟନାରାୟଣ ତାଙ୍କ କଳ୍ପନାରୁ ଗଣେଶ କାହିଁକି ଅବିବାହିତ ରହିଲେ ଗୋଟିଏ କାହାଣୀ ଲେଖିଲେ। ଆମ୍ଭେମାନେ ଚିତ୍ର ସହିତ ସେହି କାହାଣୀ ପ୍ରକାଶିତ ହେବାର ଦେଖିଲୁ। ଆମେ ତାଙ୍କର କାହାଣୀ ପ୍ରକାଶିତ ହୋଇଥିବାର ଦେଖି ବେଶ୍ ପୁଲକିତ ହେଲୁ।

ଆମେ ପିଲାମାନେ ଏହି ପତ୍ରିକା ପଢ଼ି ଯେମିତି ଏକ ଭିନ୍ନ ଦୁନିଆରେ ପହଞ୍ଚି ଯାଉଥିଲୁ, ଆମ କଳ୍ପନାରେ ହଜିଯାଉଥିଲୁ। ମୁଁ ଉଚ୍ଚଶିକ୍ଷା ପାଇଁ କଲେଜରେ ଯୋଗଦାନ କରିବା ପରେ ମଧ୍ୟ ଚନ୍ଦାମାମା ପଢ଼ି ଆନନ୍ଦ ପାଉଥିଲି। ଯେଉଁଠାରେ ପତ୍ରିକାଟି ଦେଖୁଥିଲି ନିଶ୍ଚୟ ଉଠାଇଆଣି ପଢୁଥିଲି।

ପତ୍ରିକା ପଢ଼ିବାରେ ମୋର ସଉକ ଯୋଗୁଁ ମୁଁ ବହୁ ସ୍ୱତନ୍ତ୍ର ପତ୍ରିକା ଏବଂ କଳାତ୍ମକ ଢଙ୍ଗରେ ଡିଜାଇନ୍ କରାଯାଇଥିବା ପତ୍ରିକା ସାଇତି ରଖିଛି। ମୁଁ ଏହି ପତ୍ରିକାକୁ ଜୀବନ ଦେଇଥିବା ଚକ୍ରପାଣିଙ୍କ ସହିତ ତାଙ୍କର ସମସ୍ତ ସହକର୍ମୀ ଏବଂ ଉତ୍ତରାଧିକାରୀମାନଙ୍କୁ ଜହ୍ନମାମୁ ଘରେ ଘରେ ଏବଂ ବିଦେଶରେ ପରିଚିତି ଆଣିଦେଇଥିବାରୁ ଅଭିନନ୍ଦନ ଜଣାଉଛି।

ମୋର ଆଶା ଏହି ପତ୍ରିକା ଶିଶୁମାନଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧ ଜାଗ୍ରତ ରଖିବାରେ ସହାୟକ ହେବ।

ମୋର ସ୍ମୃତି ମରାଠୀ

ଚନ୍ଦାମାମା ସହିତ ମୋର ସଂପର୍କ ପିଲାଦିନରୁ। ମୋ ଭାଇ ଏବଂ ମୁଁ ଚନ୍ଦାମାମା ପାଇଁ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହୁଥିଲୁ। ମୋର ବାପା ଜଣେ ଶିକ୍ଷକ ଥିଲେ। ସେ ପ୍ରତିମାସର ପ୍ରଥମ ସପ୍ତାହରେ ଚନ୍ଦାମାମା ଆଣୁଥିଲେ। ତା'ପରେ ମୁଁ ଏବଂ ଭାଇ ଦୁହେଁ ପ୍ରଥମେ କିଏ ବହି ପଢ଼ିବ ସେଥିପାଇଁ ଗଣ୍ଡଗୋଳ କରୁଥିଲୁ। ତେଣୁ ଗୋଟିଏ ମାସ ଭାଇ ପ୍ରଥମେ ବହି ପଢୁଥିଲେ ଏବଂ ତା'ପର ମାସରେ ମୁଁ ପ୍ରଥମେ ବହି ପଢୁଥିଲି।

ଚନ୍ଦାମାମା ପଢ଼ିବା ଆମ ପାଇଁ ମେଳା ବୁଲି ଦେଖିବାଠାରୁ କିଛି କମ୍ ମନଲୋଭା

ନଥିଲା। ମୁଁ ଏବେବି ସମାନ ଆଗ୍ରହର ସହିତ ପୂର୍ବପରି ଜହ୍ନମାମୁ ପଢ଼େ। ଥରେ ପଢ଼ିବା ଆରମ୍ଭ କଲେ ଶେଷ ନକରି ରହିପାରେ ନାହିଁ। ପରୀକ୍ଷା ଚାଲିଥିବା ସମୟରେ କେବେ ପରୀକ୍ଷା ସରିବ ଏବଂ ଜହ୍ନମାମୁ ପଢ଼ିବି ଆଗ୍ରହର ସହିତ ଅପେକ୍ଷା କରି ରହିଥାଏ। ଏବେ ବି ମୋର ପିଲାଦିନେ ପଢ଼ିଥିବା ଚନ୍ଦାମାମାର କାହାଣୀ ମନେଅଛି। ସେତେବେଳେ ରାମାୟଣ ଏବଂ ମହାଭାରତର କାହାଣୀ ପ୍ରକାଶିତ ହେଉଥିଲା। ମୁଁ ରାମାୟଣ ଓ ମହାଭାରତର କାହାଣୀ ବହୁବାର ପଢ଼ିଛି। କିନ୍ତୁ ଚନ୍ଦାମାମାରେ ପ୍ରକାଶିତ କାହାଣୀଗୁଡ଼ିକ ସବୁଦିଗରୁ ସ୍ୱତନ୍ତ୍ର।

Name: Varsha Bale
Occupation: Lawyer
Margoo, Goa

ମୋ ଭାଇ ଚନ୍ଦାମାମାକୁ ଏତେ ଭଲ ପାଉଥିଲେ ଯେ, କେହି ମାଗିଲେ କେବେ ବି ଦେଉନଥିଲେ। ସେ ସମସ୍ତ ସଂଖ୍ୟା ଗୋଟିଏ କାଠ ବାକ୍ସରେ ସାଇତି ରଖୁଥିଲେ। କିନ୍ତୁ କିଛିଦିନ ତଳେ ଏସବୁ ପୋକ ଖାଇ ଯାଇଥିବା ଆମେ ଦେଖିଲୁ। ବହୁତ ମନଦୁଃଖ ହେଲା। ଯେତେବେଳେ ଆମର ପିଲାମାନେ ଚନ୍ଦାମାମା ପଢ଼ିବା ପାଇଁ ଉତ୍କଣ୍ଠା ପ୍ରକାଶ କରୁଥିବାର ଦେଖୁ ସେତେବେଳେ ଆମ ପିଲାଦିନ କଥା ମନେପଡିଯାଏ। ମୋ ଝିଅ ଚନ୍ଦାମାମା ପାଇଁ ପାଗଳ, ସେ ପଢ଼ିବା ଆରମ୍ଭ କଲେ ଭୋକ, ନିଦ ସବୁ ଭୁଲିଯାଏ।

ଜହ୍ନମାମୁ ହେଉଛି ମୋର ପିଲାଦିନର ଶ୍ରେଷ୍ଠ ବନ୍ଧୁ। ପିଲାଦିନେ ମୋତେ ଯେଉଁ ଆନନ୍ଦ, ମିଠାପଣ ଏବଂ ଉତ୍ତେଜନା ପ୍ରଦାନ କରିଛି ସେଥିପାଇଁ ସାରାଜୀବନ ମୁଁ ଚନ୍ଦାମାମା ନିକଟରେ ଋଣୀ ହୋଇ ରହିବି। ଚନ୍ଦାମାମା ପାଇଁ ମୋର ଅନେକ ଅନେକ ଶୁଭେଚ୍ଛା।

ମୋର ସ୍ମୃତି–କନ୍ନଡ଼

ମୁଁ କର୍ଣ୍ଣାଟକର ଗଦାଗ ଜିଲ୍ଲାର ନରଗୁଣ୍ଡା ତାଲୁକ ସିରୋଲାର ବାସିନ୍ଦା। ଗତ ୩୦ବର୍ଷ ଧରି ଚନ୍ଦାମାମା ପଢ଼ିଆସୁଅଛି। ଏହାର କାହାଣୀଗୁଡ଼ିକ ମଧ୍ୟରୁ ନୈତିକତା ମୂଲ୍ୟବୋଧଯୁକ୍ତ କାହାଣୀ ଏବଂ ବେତାଳ କାହାଣୀ ମୋତେ ଖୁବ୍ ଅର୍ଥପୂର୍ଣ୍ଣ ମନେହୁଏ। ମୁଁ ଏବଂ ମୋର ସାଙ୍ଗମାନେ ଚନ୍ଦାମାମା ପରସ୍ପରଠାରୁ ମାଗି ପଢ଼ିଥାଉ। ଜଣକୁ ଦିନଟିଏ ପାଇଁ ଦିଆଯାଏ। ଆମକୁ ଚନ୍ଦାମାମାର ଚିତ୍ର ଭାରି ଭଲ ଲାଗେ। ତେଣୁ ଆମେ ତାହାକୁ ଆଙ୍କିବାକୁ ଚେଷ୍ଟା କରୁ। ଚନ୍ଦାମାମାର ଚିତ୍ର ଯେମିତି କଥା କହେ। ଚନ୍ଦାମାମାର ଚିତ୍ର କାହାଣୀଠାରୁ ବେଶୀ ମନଛୁଆଁ।

Name: P. Chidambara
Nimbaragi. Gadag
(Dist), Karnataka.

ଚନ୍ଦାମାମାର ନାମ ଯେମିତି ତାହାର ଆକୃତି ମଧ୍ୟ ସେମିତି। ପିଲାମାନେ ମାମୁଙ୍କୁ ଯେମିତି ଭଲ ପାଆନ୍ତି, ଚନ୍ଦାମାମାକୁ ସେମିତି ଭଲପାଆନ୍ତି। ଏହା ହେଉଛି ଉତ୍ତମ ଜ୍ଞାନର ଭଣ୍ଡାର। ପିଲାମାନଙ୍କ ପାଇଁ ଏକ ମୂଲ୍ୟବାନ ଉପହାର।

ବିକ୍ରମ ବେତାଳ

ଅନନ୍ତର ପ୍ରକୃତ ଉଦ୍ଦେଶ୍ୟ

ଅବିଶ୍ରାନ୍ତ ରାଜା ବିକ୍ରମ ବୃକ୍ଷ ନିକଟକୁ ଲେଉଟିଆସିଲେ। ସେ ଶବଟିକୁ ବୃକ୍ଷରୁ ଉତାରି ଆଣି କାନ୍ଧରେ ପକାଇଲେ। ସବୁଦିନ ପରି ନୀବରରେ ଶ୍ମଶାନ ଆଡ଼କୁ ଅଗ୍ରସର ହେଲେ। ଶବସ୍ଥିତ ବେତାଳ କହିବାକୁ ଆରମ୍ଭ କଲା।

"ହେ ରାଜନ୍! କାହାର ମଙ୍ଗଳ ପାଇଁ ତୁମେ ଏତେ କଷ୍ଟ କରୁଛ। କେତେକ ବ୍ୟକ୍ତି ଅନ୍ୟମାନଙ୍କର ମଙ୍ଗଳ କାମନା କରି କାର୍ଯ୍ୟ ଆରମ୍ଭ କରିଥାନ୍ତି। କିନ୍ତୁ ଶେଷରେ ସେମାନେ ଯେପରି କାର୍ଯ୍ୟ କରନ୍ତି ତାହା ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟ କରିଦିଏ। ସେମାନଙ୍କର ଲକ୍ଷ୍ୟ ବିପରୀତ ଥିବାର ମନେହୁଏ।

ମୁଁ ଭାବୁଛି ଆପଣଙ୍କର ଲକ୍ଷ୍ୟ ସେମିତି ନୁହେଁ ତ! ଅନନ୍ତ ନାମକ ବ୍ୟକ୍ତିଟିଏ ବିଷୟରେ କାହାଣୀଟି ଶୁଣାଉଛି ତାହା ତୁମ କାର୍ଯ୍ୟରେ ପ୍ରତିଫଳିତ ହେଉଛି । ତେବେ ହୃଦୟଙ୍ଗମ କରିପାରିବ ଯେ କେବଳ ନିଜର ସ୍ୱାର୍ଥ ହାସଲ କରିବା ପାଇଁ ଏହି କଠିନ କାର୍ଯ୍ୟ କରୁଛ।" ଏବଂ କାହାଣୀ କହିବାକୁ ଆରମ୍ଭ କଲା।

Digitized by
Deb's Library Corner
https://t.me/debslibrarycorner



କରିବାକୁ କହିଲେ। ଗୁରୁ ସିଦ୍ଧଯୋଗୀ ରାଜାଙ୍କର ଅନୁରୋଧ ରକ୍ଷା କଲେ।

ସେହି ସମୟରେ ପୁରୁଷୋତ୍ତମ ନାମକ ଜଣେ ଚାଷୀ ତାଙ୍କର ପୁତ୍ର ଅନନ୍ତକୁ ସାଧୁଙ୍କ ପାଖକୁ ନେଇଆସିଲା ଏବଂ ତାଙ୍କୁ ଅନନ୍ତକୁ ଶିଷ୍ୟ ଭାବରେ ଗ୍ରହଣ କରିବା ପାଇଁ ଅନୁରୋଧ କଲା। ଗୁରୁ ତାଙ୍କୁ ମଧ୍ୟ ଶିଷ୍ୟ ରୂପରେ ଗ୍ରହଣ କଲେ।

ଗୁରୁ ସିଦ୍ଧଯୋଗୀ ଦୁହିଁଙ୍କୁ ନିଜର ଶିଷ୍ୟ ଭାବରେ ଗ୍ରହଣ କଲେ। ଉଭୟେ ହର୍ଷବର୍ଦ୍ଧନ ଏବଂ ଅନନ୍ତ ଶିକ୍ଷା ପ୍ରତି ଗଭୀର ଆଗ୍ରହ ପ୍ରଦର୍ଶନ କଲେ। ଖୁବ୍ ଶୀଘ୍ର ଗୁରୁ ଲକ୍ଷ୍ୟ କଲେ ଯେ ଦୁହେଁ ପରସ୍ପରର ସମକକ୍ଷ। କିନ୍ତୁ ହର୍ଷବର୍ଦ୍ଧନ ସଦାସର୍ବଦା ନିଜକୁ ଅନନ୍ତଠାରୁ ଅଧିକ ଜ୍ଞାନୀ ଭାବରେ ନିଜକୁ ଦର୍ଶାଇବାକୁ ଚାହୁଁଥିଲେ। ଅନ୍ୟପକ୍ଷରେ ଅନନ୍ତ ରାଜକୁମାର ଭାବରେ ଏବଂ ଭବିଷ୍ୟତର ରାଜା ଭାବରେ ହର୍ଷବର୍ଦ୍ଧନଙ୍କୁ ଭକ୍ତି କରୁଥିଲେ ଏବଂ ସମ୍ମାନ ଦେଉଥିଲେ।

ସେ କେବେ ବି ଈର୍ଷା ପ୍ରଦର୍ଶନ କରୁନଥିଲେ କିମ୍ବା ନିଜକୁ ହର୍ଷବର୍ଦ୍ଧନଙ୍କ ଠାରୁ ଅଧିକ ଜ୍ଞାନୀ ପ୍ରମାଣିତ କରିବାକୁ ଉଦ୍ୟମ କରୁନଥିଲେ।

ଦିନେ ଗୁରୁଦେବଙ୍କ ସହିତ ଶିଷ୍ୟମାନେ ଗଭୀର ଜଙ୍ଗଲ ଭିତରକୁ ଯଜ୍ଞ ପାଇଁ କାଠ ଆଣିବାକୁ ଚାଲିଗଲେ। ସେମାନେ କାଠ ସଂଗ୍ରହ କରୁଥିବା ସମୟରେ ହଠାତ୍ ଗୋଟିଏ ଭାଲୁ ତାଙ୍କୁ ଆକ୍ରମଣ କଲା। ହର୍ଷବର୍ଦ୍ଧନ ବୀରତ୍ୱର ସହିତ ଭାଲୁ ସହିତ ଲଢ଼ିଲେ। କିନ୍ତୁ ଭାଲୁ ତାଙ୍କ ତୁଳନାରେ ବହୁତ ଶକ୍ତିଶାଳୀ ଥିଲା। ଅନନ୍ତ ହର୍ଷବର୍ଦ୍ଧନଙ୍କୁ ଦୂରକୁ ଠେଲିଦେଇ ନିଜେ ଭାଲୁ ସହିତ ଲଢ଼ିଲା ଏବଂ ଗଭୀର ଭାବରେ ଆଘାତପ୍ରାପ୍ତ ହେଲା। କିନ୍ତୁ ପଛକୁ ହଟିଲା ନାହିଁ। ଏତିକିବେଳେ ଗୁରୁ ଅନ୍ୟ

ରାଜା ଅଶୋକ ବର୍ଦ୍ଧନ ବିନ୍ଧ୍ୟବର୍ଦ୍ଧନୀ ରାଜ୍ୟରେ ରାଜୁତି କରୁଥିଲେ। ତାଙ୍କର ରାଜ୍ୟର ଦାକ୍ଷିଣାତ୍ୟର ସୀମା ନିକଟରେ ଗୋଟିଏ ଜଙ୍ଗଲ ରହିଥିଲା। ତାହାର ନାମ ଥିଲା ନୈମିଷ୍ୟାରଣ୍ୟ। ସିଦ୍ଧଯୋଗୀ ନାମକ ଜଣେ ସାଧୁ ସେହି ଜଙ୍ଗଲରେ ଗୁରୁକୁଳରେ ଛାତ୍ରମାନଙ୍କୁ ଶିକ୍ଷା ପ୍ରଦାନ କରୁଥିଲେ। ସିଦ୍ଧଯୋଗୀ ଜଣେ ସତ୍‌ପୁରୁଷ ଥିଲେ। ଏମିତି କୌଣସି ଯୁଦ୍ଧବିଦ୍ୟା ବା ଶାସ୍ତ୍ର ନାହିଁ ଯାହା ବିଷୟରେ ସେ ଜାଣିନଥିଲେ। ବହୁ ରାଜା ତାଙ୍କର ପୁତ୍ରମାନଙ୍କୁ ଆଇନ ଏବଂ ଯୁଦ୍ଧକୌଶଳ ଶିକ୍ଷା କରିବା ପାଇଁ ତାଙ୍କ ପାଖକୁ ପଠାଉଥିଲେ।

ରାଜା ଅଶୋକ ବର୍ଦ୍ଧନ ମଧ୍ୟ ତାଙ୍କର ପୁତ୍ର ହର୍ଷବର୍ଦ୍ଧନଙ୍କୁ ସାଧୁ ସିଦ୍ଧଯୋଗୀଙ୍କ ପାଖକୁ ନେଇଗଲେ। ସେ ସାଧୁଙ୍କୁ ତାଙ୍କର ପୁତ୍ରଙ୍କୁ ଶିଷ୍ୟ ଭାବରେ ଗ୍ରହଣ କରି ରାଜା ହେବାପାଇଁ ଯୋଗ୍ୟ

ଶିଷ୍ୟମାନଙ୍କ ଠାରୁ ଏହି ଭାଲୁ ଆକ୍ରମଣ ବିଷୟରେ ଶୁଣିଲେ। ଗୁରୁ କିଛି ମନ୍ତ୍ର ଜଳ ଭାଲୁ ଉପରେ ଛିଞ୍ଚିଦେଲେ। ଭାଲୁଟି ତାଙ୍କ ମନ୍ତ୍ର ଜଳ ପ୍ରଭାବରେ ଅଚେତ ହୋଇ ପଡ଼ିଗଲା।

ସିଦ୍ଧଯୋଗୀ ଗଭୀର ଆଘାତପ୍ରାପ୍ତ ଅନନ୍ତକୁ କୁଟୀରକୁ ନେଇଗଲେ ଏବଂ ଜଡ଼ିବୁଟି ରସ ଇତ୍ୟାଦି ଦେଇ ଚିକିତ୍ସା କଲେ। ଅନନ୍ତକୁ ସଂପୂର୍ଣ୍ଣ ସୁସ୍ଥ ହେବା ପାଇଁ ଗୋଟିଏ ସପ୍ତାହ ଲାଗିଗଲା।

ସାଧୁ ଅନନ୍ତ ସୁସ୍ଥ ହେବା ପରେ ପଚାରିଲେ ତୁମେ କାହିଁକି ନିଜ ଜୀବନକୁ ବିପନ୍ନ କରି ରାଜକୁମାରଙ୍କ ଜୀବନ ରକ୍ଷା କଲ। ଏହା ଶୁଣି ଅନନ୍ତ ଉତ୍ତର ଦେଲା, ‘‘ଆଜ୍ଞା, ହର୍ଷବର୍ଦ୍ଧନ ହେଉଛନ୍ତି ଭବିଷ୍ୟତର ରାଜା। ତାଙ୍କର ଜୀବନ ମୋ ପରି ସାଧାରଣ ନାଗରିକ ଜୀବନ ତୁଳନାରେ ଅଧିକ ମୂଲ୍ୟବାନ।’’ ସିଦ୍ଧଯୋଗୀ ଅନନ୍ତର ଉତ୍ତର ଶୁଣି ପ୍ରସନ୍ନ ମନେହେଲେ।

ହର୍ଷବର୍ଦ୍ଧନ ଏବଂ ଅନନ୍ତ ଜ୍ଞାନ ଓ କୌଶଳ କ୍ଷେତ୍ରରେ ପ୍ରାୟ ସମକକ୍ଷ ଥିଲେ। କିନ୍ତୁ ଅନନ୍ତ ଧନୁର୍ବିଦ୍ୟାରେ ହର୍ଷବର୍ଦ୍ଧନଙ୍କ ଠାରୁ ଅଧିକ ଦକ୍ଷ ଥିଲା। ହର୍ଷବର୍ଦ୍ଧନ ଏକଥା ଜାଣିଥିଲେ। ତେଣୁ ମନେ ମନେ ଏଥିପାଇଁ ଦୁଃଖ ଅନୁଭବ କରୁଥିଲେ ଓ ନିଜକୁ ଛୋଟ ମନେ କରୁଥିଲେ।

ଦିନେ ଗୁରୁ ଶିଷ୍ୟମାନଙ୍କୁ ତୀର ଚାଳନା ପ୍ରତିଯୋଗିତା ନିମନ୍ତେ ଦୁଇ ଦଳରେ ବିଭକ୍ତ କଲେ। ଅନନ୍ତ ଏବଂ ହର୍ଷବର୍ଦ୍ଧନ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଲେ ଏବଂ ସେମାନଙ୍କୁ ପରସ୍ପର ସହିତ ପ୍ରତିଯୋଗିତା କରିବାର ଥିଲା।

ଗୋଟିଏ ଗଛର ଶାଖାରେ ଫୁଲମାଳଟିଏ ଝୁଲି ରହିଥିଲା। ଗଛଠାରୁ ସାମାନ୍ୟ ଦୂରରେ ଦେବୀଙ୍କର ମୂର୍ତ୍ତିଟିଏ ରଖାଯାଇଥିଲା। ସେମାନେ ଏପରି ତୀର ଚାଳନା କରିବେ ଯେପରି ତୀର ଫୁଲମାଳରେ ବାଜିବ ଏବଂ ତୁରନ୍ତ ଆସି ଦେବୀଙ୍କ ଗଳାରେ ପଡ଼ିବ, ଫୁଲମାଳରୁ ଗୋଟିଏ ହେଲେ ଖସିବ ନାହିଁ। ଫୁଲମାଳ ଏଣେତେଣେ





ପଡିବ ନାହିଁ। ଏହା କଷ୍ଟକର ପ୍ରତିଯୋଗିତା ଥିଲା। କିଏ ବିଜୟୀ ହେବ ଦେଖିବା ପାଇଁ ସମସ୍ତେ ଉତ୍କଣ୍ଠାର ସହିତ ଚାହିଁ ରହିଥିଲେ।

ହର୍ଷବର୍ଦ୍ଧନ ପ୍ରଥମେ ଉଦ୍ୟମ କଲେ। ତାଙ୍କର ଧନୁତୀର ଫୁଲମାଳକୁ ଶାଖାରୁ ଓହ୍ଲାଇ ଆଣିଲା ଏବଂ ମାଳଟି ଦେବୀଙ୍କର ଗଳାରେ ପଡ଼ିଲା। ଗୋଟିଏ ହେଲେ ଫୁଲ ତଳେ ପଡିଲାନାହିଁ। ଅନନ୍ତ ମଧ୍ୟ ତୀର ମାରିଲା। ତା'ର ତୀର ମଧ୍ୟ ଫୁଲମାଳରେ ଲାଗିଲା ଏବଂ ଏହା ମଧ୍ୟ ଦେବୀଙ୍କ ଗଳାରେ ପଡ଼ିଲା।

କିନ୍ତୁ କେତୋଟି ଫୁଲ ରାସ୍ତାରେ ଝରିପଡ଼ିଲା। ସିଦ୍ଧଯୋଗୀ ହର୍ଷବର୍ଦ୍ଧନଙ୍କୁ ବିଜୟୀ ଘୋଷିତ କଲେ।

ସେଦିନ ରାତିରେ ସବୁ ଶିଷ୍ୟ ଶୋଇବାକୁ ଗଲେ। ସିଦ୍ଧଯୋଗୀ ଅନନ୍ତକୁ ପଚାରିଲେ, ''ପ୍ରିୟ ଅନନ୍ତ, ମୁଁ ଦେଖିଲି ଯେ ଆଜି ତୁମେ ଜାଣି ଜାଣି ଏହି ପ୍ରତିଯୋଗିତାରେ ହାରିଗଲ। ତୁମେ କାହିଁକି ଏପରି କଲ?'' ଅନନ୍ତ ଉତ୍ତର ଦେଲା, ''ଆଜ୍ଞା, ହର୍ଷବର୍ଦ୍ଧନ ମୋଠାରୁ ଧନୁର୍ବିଦ୍ୟାରେ କମ୍ ପ୍ରବୀଣ ମନେକରି ନିଜକୁ ନ୍ୟୁନ ମନେ କରୁଛନ୍ତି। ତାଙ୍କ ଭିତରର ଆତ୍ମବିଶ୍ୱାସକୁ ଦୃଢ଼ କରିବାପାଇଁ ମୁଁ ଜାଣି ଜାଣି ହାରିଗଲି।'' ସିଦ୍ଧଯୋଗୀ ଅନନ୍ତର ମନୋଭାବ ଦେଖି ପ୍ରଶଂସା କଲେ।

ତୀରଚାଳନା ପ୍ରତିଯୋଗିତାରେ ହର୍ଷବର୍ଦ୍ଧନ ସଫଳ ହେବା ପରେ ନିଜକୁ ଅନନ୍ତଠାରୁ ଅଧିକ ଦକ୍ଷ ମନେକଲେ। ଅନନ୍ତକୁ ନ୍ୟୁନ ଦୃଷ୍ଟିରେ ଦେଖିଲେ। ସେ ଅନ୍ୟ ଛାତ୍ରମାନଙ୍କୁ କହିଲେ ଯେ, ସେ ହେଉଛନ୍ତି ସବୁଠାରୁ ଅଧିକ ଦକ୍ଷ ଏବଂ ଅନନ୍ତ ପରି ୧୦ଜଣଙ୍କୁ ଥରକରେ ହରାଇପାରିବେ। ଅନନ୍ତ ଏକଥା ଶୁଣି କେବେ ବି ଦୁଃଖ ଅନୁଭବ କଲା ନାହିଁ। କିନ୍ତୁ ଗୁରୁ ସିଦ୍ଧଯୋଗୀ ହର୍ଷବର୍ଦ୍ଧନଙ୍କର ଏପରି ଆଚରଣରେ ଦୁଃଖିତ ଅନୁଭବ କଲେ।

ଥରେ ସେ ଅନନ୍ତକୁ ଡାକିଲେ ଏବଂ କହିଲେ, ''ପ୍ରିୟ ଅନନ୍ତ, ତୁମେ ହେଉଛ ମୋର ଶ୍ରେଷ୍ଠ ଶିଷ୍ୟ। ପ୍ରତ୍ୟେକ ଶିକ୍ଷକ ତାଙ୍କର ଶିଷ୍ୟମାନଙ୍କୁ ସାଧ୍ୟମତେ ଶିକ୍ଷା ଦେଇଥାନ୍ତି। କିନ୍ତୁ କେତେକ ସ୍ୱତନ୍ତ୍ର କୌଶଳ ସେ କେବଳ ପ୍ରିୟ ଛାତ୍ରମାନଙ୍କୁ କହିଥାନ୍ତି। ସମସ୍ତଙ୍କୁ ଶିଖାଇ ନଥାନ୍ତି। ତେଣୁ ମୁଁ ତୁମକୁ ତରବାରୀ ଚାଳନାର ଗୁପ୍ତ କୌଶଳ ଶିଖାଇବାକୁ ଯାଉଛି। ଏକଥା ଶୁଣି ଅନନ୍ତ ଉତ୍ତର ଦେଲା, ''ଗୁରୁଦେବ, ମୁଁ ଆପଣଙ୍କର ମୋ ପ୍ରତି ସ୍ୱତନ୍ତ୍ର ଆତ୍ମୀୟତା ଦେଖି ନିଜକୁ ଭାଗ୍ୟବାନ ମନେକରୁଛି। କିନ୍ତୁ ମୋର ଅନୁରୋଧ ଆପଣ ଏହି ଗୁପ୍ତ କୌଶଳ ହର୍ଷବର୍ଦ୍ଧନଙ୍କୁ ମଧ୍ୟ ଶିଖାନ୍ତୁ। କାରଣ ଏହା ତାଙ୍କୁ ଶତ୍ରୁମାନଙ୍କ କବଳରୁ ସୁରକ୍ଷିତ ରଖିବ। ଏହି ଗୁପ୍ତ କୌଶଳ ମୋଠାରୁ ତାଙ୍କର ଅଧିକ କାର୍ଯ୍ୟରେ ଲାଗିବ।

ସିଦ୍ଧଯୋଗୀ ପିଠି ଆପୁଡ଼ାଇ ଦେଇ କହିଲେ,

"ଅନନ୍ତ, ରାଜକୁମାରଙ୍କର ପରମ ସୌଭାଗ୍ୟ ତୁମପରି ବନ୍ଧୁ ପାଇଛନ୍ତି।"

କିଛିବର୍ଷ ପରେ ସମସ୍ତ ଶିଷ୍ୟ ସେମାନଙ୍କର ଶିକ୍ଷା ଓ ତାଲିମ ସମାପ୍ତ କଲେ। ଗୁରୁ ପିତାମାତାଙ୍କ ସମ୍ମୁଖରେ ଶିଷ୍ୟମାନଙ୍କର ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଗୋଟିଏ ପ୍ରତିଯୋଗିତା କରିବାକୁ ନିଷ୍ପତ୍ତି ନେଲେ। ସିଦ୍ଧଯୋଗୀ ସମସ୍ତ ପିତାମାତାଙ୍କ ସହିତ ରାଜକୁମାରଙ୍କ ନିକଟକୁ ମଧ୍ୟ ନିମନ୍ତ୍ରଣ ପଠାଇଲେ। ରାଜାଙ୍କ ସହିତ ବହୁ ବ୍ୟକ୍ତି ଆଗ୍ରହର ସହିତ ଏହି ପ୍ରତିଯୋଗିତା ଦେଖିବାକୁ ଆସିଲେ।

ଅନନ୍ତ ଏବଂ ହର୍ଷବର୍ଦ୍ଧନ ସମସ୍ତ ପ୍ରତିଯୋଗିତାରେ ପ୍ରଥମ ହେଲେ। ଶେଷରେ ସିଦ୍ଧଯୋଗୀ ଦୁହିଁଙ୍କ ପାଇଁ ଏକ ତରବାରୀ ଚାଳନା ପ୍ରତିଯୋଗିତାର ବ୍ୟବସ୍ଥା କଲେ। ସେମାନେ ବହୁ ସମୟ ପର୍ଯ୍ୟନ୍ତ ପରସ୍ପର ସହିତ ଲଢ଼ିଲେ। ବିଜୁଳି ବେଗରେ ତରବାରୀ ଗତି କରୁଥାଏ। କିଛି ସମୟ ପରେ ଅନନ୍ତ ଏକ ଭିନ୍ନ କୌଶଳରେ ହର୍ଷବର୍ଦ୍ଧନଙ୍କ ହାତରୁ ତରବାରୀ ତଳେ ପକାଇଦେଲା। ସିଦ୍ଧଯୋଗୀ ଅନନ୍ତକୁ ବିଜୟୀ ଘୋଷିତ କଲେ।

ଅନନ୍ତ ଗୁରୁକୁଳ ଛାଡ଼ି ଯିବାପୂର୍ବରୁ ଗୁରୁ ଅନନ୍ତକୁ କହିଲେ, "ପ୍ରିୟ ଅନନ୍ତ, ତୁମେ ଜଣେ ବଡ଼ ଯୋଦ୍ଧା। କେବଳ ବୀର ନୁହଁ, ଜ୍ଞାନୀ ମଧ୍ୟ। ତା'ଠାରୁ ବଡ଼ କଥା ହେଉଛି ତୁମେ ଜଣେ ପ୍ରକୃତ ବନ୍ଧୁ।" ଅନନ୍ତ ଭକ୍ତିପୂର୍ବକ ଗୁରୁଙ୍କର ପାଦ ସ୍ପର୍ଶ କରି ସେଠାରୁ ଚାଲିଗଲା।

କାହାଣୀ କହିସାରିବା ପରେ ବେତାଳ ରାଜାଙ୍କୁ ପଚାରିଲା, "ହେ! ରାଜନ୍, ସମୟ ଥିଲା ଯେତେବେଳେ ଅନନ୍ତ ନିଜ ଜୀବନକୁ ବିପନ୍ନ କରି ହର୍ଷବର୍ଦ୍ଧନଙ୍କ ଜୀବନ ରକ୍ଷା କଲା। ପୁଣି ଥରେ ଜାଣି ଜାଣି ନିଜେ ପ୍ରତିଯୋଗିତାରେ ହାରିଗଲା। ରାଜକୁମାର ତାଙ୍କର କୌଶଳକୁ ନେଇ ଗୌରବ



ଅନୁଭବ କଲେ। କିନ୍ତୁ ଶେଷ ପରୀକ୍ଷାରେ ଅନନ୍ତ ଉତ୍ତମ ପ୍ରଦର୍ଶନ କରି ହର୍ଷବର୍ଦ୍ଧନଙ୍କୁ ହରାଇଦେଲା। ସେ କାହିଁକି ଶେଷ ପରୀକ୍ଷାରେ ବିପରୀତ ଆଚରଣ କଲା? ସେ କ'ଣ ନିଜର ପିତାମାତା ଏବଂ ଅନ୍ୟ ଶିଷ୍ୟମାନଙ୍କ ସମ୍ମୁଖରେ ନିଜକୁ ଶ୍ରେଷ୍ଠ ପ୍ରମାଣିତ କରିବାକୁ ଚାହୁଁଥିଲା? ସେ କ'ଣ ପିତାଙ୍କୁ ନିରାଶ କରିବାକୁ ଚାହୁଁନଥିଲା? କିମ୍ବା ସେ ଭାବୁଥିଲା ଯେ ରାଜାଙ୍କ ସମ୍ମୁଖରେ ବିଜୟୀ ହେଲେ ତାକୁ ଉତ୍ତମ ପୃଷ୍ଠପୋଷକତା ଏବଂ ସୁଯୋଗ ମିଳିବ? ସେ ରାଜପ୍ରାସାଦରେ କାର୍ଯ୍ୟ କରିପାରିବ? ସିଦ୍ଧଯୋଗୀ ଅନନ୍ତକୁ ଉତ୍ତମ ବନ୍ଧୁ ଏବଂ ଜ୍ଞାନୀ ବ୍ୟକ୍ତି କହି ପ୍ରଶଂସା କରିବା କେତେଦୂର ଯଥାର୍ଥ? ଯଦି ତୁମେ ଏହି ପ୍ରଶ୍ନର ଉତ୍ତର ଜାଣି ନୀରବ ରହିବ ତେବେ ତୁମର ଶିର ଶତଧା ବିଦୀର୍ଣ୍ଣ ହେବ।"

ରାଜା ବିକ୍ରମ ଉତ୍ତର ଦେଲେ, "ବେତାଳ,

ଅନନ୍ତ ଉଦ୍ଦେଶ୍ୟମୂଳକ ଭାବରେ ରାଜକୁମାରଙ୍କ ଠାରୁ ପରାସ୍ତ ହୋଇଥିଲା। ସେ ଆଶା କରୁଥିଲା ଯେ ଏହାଦ୍ୱାରା ହର୍ଷବର୍ଦ୍ଧନଙ୍କର ନିଜର କୌଶଳ ଉପରେ ଆସ୍ଥା ବଢ଼ିବ। ଏହା ପରିବର୍ତ୍ତେ, ସେ ଅଧିକ ଉଗ୍ର ହୋଇଉଠିଲେ ଏବଂ ନିଜକୁ ସ୍ୱୟଂସଂପୂର୍ଣ୍ଣ ମନେକଲେ ଓ ଅନନ୍ତ ଯେ କି ନିଜର ଜୀବନ ବିପନ୍ନ କରି ତାଙ୍କୁ ଉଦ୍ଧାର କରିଥିଲା ତାକୁ ନ୍ୟୁନ ଦୃଷ୍ଟିରେ ଦେଖିଲେ। ଭବିଷ୍ୟତର ରାଜାଙ୍କ ପାଇଁ ଉଗ୍ରତା ଆଦୌ ସ୍ୱାଗତଯୋଗ୍ୟ ନୁହେଁ। ଏହା କେବଳ ରାଜାଙ୍କର ନୁହେଁ ରାଜ୍ୟର ମଧ୍ୟ କ୍ଷତି କରିଥାଏ। ଅନନ୍ତ ଏକଥା ହୃଦୟଙ୍ଗମ କରିଥିଲା। ରାଜ୍ୟ ତଥା ରାଜାଙ୍କର ମଙ୍ଗଳ ପାଇଁ ଚିନ୍ତିତ ଥିଲା। ରାଜକୁମାରଙ୍କ ମନରୁ ଏପରି ଭାବନା ଦୂର କରିବା ପାଇଁ ମନେମନେ ନିଷ୍ପତ୍ତି ନେଇଥିଲା। ତେଣୁ ସେ ଶେଷ ପରୀକ୍ଷାରେ ହର୍ଷବର୍ଦ୍ଧନଙ୍କ ସହିତ ଲଢ଼ିବା ସମୟରେ ସଂପୂର୍ଣ୍ଣ ଏକାଗ୍ରତାର ସହିତ ଲଢ଼ିଥିଲା ଏବଂ ହର୍ଷବର୍ଦ୍ଧନଙ୍କୁ ହରାଇବାକୁ ଚାହିଁଥିଲା। ସେ ତାଙ୍କୁ ଚେତାଇ ଦେବାକୁ ଚାହୁଁଥିଲା ଯେ ସଦାସର୍ବଦା ସେ ବିଜୟୀ ହୋଇନପାରନ୍ତି। ତାଙ୍କଠାରୁ ମଧ୍ୟ କେହି ଅଧିକ ଦକ୍ଷ ଏବଂ ବୀର ହୋଇପାରନ୍ତି।ସେ ତାଙ୍କୁ ହରାଇ ତାଙ୍କ ଭିତରେ ଏହି ହାରିବାକୁ ପ୍ରତିଫଳିତ କରିବାକୁ ଚାହୁଁଥିଲା, ଯାହାଦ୍ୱାରା ସେ ଶ୍ରେଷ୍ଠ ନୁହନ୍ତି, ତାଙ୍କ ମନରୁ ଏହି ଭାବନା ଦୂର କରିପାରିବ। ଅନନ୍ତ ନିଜ ବାପାଙ୍କୁ ଖୁସି କରାଇବା ପାଇଁ ହର୍ଷବର୍ଦ୍ଧନଙ୍କୁ ହରାଇନଥିଲେ। ସେ ରାଜଦରବାରରେ ଉଚ୍ଚ ପଦ ପାଇବା ପାଇଁ ରାଜାଙ୍କୁ ପ୍ରଭାବିତ କରିବାକୁ ମଧ୍ୟ ଚାହୁଁନଥିଲେ। ପ୍ରକୃତ ବନ୍ଧୁ ସଦାସର୍ବଦା ନିଜର ବନ୍ଧୁଙ୍କର ମଙ୍ଗଳ କାମନା କରନ୍ତି। ସେ ତାଙ୍କର ବନ୍ଧୁଙ୍କୁ ପତନରୁ ରକ୍ଷା କରିବାକୁ ଚାହାନ୍ତି ଏବଂ ଚେଷ୍ଟା କରନ୍ତି। ଗୁରୁ ସିଦ୍ଧଯୋଗୀ ଏକଥା ଭଲଭାବରେ ଜାଣିଥିଲେ। ସେ ଅନନ୍ତର ପ୍ରକୃତ ଉଦ୍ଦେଶ୍ୟ ଭଲଭାବରେ ବୁଝିପାରିଥିଲେ। ସେହି କାରଣରୁ ଅନନ୍ତକୁ ଡାକି ଆଶୀର୍ବାଦ ଦେଇଥିଲେ ଏବଂ ଜଣେ ଜ୍ଞାନୀ, ଗୁଣୀ ତଥା ଉତ୍ତମ ବନ୍ଧୁ ଭାବରେ ତାଙ୍କର ପ୍ରଶଂସା କରିଥିଲେ।

ରାଜା ବିକ୍ରମଙ୍କର ନୀରବତା ଭଙ୍ଗ ହେବା ମାତ୍ରେ ଶବସ୍ଥିତ ବେତାଳ ପୁନର୍ବାର ଅଦୃଶ୍ୟ ହୋଇଗଲା ଏବଂ ବୃକ୍ଷରେ ଓଲଟା ଝୁଲିପଡିଲା।

–ଏନ୍.ଶିବା ନାଗେଶ୍ୱର ରାଓ





ଅଦୃଶ୍ୟ ଉପହାର

ଦୀର୍ଘଦିନ ଧରି ସ୍ୱର୍ଣ୍ଣ ସୁନନ୍ଦିନୀ ରାଜ୍ୟର ରାଜା ଆକାଶ ଦୀପ୍ତଙ୍କର କୌଣସି ସନ୍ତାନ ସନ୍ତତି ହେଲେନାହିଁ। ରାଜା ଓ ରାଣୀ ଚିନ୍ତିତ ହୋଇପଡିଲେ। ମନେ ମନେ ଦୁଃଖ କଲେ।

ଦେବଦେବୀଙ୍କର ଆଶୀର୍ବାଦ କାମନା କଲେ। ରାଜଦମ୍ପତି ବହୁ ଧାର୍ମିକ ପୂଜାର୍ଚ୍ଚନା ଆୟୋଜନ କଲେ ଏବଂ ବହୁ ବ୍ରତ ଉପବାସ କଲେ ଏବଂ ସନ୍ତାନ ସନ୍ତତି ପାଇଁ ଅନେକ ପ୍ରାର୍ଥନା କଲେ। ବହୁ ସାଧୁସନ୍ୟାସୀଙ୍କ ପାଖକୁ ଆଶୀର୍ବାଦ ଭିକ୍ଷା କରିବାକୁ ଗଲେ।

ସମସ୍ତ ପୂଜା ଅର୍ଚ୍ଚନା ଏବଂ ଉପବାସ ବ୍ରତ ଶେଷରେ ଫଳବତୀ ହେଲା। ପ୍ରଭୁଙ୍କର ଦୟା ହେଲା ଏବଂ ରାଣୀ ବକୁଳଦେବୀ ଗର୍ଭବତୀ ହେଲେ। ରାଜାରାଣୀଙ୍କର ମନରେ ପ୍ରସନ୍ନତା ଦେଖାଦେଲା। ଉପଯୁକ୍ତ ସମୟରେ ସୁସ୍ଥ କନ୍ୟା ସନ୍ତାନଟିଏ ଜନ୍ମ ଦେଲେ।

ରାଜଦମ୍ପତି ଆନନ୍ଦରେ ଆତ୍ମହରା ହୋଇପଡିଲେ। ସେମାନେ କନ୍ୟାର ନାମ ଦେଲେ ସ୍ୱର୍ଣ୍ଣଦୀପିକା। ବହୁତ ଆଦର ଯତ୍ନରେ ପିଲାଟିକୁ ପାଳିଲେ।

ବର୍ଷଟିଏ ବିତିଗଲା। ରାଜା ଆକାଶଦୀପ ମହା ଆଡ଼ମ୍ବରରେ ଝିଅର ଜନ୍ମଦିନ ପାଳନ କରିବାକୁ ନିଷ୍ପତ୍ତି ନେଲେ। ସେ ଏହି ମହୋତ୍ସବରେ ଯୋଗଦେବାକୁ ସମସ୍ତ ନାଗରିକଙ୍କୁ ନିମନ୍ତ୍ରଣ କରିବାକୁ ଚାହିଁଲେ। ସମଗ୍ର ରାଜ୍ୟରେ ଢେଣ୍ଡୁରା ପିଟି ଘୋଷଣା କଲେ। ରାଜ୍ୟବାସୀ ନିମନ୍ତ୍ରଣ ପାଇ ଭାରି ଆନନ୍ଦିତ ହେଲେ। ସେମାନେ ଯଥାସମ୍ଭବ ରାଜକନ୍ୟାଙ୍କ ପାଇଁ ଶ୍ରେଷ୍ଠ ଉପହାର ନେବାକୁ ମନେ ମନେ ଚିନ୍ତା କଲେ।

ରାଜ୍ୟରେ ଶିବା ନାମକ ଗୋଟିଏ ମୋଚି ରହୁଥିଲା। ଶିବା ଭାରି ଦରଦୀ। ସେ ସଦାସର୍ବଦା ଦୁଃଖୀ ଦରିଦ୍ରମାନଙ୍କୁ ସାହାଯ୍ୟ କରୁଥିଲା। ତା'ର ଆୟ ଥିଲା ଖୁବ୍ କମ୍ ଏବଂ ଦିନକରେ ଯାହା ଆୟ କରୁଥିଲା ସବୁ ଖର୍ଚ୍ଚ ହୋଇଯାଉଥିଲା।

ଏନ୍.ଲଳିତା

Digitized by
Deb's Library Corner
https://t.me/debslibrarycorner



ରାଜକୁମାରୀଙ୍କର ଜନ୍ମଦିନ ପାଖେଇ ଆସିଲା, ଶିବା ସେଦିନର ଆୟରେ ରାଜକନ୍ୟାଙ୍କ ପାଇଁ ଉପହାର କିଣିବାକୁ ଚିନ୍ତା କଲା। ସେ ଦିନଟି ଭୋକରେ ରହିବା ପାଇଁ ପ୍ରସ୍ତୁତ ହେଲା। କିନ୍ତୁ ଦୁଃଖର କଥା ସେଦିନ କେହି ଜୋତା ମରାମତି କରିବାକୁ ଆସିଲେ ନାହିଁ। ଶିବା ମନେ ମନେ ଦୁଃଖ କଲା।

ସେ ଦୁଃଖିତ ହେଲା ଯେ ଛୋଟିଆ ଉପହାରଟିଏ ମଧ୍ୟ କିଣିପାରିଲା ନାହିଁ। ତେଣୁ ବିନା ଉପହାରରେ ଭୋଜି ଖାଇବାକୁ ଯିବାକୁ ତା'ର ମନ ହେଲାନାହିଁ।

ଏତିକିବେଳେ, ସେ ରାଜାଙ୍କର ଆଦର ଅଭ୍ୟର୍ଥନା ମଧ୍ୟ ହରାଇବାକୁ ଚାହୁଁନଥିଲା। ଶେଷରେ ଶିବା କୌଣସି ଉପହାର ବ୍ୟତୀତ ଭୋଜିକୁ ଯିବାକୁ ମନସ୍ଥ କଲା।

ଶିବା ମହୋତ୍ସବ ଆୟୋଜିତ ହୋଇଥିବା ସ୍ଥାନରେ ପହଞ୍ଚିଲାବେଳକୁ, ସେଠାରେ ବହୁସଂଖ୍ୟକ କର୍ମଚାରୀ ଏକାଠି ହୋଇଥିବାର ଦେଖିଲା। ସେମାନେ ଧାଡ଼ିହୋଇ ଠିଆ ହୋଇଥିଲେ ଏବଂ କୁନି ରାଜକୁମାରୀଙ୍କ ପାଇଁ ଉପହାରଗୁଡ଼ିକୁ ପ୍ରଦାନ କରୁଥିଲେ।

କେତେକ ଦାସଦାସୀ ଏହି ଉପହାରଗୁଡ଼ିକୁ ସଂଗ୍ରହ କରିନେଉଥିଲେ ଏବଂ ଉପହାର ଦେଇଥିବା ବ୍ୟକ୍ତିଙ୍କର ନାମ ଓ ଅନ୍ୟାନ୍ୟ ସୂଚନା ଲେଖି ରଖୁଥିଲେ।

ଶିବା ତା'ର ଦାରିଦ୍ର୍ୟ କାରଣରୁ କିଛି ଉପହାର କିଣିପାରି ନଥିବାରୁ ମନେମନେ ହତାଶା ଅନୁଭବ କରୁଥିଲା।

ଯେତେବେଳେ ଶିବା ପାଳି ଆସିଲା ଯେଉଁ ବ୍ୟକ୍ତି ତାଲିକା କରୁଥିଲେ ପଚାରିଲେ, ''ଦୟାକରି ମୋତେ ଆପଣଙ୍କର ନାମ ଏବଂ ଆପଣ ଆଣିଥିବା ଉପହାର ବିଷୟରେ କହନ୍ତୁ।''

ଶିବା ଉତ୍ତର ଦେଲା, ମୋର ନାମ ଶିବା, ମୁଁ ଆଣିଥିବା ଉପହାର ସ୍ଥାନରେ ଲେଖନ୍ତୁ ''ଅଦୃଶ୍ୟ ଉପହାର।''

ଏକଥା ଶୁଣି ରାଜାଙ୍କର କର୍ମଚାରୀ ଆଶ୍ଚର୍ଯ୍ୟ ହେଲେ। ସେ ପଚାରିଲେ, ''ତୁମେ କୌଣସି ଉପହାର ଆଣିନାହଁ। ତା' ପରିବର୍ତ୍ତେ ମୋତେ କହୁଛ ଲେଖ ''ଅଦୃଶ୍ୟ ଉପହାର''! ଏହା କେମିତି ହେବ?'' ''ମୁଁ ତୁମକୁ କହିଲି ଅଦୃଶ୍ୟ ଉପହାର। ଏହାକୁ କେବଳ ତୁମେ ନୁହଁ କେହି ବି ଦେଖିପାରିବେ ନାହିଁ।'' ଶିବା କହିଲା।

ରାଜାପ୍ରାସାଦର କର୍ମଚାରୀ ଭାବିଲେ ଶିବା ଏକ ଅଦ୍ଭୁତ ବ୍ୟକ୍ତି ଏବଂ ସେଠାରେ ଲେଖିଲେ ''ଅଦୃଶ୍ୟ ଉପହାର''। ତା'ପରେ ଶିବା ଭିତରକୁ ପ୍ରବେଶ କଲା। ସେ ମନ ଆନନ୍ଦରେ ଭୋଜି ଖାଇଲା ଏବଂ ଘରକୁ ଫେରିଆସିଲା।

ପରଦିନ ରାଣୀ ବକୁଳଦେବୀ ଝିଅ ପାଇଁ

କିଏ କ'ଣ ଉପହାର ଆଣିଛନ୍ତି ଜାଣିବା ପାଇଁ ତାଲିକା ଦେଖିଲେ। ସେ ତାଲିକାଟି ମଗାଇଲେ।

ଗୋଟି ଗୋଟି କରି ଦେଖି ଚାଲିଥାଆନ୍ତି। ''ଅଦୃଶ୍ୟ ଉପହାର'' ତାଲିକାରେ ଦେଖି ଆଶ୍ଚର୍ଯ୍ୟ ହେଲେ। ଶିବାର ନାମ ଲେଖା ଥିବାର ଦେଖିଲେ। ଏ ବିଷୟରେ ରାଜାଙ୍କୁ କହିଲେ।

ରାଜା ଆକାଶଦୀପ୍ତ ଶିବାକୁ ଡକାଇ ପଠାଇଲେ। ଶିବା ଉପସ୍ଥିତ ହେଲା। ରାଜା ତାଙ୍କୁ ପଚାରିଲେ, ''ଶିବା, ମୁଁ ତୁମର ଅଦୃଶ୍ୟ ଉପହାର ବିଷୟରେ ଜାଣିବାକୁ ଚାହେଁ। ତେଣୁ ମୁଁ ତୁମକୁ ଡକାଇ ପଠାଇଛି।''

ଏକଥା ଶୁଣି ଶିବା ଉତ୍ତର ଦେଲା, ''ମଣିମା, ମୁଁ ଗୋଟିଏ ଗରିବ ଜୋତା ମରାମତି କରୁଥିବା ବ୍ୟକ୍ତି। ରାଜକୁମାରୀଙ୍କ ଜନ୍ମ ଦିନ ଅବସରରେ ମୁଁ ଦିନକର ଆୟ ଖର୍ଚ୍ଚ କରିବାକୁ ପ୍ରସ୍ତୁତ ଥିଲି। କିନ୍ତୁ ସେଦିନ ମୋର କିଛି ଆୟ ହେଲାନାହିଁ। କିଛି ସମୟ ଚିନ୍ତା କରି ମୁଁ ଅଦୃଶ୍ୟ ଉପହାର ବିଷୟରେ ମନେ ପକାଇଲି ଏବଂ ତାହା ହିଁ ଝିଅକୁ ପ୍ରଦାନ କଲି। ତାହା ଆଉ କିଛି ନୁହେଁ, ରାଜକୁମାରୀଙ୍କ ପାଇଁ ମୋର ଆନ୍ତରିକ ଶୁଭକାମନା, ଅନେକ ଅନେକ ଶୁଭେଚ୍ଛା।''

ଏକଥା ଶୁଣି ଆକାଶଦୀପ ମନେ ମନେ ଖୁବ୍ ଖୁସି ହେଲେ। ସେ ଶିବାକୁ ସ୍ନେହର ସହିତ କହିଲେ, ''ତୁମର ଶୁଭକାମନା ଏବଂ ଆଶୀର୍ବାଦ ଅନ୍ୟ ଅନେକ ମୂଲ୍ୟବାନ ଅଳଙ୍କାର ଠାରୁ ଅଧିକ ମୂଲ୍ୟ ରଖେ।'' ତା' ବଦଳରେ ରାଜା ଶିବାକୁ ବହୁ ମୂଲ୍ୟବାନ ଉପହାର ଦେଲେ।

ଶିବା କହିଲା, ''ମଣିମା, ଆପଣ କହିଲେ ଯେ ମୋର ଆଶୀର୍ବାଦ ରାଜ୍ୟର ବହୁ ବ୍ୟକ୍ତି ଦେଇଥିବା ମୂଲ୍ୟବାନ ଅଳଙ୍କାର ତୁଳନାରେ ଅଧିକ ମୂଲ୍ୟବାନ।

ତେଣୁ, ମୋର ଆନ୍ତରିକ ଅନୁରୋଧ ଆପଣ ଦେଉଥିବା ସମ୍ମାନ ମୋ ପାଇଁ ଏହି ମୂଲ୍ୟବାନ ଉପହାରଠାରୁ ଅଧିକ ମୂଲ୍ୟ ରଖେ। ତେଣୁ ମୁଁ ଏହି ଉପହାର ଗ୍ରହଣ କରିପାରିବି ନାହିଁ। ଦୟାକରି ମୋତେ କ୍ଷମା କରିଦିଅନ୍ତୁ।''

ତା'ପରେ ସେ ରାଜାଙ୍କ ଠାରୁ ମେଲାଣି ମାଗି ଫେରିଆସିଲା ଏବଂ ନିଜ କୁଡ଼ିଆରେ ପହଞ୍ଚିଲା।

ପରବର୍ତ୍ତୀ ସମୟରେ ରାଜା ଶିବାକୁ ଉତ୍ତମ ବେତନ ମିଳୁଥିବା କାର୍ଯ୍ୟରେ ନିଯୁକ୍ତ କଲେ। ଶିବା ମନଦେଇ କାମ କଲା। ଭଲରେ ଦି'ପଇସା ରୋଜଗାର କରି ଆନନ୍ଦରେ ଜୀବନ ବିତାଇଲା।



ପ୍ରକୃତ ଆନନ୍ଦ

ଦେଢ଼ବର୍ଷ ତଳର କଥା। ପପୁର ବାପା ପାରିବାରିକ ଆବଶ୍ୟକତା ପାଇଁ ସହରର ମହାଜନଙ୍କ ଠାରୁ ୨୦ହଜାର ଟଙ୍କା ଋଣ ନେଇଥିଲେ। ମହାଜନ କାଠ ବ୍ୟବସାୟ କରୁଥିଲା। ବିଭିନ୍ନ ବ୍ୟକ୍ତିଙ୍କୁ ଋଣ ଦେଉଥିଲା। ଯଦି କୌଣସି ବ୍ୟକ୍ତି ଋଣ ଫେରାଇବାକୁ ସମର୍ଥ ହେଉନଥିଲେ ସେ କହୁଥିଲା,

‘‘ତୁମ ବାରିପଟେ କ୍ଷେତରେ ବର ଗଛ ଅଛି। ତୁମେ ଚତୁର। ମୁଁ କ’ଣ କହୁଛି ତୁମେ ବୁଝିପାରୁଥିବ। ମୋତେ କୁହ, ସେଥିପାଇଁ କେତେ ମୂଲ୍ୟ ନେବ? ତୁମର ଋଣ ମଧ୍ୟ ପରିଶୋଧ ହୋଇଯିବ।’’

ଏବେ ପପୁର ବାପାଙ୍କର ଋଣ ମଧ୍ୟ ଦିନକୁ ଦିନ ବଢ଼ିଚାଲିଥିଲା। ଏବେ ଏହା ୨୫ହଜାର ଟଙ୍କାରେ ପହଞ୍ଚିଥିଲା। ମହାଜନ ବାରମ୍ବାର ଟଙ୍କା ପରିଶୋଧ କରିବା ପାଇଁ ଖବର ପଠାଉଥିଲେ। କିନ୍ତୁ ତାଙ୍କର ବାପା ଋଣ ପରିଶୋଧ କରିବାକୁ ସମର୍ଥ ହେଉନଥିଲେ। ତାଙ୍କର ଛୋଟିଆ ଜମିଟିଏ ଥିଲା। ସେଥିରେ ଚାଷବାସ କରି ବାପା ପରିବାରର ଗୁଜୁରାଣ ମେଣ୍ଟାଉଥିଲେ ଏବଂ ଘର ସମ୍ମୁଖରେ ଥିଲା ଏକ ବରଗଛ। ଏହି ବରଗଛଟି ସେମାନଙ୍କର ପୈତୃକ ସଂପତ୍ତି ପରି ଥିଲା। କିଛି ଦିନ ତଳେ ବନ୍ୟା ଆସିଲା, କ୍ଷେତକୁ ଧୋଇ ନେଲା। ଅନ୍ୟଥା ସେମାନେ ଖୁସିରେ ରହିଥାନ୍ତେ। ଏ ବର୍ଷ ମଧ୍ୟ କ୍ଷେତରେ ସୁନ୍ଦର ଶସ୍ୟ ଦେଖି ସେମାନେ ଆନନ୍ଦିତ ହେଉଥିଲେ, ‘ଈଶ୍ୱରଙ୍କର ଇଚ୍ଛା ଥିଲେ, ଏଥର ଶସ୍ୟ ବିକ୍ରି ସମସ୍ତ ଋଣ ପରିଶୋଧ କରିବେ।’ କିନ୍ତୁ ଭବିଷ୍ୟତରେ କଣ ଘଟିବ କେହି ଜାଣନ୍ତି ନାହିଁ। ଦିନେ ସକାଳେ ମହାଜନଙ୍କର ଶଗଡ଼ ଗାଡ଼ି ପପୁର ଗାଁରେ ପହଂଚିଲା। ଚାରିଆଡ଼େ ଧୂଳି ଉଡୁଥିଲା। ଏହା ସିଧା ଆସି ପପୁର ଘର ସମ୍ମୁଖରେ ଠିଆ ହେଲା।

ମହାଜନଙ୍କୁ ଦେଖି, ପପୁର ବାପା ବୁଝିଗଲେ

ଦର୍ଶନ ସିଂ ‘‘ଅସତ୍’’

Digitized by
Deb's Library Corner
https://t.me/debslibrarycorner

ଯେ କିଛି ଅଘଟଣ ନିଶ୍ଚୟ ଘଟିବ। ସେ ତାଙ୍କର ବଦନାମ ହେବ ବୋଲି ଭୟ କରୁଥିଲେ।

ସେ ଭାବୁଥିଲେ ମହାଜନ ଋଣ ଦେବା ପାଇଁ ବଡ଼ ପାଟିରେ ଚିତ୍କାର କରିବ ନାହିଁ। ଯଦି ମହାଜନ ପାଟିତୁଣ୍ଡ କରିବେ ମାନମହତ ଯିବ।

ମହାଜନ କଠୋର ଗଳାରେ ପପୁର ବାପାଙ୍କ ସହିତ କଥାବାର୍ତ୍ତା କଲେ। ସେ କହିଲେ, ''ନାଥୁମଲ! ଏବେ ମୋର ଟଙ୍କା ମୋତେ ଫେରାଇ ଦିଅ। ମୁଁ ତୁମର ଆବଶ୍ୟକତା ପୂରଣ କରିଛି। ବର୍ତ୍ତମାନ ତୁମେ ମଧ୍ୟ ମୋର ଆବଶ୍ୟକତା ପୂରଣ କରିଦିଅ। ମୋର ଏବେ କିଛି ଟଙ୍କା ଆବଶ୍ୟକ। ତୁମେ ବହୁ ଦିନ ହେଲା ମୋର ଋଣ ପରିଶୋଧ କରିନାହଁ।''

ତା'ପରେ ସେ ଏହିପରି ବିଭିନ୍ନ କଥା କହି ମୁଖ୍ୟ ବିଷୟ ଉପରକୁ ଆସିଲେ। ସେ ଜାଣିଥିଲେ ଯେ ତାଙ୍କ ଘର ସମ୍ମୁଖରେ ଥିବା ବରଗଛଟି ସେମାନଙ୍କର। ସେ କହିଲେ, ''ତୁମେ ଏହି ବରଗଛ ରଖି କଣ କରିବ? ଏହି ଗଛଟି ମୋତେ ଦେଇଦିଅ। ତୁମକୁ ଋଣ ମୁକ୍ତ କରିଦେବି। ତୁମକୁ ଆଉ ଚିନ୍ତା କରିବାକୁ ପଡ଼ିବ ନାହିଁ।''

ମହାଜନଙ୍କଠାରୁ ଏ କଥା ଶୁଣି ପପୁର ବାପା ଚମ୍‌କି ପଡିଲେ। ସେ ବରଗଛଟି ବିକ୍ରି କରିବାକୁ ଚାହୁଁ ନ ଥିଲେ। କିନ୍ତୁ କଣ ବା କରିପାରନ୍ତେ? ବଦନାମ ହେବାର ଭୟ ମଧ୍ୟ ଥିଲା।

ଶେଷରେ ସେ ବାଧ୍ୟବାଧକତାରେ ବରଗଛଟିକୁ ବିକ୍ରି କରିବା ପାଇଁ ସମ୍ମତି ପ୍ରକାଶ କଲେ। ତାଙ୍କୁ ଲାଗୁଥିଲା ଯେମିତି ସେ ଗଛଟି ବିକ୍ରି କରୁ ନାହାନ୍ତି ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ବିକ୍ରି କରୁଛନ୍ତି। ମହାଜନ ସନ୍ତୁଷ୍ଟ ହୋଇ ଚାଲିଗଲେ। ଏ କଥା ଶୁଣି ପପୁ ନିଜର ଦୁଃଖକୁ ରୋକିପାରିଲା ନାହିଁ।



''କଣ?!!''

ପପୁର ସ୍କୁଲର ସାଙ୍ଗ ଆକି ଏ କଥା ଶୁଣିଲା। ଏ କଥା ଶୁଣି ତାକୁ ମନେ ହେଲ ଯେମିତି ତାହା ଉପରେ ପାହାଡ଼ ମାଡିବସିଲା। ''ତେବେ ଆମେ କେଉଁଠି ଦୋଳି ଖେଳିବା?''

ଆକି ଯେତେବେଳେ ଏ କଥା ପିଟୋକୁ କହିଲା ସେ ମଧ୍ୟ ବିଶ୍ୱାସ କରିପାରିଲା ନାହିଁ। ସେ ଭାବିଲା ବୋଧହୁଏ ଆକି ଥଟ୍ଟା କରୁଛି। ସେ କହିଲା, ''ଚୁପ୍‌କର୍ ମିଛେଇ। ଏମିତି କେମିତି କେହି ଜଣେ ଗଛଟିକୁ କାଟିଦେବ?

ଗୁରୁପା, ଯେ କି ଦୋଳି ବାନ୍ଧିବା ପାଇଁ ଆଖି ପିଛୁଳାକେ ଗଛରେ ଚଢ଼ିଯାଏ ସେ ମଧ୍ୟ ଏ କଥା ଜାଣିଲା। ସେ କହିଲା, ''ସେ ଗଛରେ ପକ୍ଷୀ ଦେଇଥିବା ଦୁଇଟି ଅଣ୍ଡାର ଭବିଷ୍ୟତ କଣ? ମଇନାର ବସାରେ ଛୋଟ ଛୋଟ ଛୁଆଗୁଡିକ ବୋବାଉଛନ୍ତି। ସେମାନେ କଣ କରିବେ?''



ଗୁଣ୍ଡୁଚି କହିଲା, 'ମୁଁ ମଧ୍ୟ ସେହି କଥା ପଚାରିବାକୁ ଯାଉଥିଲି। ଅଜଣା ଆଶଙ୍କାରେ ମୋର ମଧ୍ୟ ଛାତି ଥରୁଛି।''

ହଠାତ୍, ମହାଜନଙ୍କର ଶଗଡ଼ ଆସି ପହଂଚିଲା। ଏହା ପପୁର ଘର ସମ୍ମୁଖରେ ଅଟକିଲା ଏବଂ କିଛି ଲୋକ ସେଥିରୁ ଓହ୍ଲାଇ ପଡ଼ିଲେ। ମହାଜନ ମଧ୍ୟ ସେମାନଙ୍କ ସାଙ୍ଗରେ ଥିଲେ। ସେମାନେ ହାତରେ କୁରାଢ଼ି ଏବଂ ଫାଉଡ଼ା ଧରିଥିଲେ।

ପପୁରର ବାପା ମହାଜନଙ୍କ ପାଖରେ ଠିଆ ହୋଇଥିଲେ। ସେ ମୁଣ୍ଡ ନୁଆଁଇ ଠିଆ ହୋଇଥିଲେ। ଯେମିତି ନିଜକୁ ନିୟନ୍ତ୍ରଣ କରିପାରୁ ନ ଥିଲେ। ଜଂଗଲ ନିଆଁ ଲାଗିବା ପରି ବରଗଛ କାଟିବାକୁ ମହାଜନ ଆସିଥିବା କଥା ଚାରିଆଡେ ବ୍ୟାପିଗଲା। ପିଲାମାନେ ଏ କଥା ଶୁଣି ବିଶ୍ୱାସ କରି ନ ପାରି ପରସ୍ପର ମୁହଁକୁ ଚାହିଁଲେ।

ପପୁର ବିଲୁ ନାମ ଗୋଟିଏ ସାଙ୍ଗ ଥିଲା। ସେ ପପୁଠାରୁ ଦୁଇ ବର୍ଷ ବଡ଼। ସେ ଭାରି ସ୍ୱର୍ଣକାତର। ତା' ମନକୁ କଥାଟିଏ ଆସିଲା। ସେ ସାଙ୍ଗମାନଙ୍କୁ କହିଲା। ସମସ୍ତେ ପ୍ରସ୍ତୁତ ହୋଇଗଲେ। ଖୁବ୍ ଶୀଘ୍ର ସମସ୍ତେ ଏ ବିଷୟରେ ଜାଣିଗଲେ।

ମହାଜନ ତା'ର ଲୋକମାନଙ୍କୁ ଗଛ କାଟିବା ପାଇଁ କହିବା ପୂର୍ବରୁ, ସାରାଗି, କାକା, ରୋଡା, ନିତୁ, ଭୋଲା, ଆକି, ପିଙ୍କି, ଲାଡୋ, ସୋନା, ବବଲୁ, କାଟୋ ଏବଂ ଆହୁରି ଅନେକ ସେମାନଙ୍କର ସଂଚୟ ଘଡ଼ି ଏବଂ ବାକ୍ସ ଧରି ଆସିଲେ। ବିଲୁ ଖଣ୍ଡେ କପଡ଼ା ତଳେ ବିଛାଇ ଦେଲା। ସମସ୍ତେ ତା' ଉପରେ ତାଙ୍କର ସଂଚୟ ଟଙ୍କା ଢ଼ାଳି ଦେଲେ।

ଚଉକି ଉପରେ ବସି ମହାଜନ ଚଷମା

ପିଲାମାନଙ୍କ ଭିତରୁ ଯିଏ ଏ କଥା ଶୁଣିଲା ସେ ମନଦୁଃଖ କଲା। ସେମାନଙ୍କ ଛାତିରେ ଯେମିତି କଣ୍ଟା ଫୁଟିଯାଉଥିଲା। ସେମାନେ କୌଣସି ପ୍ରକାରରେ ବରଗଛର କ୍ଷତି କରିବାକୁ ଚାହୁଁ ନଥିଲେ। କେବଳ ପିଲାମାନେ ନୁହନ୍ତି, ବୟସ୍କମାନେ ମଧ୍ୟ ଚିନ୍ତାରେ ପଡ଼ିଗଲେ। କାରଣ ସେମାନେ ସମସ୍ତେ ଗଛଟିକୁ ଭଲ ପାଉଥିଲେ। ସେମାନେ ମଧ୍ୟ ଗଛତଳେ ଖେଳି ବଡ଼ ହୋଇଥିଲେ।

ଏହି ଗଛରେ ଥିବା ପକ୍ଷୀମାନେ ଯେତେବେଳେ ପିଲାମାନଙ୍କୁ ଦୁଃଖରେ ଥିବା ଦେଖିଲେ ସେମାନେ ମଧ୍ୟ ବୁଝିପାରିଲେ ଯେ କିଛି ଅସୁବିଧା ହୋଇଛି। ନିଶ୍ଚୟ କିଛି ଅଘଟଣ ଘଟିବାକୁ ଯାଉଛି।

''ପିଲାମାନେ କାହିଁକି ମୁହଁ ଶୁଖାଇ ବସିଛ? ପିଲାମାନେ ମୁହଁ ଶୁଖାଇଲେ ଈଶ୍ୱରଙ୍କର ମନଦୁଃଖ ହୁଏ।'' ବଣି ଚଢ଼େଇଟି କହିଲା।

ଫାଙ୍କରୁ ଏ ସବୁ ଦେଖୁଥିଲା। ସେ ଦେଖିଲା କିଛି ସମୟ ଭିତରେ ବହୁତ ଟଙ୍କା ଜମା ହୋଇଗଲା। କେଉଁ ଘଡିରେ ପାଞ୍ଚ ଟଙ୍କା ଥିଲା ତ ଆଉ କାହା ଘଡିରେ ଥିଲା ପଚାଶ ଟଙ୍କା। କାହା କାହାର ସଂଚୟ ବାକ୍ସରେ ଶହେ ଟଙ୍କା ବା ତାହାଠାରୁ ଅଧିକ ଟଙ୍କା ରହିଥିଲା। ସମୁଦାୟ ତିନି ହଜାର ଟଙ୍କା ହେଲା।

''ପିଲାମାନେ, ସମୁଦାୟ ମାତ୍ର ତିନି ହଜାର ଟଙ୍କା ହେଲା। ଏଥିରେ ତ କାମ ଚଳିବ ନାହିଁ।'' ମହାଜନ କହିଲା।

''ମଉସା, ବରଗଛ କାଟନ୍ତୁ ନାହିଁ। ଆମେ ଶପଥ କରୁଛୁ, ପ୍ରତି ମାସରେ ଆମେ ଚାନ୍ଦା ଆଦାୟ କରି ଆପଣଙ୍କୁ ଟଙ୍କା ଦେବୁ।'' ବିଲୋ ମହାଜନଙ୍କ ହାତକୁ ଟଙ୍କା ବଢ଼ାଇ ଦେଇ କହିଲା।

ସବୁ ପିଲାମାନେ ହାତ ଯୋଡି ତାଙ୍କ ସମ୍ମୁଖରେ ଠିଆ ହେଲେ।

ପିଲାମାନେ ହାତ ଯୋଡ଼ି ଠିଆ ହୋଇଥିବାର ଦେଖି ସେମାନଙ୍କର ମୁହଁ ଦେଖୁ ଦେଖୁ ମହାଜନର ହୃଦୟ ତରଳି ଗଲା। ସେ ମୁହୂର୍ତ୍ତେ ପାଇଁ ଚିନ୍ତା କଲା, ତା'ପରେ ପପୁର ବାପାଙ୍କ କାନ୍ଧରେ ହାତ ରଖିଲା ଏବଂ କହିଲା, ''ଏହି ଗଛ ପ୍ରତି ପିଲାମାନଙ୍କର ସ୍ନେହ ମମତା ଦେଖି ମୁଁ ଗଛ କାଟିପାରୁ ନାହିଁ। ପିଲାମାନେ ଗଛଟିକୁ ଭାରି ଭଲ ପାଉଛନ୍ତି। ଭଗବାନ କରନ୍ତୁ, ଆର ବର୍ଷକୁ ଭଲ ଅମଳ ହେଉ। ସେତେବେଳେ ତୁମେ ମୋର ଋଣ ଟଙ୍କା ଶୁଝି ଦେଇପାରିବ। ସୁଧ ଦେବା ଦରକାର ନାହିଁ। ତୁମର ଯେତେବେଳେ ଇଚ୍ଛା ଟଙ୍କା ଫେରାଇବ।''

ପପୁର ବାପା ହାତ ଯୋଡ଼ି ବସିଥିଲେ।

ଚା' ପିଇ ସାରିବା ପରେ, ମହାଜନ ଶଗଡ଼ ଗାଡ଼ିରେ ବସି ସେଠାରୁ ବାହାରି ଗଲାବେଳେ ବରଗଛରେ ବସି ଗୀତ ଗାଉଥିବା ପକ୍ଷୀର ସ୍ୱର ଶୁଣିଲେ। ଗୁଣ୍ଡୁଚି ମୂଷାଟି ଏ ଡାଳରୁ ସେ ଡାଳକୁ ଡେଇଁ ଆନନ୍ଦରେ କହୁଥିଲା ''ଚିକ୍ ଚିକ୍ ଚି ଚି।''

ମହାଜନଙ୍କୁ ମନେ ହେଉଥିଲା ଯେପରି ପକ୍ଷୀମାନେ ଆନନ୍ଦରେ ଧନ୍ୟବାଦ ଦେଉଥିଲେ। ପପୁର ବାପା ପିଲାମାନଙ୍କୁ କହିଲେ, '' ପ୍ରିୟ ପିଲାମାନେ, ତୁମ୍ଭେମାନେ ହିଁ ଆଜି ଏ ବରଗଛକୁ ରକ୍ଷା କଲ। ତୁମର ଋଣ ମୁଁ କେବେ ଶୁଝିପାରିବି ନାହିଁ।'' ବର୍ତ୍ତମାନ ପିଲାମାନେ ବରଗଛ ତଳେ ଆନନ୍ଦରେ ନାଚିବାକୁ ଲାଗିଲେ। ବରଗଛଟି ନୀରବରେ ବସି ମୁରୁକି ମୁରୁକି ହସୁଥିଲା।



ପଞ୍ଚତନ୍ତ୍ରର କାହାଣୀ

ଦୁଷ୍ଟବୁଦ୍ଧି ଅତି ଶୀଘ୍ର ନିଜର ସ୍ୱର୍ଣ୍ଣମୁଦ୍ରାତକ ଖର୍ଚ୍ଚ କରିଦେଲା। ତା'ପରେ ଦିନେ ଧର୍ମବୁଦ୍ଧିକୁ ଧରି କଳସ ପୋତା ହୋଇଥିବା ସ୍ଥାନରେର ଯାଇ ପହଞ୍ଚିଲା। ଦୁହେଁ ପୁଣି ଶହେ ଶହେ କରି ସ୍ୱର୍ଣ୍ଣମୁଦ୍ରା ନେଇନେଲେ। କିନ୍ତୁ ବର୍ଷ ପୁରା ହେବା ପୂର୍ବରୁ ଦୁଷ୍ଟବୁଦ୍ଧି ନିଜ ଭାଗର ଅର୍ଥ ଶେଷ କରିଦେଲା।

ଦୁଷ୍ଟବୁଦ୍ଧି ମନେ ମନେ ଏଇ ଯୋଜନା କରିଥିଲା ଯେ ଥରେ ଅଧେ ଧର୍ମବୁଦ୍ଧିକୁ ସାଥିରେ ନେଇଯାଇ ସ୍ୱର୍ଣ୍ଣମୁଦ୍ରା ବାହାର କଲେ ତା'ର ବିଶ୍ୱାସ ଗଭୀର ହେବ ଏବଂ ତା'ପରେ ସମୁଦାୟ ମୁଦ୍ରା ସେ ନିଜେ ଯାଇ ବାହାର କରିଆଣିବ। ଆଉ ଛଅ ଶହ ସ୍ୱର୍ଣ୍ଣମୁଦ୍ରା କଳସରେ ଥାଏ। ଦିନେ ରାତି ଅଧରେ ଦୁଷ୍ଟବୁଦ୍ଧି ଏକାକୀ ବଣକୁ ଗଲା। କଳସ ବାହାର କରି ସମୁଦାୟ ସ୍ୱର୍ଣ୍ଣମୁଦ୍ରା କାଢ଼ିନେଇ କଳସକୁ ପୁଣି ପୋତି ଦେଇ ଘରକୁ ଚାଲିଆସିଲା।

ମାସଟାଏ ପରେ ଦୁଷ୍ଟବୁଦ୍ଧି ଯାଇ ଧର୍ମବୁଦ୍ଧିକୁ ଭେଟି କହିଲା, ''ଦୋସ୍ତ! ଚାଲ, ବାକି ଧନତକ ବାଣ୍ଟିନେବା।'' ଧର୍ମବୁଦ୍ଧି ଏଥିରେ ସମ୍ମତ ହେଲା।

ଦୁହେଁ ଯାଇ ମାଟି ଖୋଳି କଳସ ବାହାର କଲେ। କିନ୍ତୁ ସେଥିରେ କିଛି ନଥିଲା। ଦୁଷ୍ଟବୁଦ୍ଧି ପାଟି କରି ଉଠିଲା, ''ଧର୍ମବୁଦ୍ଧି! ମୁଁ ତମ ଉପରେ ବିଶ୍ୱାସ ରଖିଥିଲି। ଅଥଚ ତମେ ମୋତେ ଦଗା ଦେଇ ଧନତକ ମାରି ନେଇଛ! ମୋତେ ମୋ ଭାଗତକ ଦେଇଦିଅ। ନହେଲେ ବିଚାରାଳୟରେ ଯାଇ ତମ ନାମରେ ଅଭିଯୋଗ କରିବି।''

''ଦୁଷ୍ଟ! ମୁଁ ଜୀବନରେ କେବେ କାହାକୁ

Digitized by
Deb's Library Corner
https://t.me/debslibrarycorner

ମିତ୍ର ଭେଦ – ୨୭

ଠକି ନାହିଁ। ତମେ ଏଭଳି କହିବାକୁ ସାହସ କରୁଛ କିପରି?'' ଧର୍ମବୁଦ୍ଧି କ୍ରୁଦ୍ଧ ହୋଇ ଉତ୍ତର ଦେଲା।

ଦୁହିଁଙ୍କ ଭିତରେ କଳି ତୁମୁଳ ହେଲା। ଦୁହେଁ ବିଚାରାଳୟକୁ ଯାଇ ପରସ୍ପର ବିରୁଦ୍ଧରେ ଅଭିଯୋଗ କଲେ। ଏ ଘଟଣାରେ କେହି ସାକ୍ଷୀ ନଥିଲେ। ତେଣୁ ବିଚାରପତି ହଠାତ୍ କିଛି ସିଦ୍ଧାନ୍ତ ଶୁଣାଇ ପାରିଲେ ନାହିଁ। ଉଭୟଙ୍କୁ ସେ ପାଞ୍ଚଦିନ ପର୍ଯ୍ୟନ୍ତ କାରାଗାରରେ ରଖିଲେ।

ଷଷ୍ଠ ଦିନ ବିଚାରପତି ଦୁହିଁଙ୍କର ଅଗ୍ନି ପରୀକ୍ଷା ନେବେ ବୋଲି ଘୋଷଣା କଲେ। ଏଥିରେ ଦୁଷ୍ଟବୁଦ୍ଧି ଆତଙ୍କିତ ହୋଇ କହିଲା, ''ହଜୁର! ଏହା ଅନ୍ୟାୟ। ଯେଉଁଠି ଦୋଷୀ ସାବ୍ୟସ୍ତ କରିବାର ଅନ୍ୟ କୌଣସି ଉପାୟ ନଥାଏ, ସେହି କ୍ଷେତ୍ରରେ ସିନା ଅଗ୍ନି ପରୀକ୍ଷା ନିଆଯାଏ! ଆମେ କଳସ ପୋତିଥିବା ସ୍ଥାନରେ ବୃକ୍ଷଟାଏ ଅଛି। ଆମ ଭିତରୁ ଚୋର କିଏ, ବୃକ୍ଷ ଦେବତା ନିଶ୍ଚେ ସେ କଥା କହିଦେବେ। ଆଗେ ତାଙ୍କୁ ପଚରାଯାଉ। ତା'ପରେ ଆପଣ ରାୟ ଦେବେ।''

ବିଚାରପତି ଦୁଷ୍ଟବୁଦ୍ଧିର ପ୍ରସ୍ତାବରେ ରାଜି ହେଲେ। ପରଦିନ ସେ ବଣକୁ ଯିବେ ବୋଲି କହି ଉପଯୁକ୍ତ ଜାମିନରେ ଉଭୟ ଯୁବକଙ୍କୁ ଛାଡ଼ିଦେଲେ।

ଦୁଷ୍ଟବୁଦ୍ଧି ଘରକୁ ଯାଇ ତା' ବାପାକୁ କହିଲା, ''ପିତାଜୀ! ସ୍ୱର୍ଣ୍ଣମୁଦ୍ରାତକ ମୁଁ ଚୋରାଇ ଆଣିଛି। ତୁମକୁ ଗୋଟାଏ କାମ କରିବାକୁ ହେବ। ରାତିରେ ମୁଁ ତୁମକୁ ସେ ଗଛ ପାଖକୁ ନେଇଯିବି। ତୁମେ ସେ ବୃକ୍ଷର କୋରଡ଼ ଭିତରେ ଲୁଚି ରହିବ। ସକାଳେ

ଯେତେବେଳେ ବିଚାରପତି ଆସି ଧନ କିଏ ଚୋରାଇଛି ବୋଲି ପଚାରିବେ, ତୁମେ କହିବ ଯେ ଧର୍ମବୁଦ୍ଧି ଚୋରାଇଛି।''

ଦୁଷ୍ଟବୁଦ୍ଧିର ବାପା କହିଲେ, ''ପୁଅ! ଏ କାମ ବଡ଼ ବିପଜ୍ଜନକ। ବିବେକଶୀଳ ବ୍ୟକ୍ତିମାନେ ଯେଉଁ କାମ କରିବାକୁ ସ୍ଥିର କରନ୍ତି, ପ୍ରଥମେ ସେ କାମରେ ନିହିତ ଥିବା ବିପଦ କଥା ବିଚାରକୁ ନିଅନ୍ତି। ନହେଲେ ଆମ ଅବସ୍ଥା ସେ ବଗୁଲି ଭଳି ହୋଇପାରେ।''

''ବଗୁଲି ଭଳି ବୋଇଲେ?'' ଦୁଷ୍ଟବୁଦ୍ଧି ପଚାରିଲା। ତା' ବାପା ସେଉଠୁ ଏ କାହାଣୀଟି ଗପିଲେ: ଗୋଟିଏ ବଣରେ, ବରଗଛ କୋଟର ଭିତରେ ବଗବଗୁଲି ରହୁଥିଲେ। ତଳେ ଗୋଟାଏ ଗାତରେ ସାପଟାଏ ରହୁଥିଲା। ଥରେ ସାପ କୋଟରରେ ପଶି ବଗୁଲିର ଗୋଟାଏ ଶିଶୁକୁ ଖାଇଗଲା।

ବଗୁଲି ତାହା ଦେଖି ପୋଖରୀ ତୁଠରେ ବସି କାନ୍ଦିବାକୁ ଲାଗିଲା। ଗୋଟାଏ କଙ୍କଡ଼ା ତାହା ଦେଖି ପଚାରିଲା, ''କ'ଣ ହେଲା ମାଉସୀ, କାନ୍ଦୁଛ କିଆଁ?''

''ସାପଟାଏ ମୋ ଗଛମୂଳରେ ରହେ। ସେ ଆଜି ଆସି ମୋର ଗୋଟାଏ ଶାବକକୁ ଖାଇଦେଇଛି। କାଲି ହୁଏତ ଅନ୍ୟ ଶାବକଙ୍କୁ ଖାଇବ। ଏଥିରେ କାନ୍ଦିବି ନାହିଁ ତ କରିବି କ'ଣ?'' ବଗୁଲି କହିଲା।

କଙ୍କଡ଼ା ପରାମର୍ଶ ଦେଲା: ''ଦେଖ ମାଉସୀ! ଗୋଟାଏ ନେଉଳ ଗାତ ପାଖରୁ ସେ ସାପ ଗାତ ଯାଏ ମାଛ ଖଣ୍ଡମାନ ପକାଇ ରଖ। ନେଉଳ ମାଛ ଖାଇବାକୁ ଯାଉ ଯାଉ ସେ ସାପକୁ ମାରିବ।''

ଏ କାମରେ କ'ଣ ବିପଦ ରହିଛି, ସେକଥା ବିଚାରକୁ ନନେଇ ବଗୁଲି କାମଟି କରିଦେଲା। ନେଉଳ ମାଛ ଖାଇ ଖାଇ ଯାଇ ସାପକୁ ମାରିଦେଲା। କିନ୍ତୁ ତା'ପରେ ବଗଛୁଆଙ୍କୁ ଦେଖି ସେମାନଙ୍କୁ ବି ମାରି ପକାଇ ଚାଲିଗଲା। (କ୍ରମଶଃ)





ଉଦ୍ୟମ ସୁଫଳ ଦେଲା

ବିକାଶ ନାମକ ଜଣେ ଯୁବକ ବାସ କରୁଥିଲେ। ପିଲାଦିନରୁ ତାଙ୍କର ପିତାମାତା ମୃତ୍ୟୁବରଣ କରିଥିଲେ। କିଛି ଦିନ ଯାଏଁ ତାଙ୍କର ମାମୁ ତା'ର ଦେଖାଶୁଣା କରୁଥିଲେ।

ଯେତେବେଳେ ସେ ତା'ର ଦେଖାଶୁଣା କରିବାକୁ ସମର୍ଥ ହେଲେ ନାହିଁ ତାକୁ କୌଣସି ବାହାନା ଦେଖାଇ ଘରୁ ବାହାର କରିଦେଲେ। ଫଳରେ ବିକାଶ ଅସହାୟ ହୋଇପଡ଼ିଲା।

ଫଳରେ ସେ ଅନ୍ୟମାନଙ୍କ ଦୟା ଉପରେ ନିର୍ଭର କରି ବଂଚିଲା। କେହି କିଛି ଦୟା ଦେଖାଇ ଖାଇବାକୁ ଦେଲେ ଖାଉଥିଲା।

ଦିନେ ତାକୁ କେହି ଖାଇବାକୁ ଦେଲେ ନାହିଁ। ସୂର୍ଯ୍ୟ ଅସ୍ତ ହେଲେ, ଅନ୍ଧକାର ହେବାକୁ ଲାଗିଲା। ତା'ର ଭୋକ ମଧ୍ୟ ବଢ଼ି ବଢ଼ି ଚାଲିଲା। ସେ ଭୋକ ସହିପାରିଲା ନାହିଁ।

ସେ ଦେଖିଲା ଜଣେ ମଧ୍ୟ ବୟସର ବ୍ୟକ୍ତି କିଛି କିଣିବା ପାଇଁ ପାଖ ଦୋକାନକୁ ଯାଉଛନ୍ତି। ସେହି ବ୍ୟକ୍ତି ଜଣକ ଜିନିଷ କିଣିସାରି ବଳକା ଟଙ୍କା ତାଙ୍କ ପକେଟରେ ରଖିଲେ। ବିକାଶ ସେହି ଟଙ୍କା ଚୋରି କରିବା ପାଇଁ ତାଙ୍କ ପଛେ ପଛେ ଚାଲିଲା।

ବିକାଶ ଥରେ ଗଳିରେ କିଛି ପକେଟମାର କରୁଥିବା ପିଲାଙ୍କୁ ଦେଖିଥିଲା। ସେ ଭାବିଲା ସେ ମଧ୍ୟ ଚୋରି କରିପାରିବ।

ସେହି ଭଦ୍ରବ୍ୟକ୍ତିଙ୍କ ପଛେ ପଛେ ଚାଲି ସେ ଏକ ଜନବହୁଳ ଗଳି ଭିତରେ ପହଂଚିଲା, ସେଠାରେ ସେ ସେହି ବ୍ୟକ୍ତିଙ୍କର ପକେଟ୍‌ରେ ହାତ ପୂରାଇ ଟଙ୍କା ବାହାର କରିବା ପାଇଁ ଉଦ୍ୟମ କଲା।

କିନ୍ତୁ ସେହି ବ୍ୟକ୍ତି ଜଣକ ତୁରନ୍ତ ବିକାଶର ହାତକୁ ଧରି ପକାଇଲେ। ବିକାଶ ଏହିପରି ଅବସ୍ଥା ଦେଖି ଆଶ୍ଚର୍ଯ୍ୟ ହୋଇଗଲା।

ସେ ଭୟରେ ଥରୁଥିଲା, ମନେ ମନେ ଭାବୁଥିଲା ନିଶ୍ଚୟ ମାଡ଼ ଖାଇବ। କିନ୍ତୁ ସେ ଭଦ୍ର ବ୍ୟକ୍ତି ଜଣକ ସେପରି କିଛି କଲେ ନାହିଁ।

ଜି. ସୁବ୍ରମଣ୍ୟମ୍ ଗୌଡ୍

Digitized by
Deb's Library Corner
https://t.me/debslibrarycorner



ସେହି ଭଦ୍ରବ୍ୟକ୍ତିଙ୍କର ନାମ ଥିଲା କେଶବ।

''ବାବୁରେ, ତୋର କଣ ବାପାମାଆ ନାହାନ୍ତି? ଏତେ କମ୍ ବୟସରୁ କାହିଁକି ଚୋରି କରୁଛୁ?'' ସେ ବିକାଶକୁ ପଚାରିଲେ।

ବିକାଶ ତାଙ୍କୁ ନିଜ ସଂପୂର୍ଣ୍ଣ କାହାଣୀ କହିଲା ଏବଂ ତା'ପରେ କହିଲା,''ଆଜ୍ଞା, ମନେ ହେଉଛି ଆପଣ ଜଣେ ଦୟାଳୁ ଲୋକ। ଯଦି ଆପଣ ମୋତେ ଦୁଇ ଟଙ୍କା ଦେବେ ସେଥିରେ ମୁଁ ଦିନଟିଏ ଚଳିଯିବି।''

''ମୁଁ ତୁମକୁ ଦୁଇ ଟଙ୍କା ଦେଇପାରିବି। ଏହା ମୋ ପାଇଁ ଗୋଟିଏ ବଡ଼ କଥା ନୁହେଁ। କିନ୍ତୁ ତୁମେ ଯଦି ଏପରି ମାଗିବା ଆରମ୍ଭ କରିବ, ଭିକ ମାଗିବା ତୁମର ଅଭ୍ୟାସ ପାଲଟିଯିବ। ମୋ ସହିତ ଆସ। ମୁଁ ତୁମକୁ ପେଟ ଭରି ଖାଇବାକୁ ଦେବି।'' ଏହା କହି କେଶବ ତାଙ୍କୁ ଏକ ଭଲ ରେଷ୍ଟୁରାଣ୍ଟକୁ ସାଙ୍ଗରେ ନେଇଗଲେ।

''ଦେଖ, ପୁଅ, ଯଦି ତୁମେ ଥରେ ଚୋରି କରିବ ତେବେ ସମସ୍ତେ ତୁମକୁ ସବୁଦିନ ପାଇଁ ଚୋର ବୋଲି କହିବେ। ତୁମେ ଚୋରି କରି ନ ଥିଲେ ମଧ୍ୟ ଲୋକେ ତୁମକୁ ସନ୍ଦେହ କରିବେ। ଲୋକ ତୁମ ଉପରେ ଦୟା ଦେଖାଇବେ ନାହିଁ। ତୁମର ବୟସ ବା ଅବସ୍ଥାକୁ ବିଚାର ନ କରି ତୁମକୁ ମାଡ଼ ଦେବେ। ମୋର ପରାମର୍ଶ ମନେ ରଖ ଏବଂ ଚୋରି କରିବାଠାରୁ ଦୂରେଇ ରୁହ। କିଛି କାମ ଖୋଜ।'' ଭଦ୍ର ବ୍ୟକ୍ତି ପରାମର୍ଶ ଦେଲେ।

ସେମାନେ କଥାବାର୍ତ୍ତା ହୋଇ ପେଟ ଭରି ଖାଇଲେ। ତା'ପରେ କେଶବ ହାତ ଧୋଇବା ପାଇଁ ଗଲା। ଆଉ ଫେରିଲା ନାହିଁ। ମନେ ହେଲା ବିକାଶ ତା'ର ପୁଅ ବୋଲି କହି ସେ ଉଭୟଙ୍କ ପାଇଁ ବିଲ୍ ଦେବ ବୋଲି କହି ଚାଲିଗଲା।

ବିକାଶ କହିଲା, ''ମୋ ପାଖରେ ପଇସା ନାହିଁ।'' ରେଷ୍ଟୁରାଣ୍ଟର ମାଲିକ ଥିମା ରାଗିଗଲା।

''ତୁମକୁ ତୁମେ ଖାଇଥିବା ଖାଦ୍ୟ ବାବଦକୁ ଦଶ ଦିନ ଏହି ରେଷ୍ଟୁରାଣ୍ଟରେ କାମ କରିବାକୁ ପଡ଼ିବ!'' ଥିମା ରାଗରେ କହିଲା।

ଆଉ କିଛି ଉପାୟ ନ ଥିବାରୁ ବିକାଶ ଦଶ ଦିନ ଧରି ରେଷ୍ଟୁରାଣ୍ଟରେ କଠିନ ପରିଶ୍ରମ କଲା, ଟେବୁଲ୍ ସଫା କଲା, ବାସନ ଧୋଇଲା ଏବଂ ଅନ୍ୟାନ୍ୟ ଛୋଟ ଛୋଟ କାର୍ଯ୍ୟ କଲା। ପ୍ରଥମେ ପ୍ରଥମେ ତାକୁ ଏହି କାର୍ଯ୍ୟ କଷ୍ଟକର ମନେ ହେଉଥିଲା, ଧୀରେ ଧୀରେ ସେ କଠିନ ପରିଶ୍ରମ କରିବାରେ ଅଭ୍ୟସ୍ତ ହୋଇଗଲା।

ଦଶ ଦିନ ପରେ ସେ ହୃଦୟଙ୍ଗମ କଲା। ସେ ବୁଝିପାରିଲା ଯେ କଠିନ ପରିଶ୍ରମ ଦ୍ୱାରା ସେ ଭୋକ ଦୂର କରିପାରିବ, ଖାଇବାରେ ଅଭାବ ହେବନି,ତେଣୁ ଦଶ ଦିନ ପରେ ମଧ୍ୟ ରେଷ୍ଟୁରାଣ୍ଟରେ କାମ କରିବା ଜାରି ରଖିଲା।

ବିକାଶ ମନଦେଇ କାମ କଲା ଏବଂ ରେଷ୍ଟୁରାଣ୍ଟ ମାଲିକଙ୍କର ମନ ଜିଣିଲା। ଦଶ ବର୍ଷ ମଧ୍ୟରେ ସେ ରେଷ୍ଟୁରାଣ୍ଟ ମ୍ୟାନେଜର ହୋଇଗଲା। ତା'ର ଆୟ ବଢ଼ିବାରୁ ସଂଚୟ କରି ଘରଟିଏ କଲା। ଉପଯୁକ୍ତ ଝିଅଟିଏ ଦେଖି ବିବାହ କରି ସୁଖରେ କାଳ କାଟିଲା।

ଗୋଟିଏ ଗୁପ୍ତ କଥା ଯାହା ବିକାଶ ଜାଣି ନ ଥିଲା। କେଶବ ତାଙ୍କୁ ଠକି ନ ଥିଲେ। କେଶବ ବୁଝିପାରିଥିଲେ ଯେ ବିକାଶ, ଚୋରି କରି ଚୋର ପାଲଟିବାକୁ ଯାଉଛି। ଯଦି ସେ କଠିନ ପରିଶ୍ରମର ଫଳ ଚାଖିବ ନାହିଁ ତେବେ କେବେ ବି ତା' ଜୀବନରେ ପରିବର୍ତ୍ତନ ଆସିବ ନାହିଁ।

ଏ କଥା ସତ୍ୟ ନୁହେଁ ଯେ କେଶବ ସେ ଦିନ ଖାଇ ସାରିବା ପରେ ପଇସା ଦେଇ ନଥିଲେ। କେଶବ ରେଷ୍ଟୁରାଣ୍ଟ ମାଲିକଙ୍କ ସହାୟତାରେ ଗୋଟିଏ ଖେଳ ଖେଳିଥିଲେ। କୌଶଳ କ୍ରମେ ବିକାଶକୁ କାମ କରିବା ଶିଖାଇବାକୁ ଚାହୁଁଥିଲେ। ସେ କେବଳ ହୋଟେଲ୍‌ର ବିଲ୍ ଦେଇ ନ ଥିଲେ ମ୍ୟାନେଜରଙ୍କ ପାଖରେ ବିକାଶ ପାଇଁ ନୂଆ ପୋଷାକ କିଣିବାକୁ କିଛି ଟଙ୍କା ମଧ୍ୟ ଦେଇଯାଇଥିଲେ।

କେଶବଙ୍କର କୌଶଳ କାମ ଦେଲା ଏବଂ ବିକାଶ ଜୀବନରେ ସଫଳତା ଲାଭ କଲା।

ଦିନେ ବିକାଶ ରେଷ୍ଟୁରାଣ୍ଟରେ କେଶବଙ୍କୁ ଦେଖିଲେ। ସେ ରେଷ୍ଟୁରାଣ୍ଟ୍ ମାଲିକଙ୍କ ସହିତ ବସି ଏକୁଟିଆ କଥାବାର୍ତ୍ତା ହେଉଥିଲେ। କେଶବଙ୍କୁ ଦେଖି ସେ ଉତ୍ତେଜିତ ହୋଇପଡ଼ିଲା।

ସେ ସେମାନଙ୍କ ଅଲକ୍ଷ୍ୟରେ ଲୁଚି ଲୁଚି ସେମାନଙ୍କ କଥା ଶୁଣିଲା। ସତ କଥା ଶୁଣି ଜାଣି ଆଶ୍ଚର୍ଯ୍ୟ ହେଲା। ତା' ଆନନ୍ଦର ସୀମା ନ ଥିଲା। ଭକ୍ତିରେ ଗଦ୍ ଗଦ୍ ହୋଇ କେଶବଙ୍କର ପାଦ ତଳେ ମୁଣ୍ଡ ନୁଆଁଇ ମୁଣ୍ଡିଆ ମାରିଲା ଏବଂ ତାଙ୍କୁ ଧନ୍ୟବାଦ ଜଣାଇଲା।

ସମାଜ ଯେତେବେଳେ ଏପରି କୁପଥକୁ ଯାଉଥିବା ଯୁବକମାନଙ୍କ ପ୍ରତି ଯତ୍ନବାନ୍ ହେବ, ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇପାରିବେ। କେବଳ ସେତିକି ନୁହେଁ ସମାଜ ମଧ୍ୟ ଚୋର, ଖଣ୍ଡ, ହତ୍ୟାକାରୀଙ୍କ କବଳରୁ ତଥା ସାମାଜିକ ସମସ୍ୟାରୁ ମୁକ୍ତ ହୋଇପାରିବ। ତେଣୁ କୁ-ପଥରେ ଯାଉଥିବା କୋମଳମତି ଶିଶୁ ଓ କିଶୋରମାନଙ୍କର ଭବିଷ୍ୟତ ପ୍ରତି ସମସ୍ତେ ସଚେତନ ହେବା ଏକାନ୍ତ ଆବଶ୍ୟକ।





ଜାମକୋଳି ଅଳସୁଆ

ଏକ ସମୟରେ ଜେଣେ ଗୁରୁଙ୍କ ନିକଟକୁ କେତେକ ଶିଷ୍ୟ ବିଦ୍ୟା ଅର୍ଜନ କରିବା ପାଇଁ ଆସି ଗୁରୁ ଆଶ୍ରମରେ ରହୁଥିଲେ। ଦିନେ ଗୁରୁଙ୍କର କାଠଚୁଲି ପାଇଁ ଜାଳ ଅଣିବାକୁ ପାଖ ବଣକୁ ଗଲେ।

ଶିଷ୍ୟଙ୍କ ମଧ୍ୟରୁ ଜଣେ ଥିଲା ବୃଦ୍ଧ ଅଳସୁଆ। ତାକୁ ବାଧ୍ୟବାଧକ ନ କଲେ ସେ କିଛି କାମ କରେ ନାହିଁ। ଅତି ଧରି ବସିଲେ କ୍ଷଣେ ମାତ୍ର ଖଟି ବସିପଡେ। ଜାମକୋଳିଆ ଅଳସୁଆଙ୍କର ସେହି ଏକ ମାତ୍ର ଲକ୍ଷଣ। ଶିଷ୍ୟ ସଂଖ୍ୟା ତ ଅନେକ ତେଣୁ ତାର ଅଳସୁଆପଣ ଧରାପଡେ ନାହିଁ। ଅଳସୁଆଟ ସିନା ତା'ର ବୁଦ୍ଧି କମ୍ ନୁହେଁ।ତା'ର ବୁଦ୍ଧି ବଳରେ ସମସ୍ତଙ୍କ ଆଖିରେ ଧୂଳି ଦେଇ ଦେଉଥିଲା।

ବଣରେ ପଶି ସାଥୀ ଶିଷ୍ୟମାନେ ଶୁଖିଲା କାଠ ଗୋଟେଇବାରେ ବ୍ୟସ୍ତ ଥିଲାବେଳେ ଅଳସୁଆଟା ଏଣୁତେଣୁ କାଠ ସଂଗ୍ରହ କରିବାର ବାହାନା କରି ଟିକିଏ ଦୂରକୁ ଚାଲିଗଲା କିଛି ଦୂର ଯାଇଛି କି ନାହିଁ ତାକୁ ଦିଶିଲା ଗୋଟିଏ ଶୁଖିଲା ଗଛ। ଗଛଟାରେ ଗୋଟିଏ ହେଲେ ପତ୍ର ନଥାଏ। ଗଛର ଗଣ୍ଡିଟା କଳା ପଡିଯାଇଥିଲା। ସେହି ଶୁଖିଲା କାଠଟାକୁ ନେଇଗଲେ ଯଥେଷ୍ଟ କାମ ଦେଖାଯିବ ବୋଲି ସେ ସ୍ଥିର କଲା।

ସେହି ଗୋଟିକ କାଠ ନେଇଗଲେ ତା'ର ଯଥେଷ୍ଟ କାମ ଦେଖାଯିବ ଭାବି ସେ ପାଖ ଗଛ ଛାଇରେ ଶୋଇପଡିଲା। ସେ ଶୋଇଛି ତାକୁ ସାଥୀ ଶିଷ୍ୟମାନଙ୍କର କଥାବାର୍ତ୍ତା ହସ ଖିଆଲ ତା' କାନରେ ପଡିଲା। କିନ୍ତୁ ସେ ଶୋଇ ରହିଲା। ସେ ଉଠି ଦେଖେ ତ ବଣ ନିର୍ଜନ ନିଃଶବ୍ଦ, ସଞ୍ଜ ମାଡ଼ି ଆସିଲାଣି।

ଆର୍. ଇନ୍ଦୁମତି

Digitized by
Deb's Library Corner
https://t.me/debslibrarycorner

ସେ ଛନ୍ନ ହୋଇ ଉଠି ବସିଲା ଏବଂ ଜାଣିଗଲା ଯେ ତା'ର ଶିଷ୍ୟଭାଇମାନେ କାଠ ନେଇ ଗୁରୁଆଶ୍ରମକୁ ଫେରିଲେଣି। ସାଙ୍ଗେ ସାଙ୍ଗେ ସେହି ଗଛରୁ କେତୋଟି ଶୁଖିଲା ଡାଳ ଭାଙ୍ଗି ବିଡ଼ା ବାନ୍ଧି ମୁଣ୍ଡେଇ ଚାଲିଲା ସେ ଗୁରୁଙ୍କ ଘରକୁ। ସେତେବେଳକୁ ଶିଷ୍ୟ ଭାଇମାନେ ଯେ ଯାହାର ଜାଳେଣି କାଠ ଗୁରୁଙ୍କ ଘରେ ଗଦା କରିଦେଲେଣି। ସେ ମଧ ତା' କାଠବିଡ଼ାଟି ତାରି ଉପରେ ଥୋଇଦେଲା। କେହି କିଛି ପଚାରିଲେ ନାହିଁ।

ସେହିଦିନ ରାତିରେ ଗୁରୁଦେବ ସବୁ ଶିଷ୍ୟମାନଙ୍କୁ କହିଲେ- "ମଧୁପଲ୍ଲୀ ଗାଁର ଭାଗବତଗାଦୀରୁ ନିମନ୍ତ୍ରଣ ଆସିଛି ଆମ ଆଶ୍ରମକୁ। ସେଠାରେ କାଲି ମଧ୍ୟାହ୍ନ ପୂଜା ହେଉଛି। ଭୋଗ ରାଗ ହେବ। ଭଜନ କୀର୍ତ୍ତନ ହେବ। ଭୋଜନ ଭାଜନ ଢେରିହେବ। ତମେସବୁ ସକାଳୁ ନିତ୍ୟକର୍ମ ସାରି ବୁଟସିଝା ଫଳାହାର କରି ସେଠାକୁ ଯିବା।" ଗୁରୁଙ୍କ ସାଙ୍ଗରେ ଯାଇ ଦେବଭୋଗ ପ୍ରସାଦ ପାଇବେ ଜାଣି ଶିଷ୍ୟମାନେ ଭାରି ଖୁସି ହେଲେ।

ସକାଳୁ ଉଠି ଗୁରୁଙ୍କ ପତ୍ନୀ ଚୁଲି ଜାଳି ଗୁରୁ ଶିଷ୍ୟଙ୍କ ପାଇଁ ଏକ ହାଣ୍ଡି ବୁଟ ସିଝେଇବାକୁ ପଡ଼ିଲା। ସେ ଶିଷ୍ୟଙ୍କ ଜାଳେଣି କାଠ ନେଇ ଚୁଲି ଜାଳିଲେ। ଅଳସୁଆ ଶିଷ୍ୟର କାଠ ଦୈବାତ ପଡ଼ିଲା। ସେ ବିଡ଼ାଟିଯାକ କାଠ କଞ୍ଚାଳିଆ, କୋତରା, ଆଦୌ ନିଆଁ ଧରିଲା ନାହିଁ। କେବଳ ଧୂଆଁ ହେଲା ସାର। ଗୁରୁ ପତ୍ନୀ ଚୁଲି ଫୁଙ୍କି ଫୁଙ୍କି ଅଥୟ ହେଲେ। ଜଳଖିଆ ତିଆରି ହୋଇପାରିଲା ନାହିଁ କିମ୍ବା ଓଧାଣୀ ଫୁଟିଲା ନାହିଁ। ଦେଖୁ ଦେଖୁ ଆଢୁଆଳୀ ପଡ଼ିଗଲା। ଅଳସୁଆ ତ ଯାଇପାରିଲା ନାହିଁ, ଅନ୍ୟ ଶିଷ୍ୟମାନେ ମଧ ମଧୁପଲ୍ଲୀରେ ଯଥାସମୟରେ ପହଞ୍ଚି ପାରିଲେ ନାହିଁ। ଗୁରୁ ପତ୍ନୀ ଚୁଲି ଫୁଙ୍କି ଫୁଙ୍କି ଲୁହ ଗଡ଼େଇବାର ଦେଖି ସବୁ ଶିଷ୍ୟମାନେ ଅଳସୁଆକୁ ଟାଣିଆଣି ଦେଖାଇଲେ ଏବଂ ତାକୁ ଲଜ୍ଜିତ କରେଇଦେଲେ।



ସମର୍ପଣ ସହିତ ସେବା

ମୁକୁନ୍ଦର ସ୍ତ୍ରୀ ପାର୍ବତୀ ତାଙ୍କର ଝିଅ ବାହାଘର ପାଇଁ ବର ଦେଖୁଥାନ୍ତି। ତାଙ୍କର ରାମ ନାମକ ଭଣଜାଟିଏ ଥିଲା। ତା' ପରିବାର ଚାଷବାସ କରି ଚଳୁଥିଲେ। ତଥାପି, ତାଙ୍କର ବାପା ଯେ କି ପାର୍ବତୀଙ୍କର ବଡ଼ ଭାଇ ଥିଲେ, ତାକୁ ବକ୍ସିଂ ଏବଂ ମଲ୍ଲଯୁଦ୍ଧ ଶିକ୍ଷା ଦେଇଥିଲେ। ସେଥିରେ ମଧ୍ୟ ସେ କିଛି ପୁରସ୍କାର ପାଇଥିଲା।

''ମୋ ଭାଇଙ୍କୁ ସାକ୍ଷାତ କର ଏବଂ ତାଙ୍କ ସହିତ କଥାବାର୍ତ୍ତା କର। ଉପଯୁକ୍ତ ବୟସରେ ଝିଅଟି ବାହା ହୋଇ ଶ୍ୱଶୂର ଘରକୁ ଯିବ, ସେଠାରେ ସେ ସମ୍ମାନଜନକ ଭାବରେ ବଂଚିବା'' ପାର୍ବତୀ କହିଲେ।

ମୁକୁନ୍ଦ ''ହଁ'' କହିଲେ ନାହିଁ କିମ୍ବା ''ନା'' କହିଲେ ନାହିଁ। ରାମ ବିଷୟରେ ତାଙ୍କର ମତାମତ ଏତେ ଭଲ ନ ଥିଲା। ରାମ ଗୋଟିଏ ପ୍ରସିଦ୍ଧ ମଲ୍ଲଯୋଦ୍ଧା ବା ବକ୍ସର ହୋଇପାରେ। କିନ୍ତୁ ନିଜର ଜୀବିକା ଉପାର୍ଜନ କରିବା ପାଇଁ ସେ ଅନ୍ୟ କୌଣସି କୌଶଳ ଶିକ୍ଷା କରି ନ ଥିଲା। ସେ ଚାଷବାସରେ ବାପାଙ୍କୁ ସାହାଯ୍ୟ କରୁ ନ ଥିଲା କିମ୍ବା ନିଜର କୌଣସି ବ୍ୟବସାୟ ମଧ୍ୟ ଆରମ୍ଭ କରୁ ନ ଥିଲା।

''ରାମ କିପରି ମୋ ଝିଅର ଦେଖାଶୁଣା କରିବ?'' ମୁକୁନ୍ଦ ପଚାରିଲେ।

ଏ କଥା ଶୁଣି ପାର୍ବତୀଙ୍କ ମନକୁ ଧକ୍କା ଲାଗିଲା। ସେ ଉତ୍ତେଜିତ ହୋଇ ପ୍ରଶ୍ନର ଉତ୍ତର ଦେଇ କହିଲେ,''ତା'ର ଅଭାବ କଣ? ରାଜା ତା' ଉପରେ ପ୍ରସନ୍ନ। ସେ ପ୍ରତିବର୍ଷ ଉତ୍ସବ ସମୟରେ ସ୍ୱର୍ଣ୍ଣ ପଦକ ପାଉଛି। ଆମେ ଆମ ସଂପର୍କୀୟଙ୍କ ମଧ୍ୟରେ ତାହାଠାରୁ ଅଧିକ ଯୋଗ୍ୟ ବରଟିଏ ପାଇପାରିବା କି?''

ମୁକୁନ୍ଦ କିପରି ତାକୁ ବୁଝାଇବ, ନିଜେ ବୁଝିପାରିଲା ନାହିଁ। ପ୍ରତିବର୍ଷ ପଦକ ଜିତିବା ଅର୍ଥ ଜୀବିକା ନୁହେଁ। ବର୍ଷ ସାରା ସେ କଣ କରେ? ସେ କଣ ସବୁ ସମୟ ଅଭ୍ୟାସରେ ବିତାଏ।

• ଏମ୍.ଭି.ଭି. ସତ୍ୟନାରାୟଣ

Digitized by
Deb's Library Corner
https://t.me/debslibrarycorner

ସେ କିପରି ଭାବରେ ସମୟ ବିତାଏ? ସେ ତା'ର ପରିବାରକୁ କଣ ଦେଇପାରିବ? ଏପରି ଚିନ୍ତା ସଦାସର୍ବଦା ତାଙ୍କ ମୁଣ୍ଡରେ ଖେଳିଲା। ପାର୍ବତୀ କହିଲେ, ''ଯଦି ମୁଁ ରାମ ସହିତ ମୋ ଝିଅର ବାହାଘର କରିବି ନାହିଁ ତେବେ କିପରି ପୁଣି ଥରେ ମୋ ବାପଘରେ ପାଦ ଦେବି? ମୋ ଘର ଲୋକଙ୍କର ଏହି ବନ୍ଧୁ ବାନ୍ଧିବା ପାଇଁ ଭାରି ଇଚ୍ଛା।''

''ତୁମ ଝିଅ ତୁମ ଭଣଜାକୁ ବିବାହ କରିବାକୁ ଚାହେଁ କି ନା ତୁମେ ପଚାରିଛ କି?'' ମୁକୁନ୍ଦ ପଚାରିଲେ। ସେ ରାଗିଯାଇ କହିଲେ କିନ୍ତୁ ନିଜର କ୍ରୋଧ ପ୍ରକାଶ କଲେ ନାହିଁ।

ପାର୍ବତୀ ଏହି ପ୍ରଶ୍ନକୁ ଗୁରୁତ୍ୱ ଦେଲେ ନାହିଁ। ସେ କହିଲେ ଏଥିରେ ସନ୍ଦେହ ନାହିଁ। ପଚାରିବାର ମଧ୍ୟ ଆବଶ୍ୟକତା ନାହିଁ। ସେ ଝିଅର ଇଚ୍ଛାକୁ ମଧ୍ୟ ଗୁରୁତ୍ୱ ଦେଉ ନଥିଲେ। ସିଧାସଳଖ ଭାବରେ ବିବାହ ନିମନ୍ତେ କଥାବାର୍ତ୍ତା ଆରମ୍ଭ କରିବାକୁ କହିଲେ। ସେ ଏ କଥା ମଧ୍ୟ ସତର୍କ କରାଇ ଦେଲେ ଯେ ଯଦି ସେମାନେ ବିଳମ୍ବ କରିବେ ତେବେ ରାମ ପାଇଁ ଆଉ କାହାର ବିବାହ ପ୍ରସ୍ତାବ ଆସିପାରେ। ଶେଷରେ ସେମାନଙ୍କ ହାତରୁ ଭଲ ପ୍ରସ୍ତାବଟି ଚାଲିଯିବ।

ଶେଷରେ ମୁକୁନ୍ଦ ଅସହାୟ ହୋଇ ପରଦିନ ତାଙ୍କର ଶଶୁଙ୍କ ଘରକୁ ଗଲେ।

ଗ୍ରାମରେ ପହଂଚି, ଗୋଟିଏ ଗଛ ମୂଳେ ବିଶ୍ରାମ ନେଲେ, ଖରା ହେଉଥିବାରୁ ଅସୁସ୍ଥ ଅନୁଭବ କରୁଥିଲେ। ସେ ଦେଖିଲେ ଗଛ ତଳେ ଦୁଇଟି ବଡ଼ ମାଠିଆରେ ପାଣି ଭରାଯାଇ ରଖାଯାଇଛି ଏବଂ ତା' ଉପରେ ପାଣି ପିଇବା ପାଇଁ ତାଳପତ୍ରର ଠୋଲା ମଧ୍ୟ ରଖାଯାଇଛି।

ମୁକୁନ୍ଦଙ୍କୁ ଭାରି ଶୋଷ ଲାଗୁଥିଲା। ସେ



ମନଭରି ପାଣି ପିଇଲେ। ତାଙ୍କୁ ଭାରି ଆରାମ ଲାଗିଲା। ସେ ଦେଖିଲେ ଜଣେ ବ୍ୟକ୍ତି ଦୁଇଟି ମାଠିଆ ଭାର କରି ନେଇଆସୁଛି। ପ୍ରବଳ ଖରା ସତ୍ତ୍ୱେ ଗଛ ତଳେ ଥିବା ମାଠିଆକୁ ବାରମ୍ବାର ଭରି ଦେଇଯାଉଛି। ସେ ରାମ ବୟସର ଥିଲା। ଖରା ଏବଂ କଠିନ ପରିଶ୍ରମ କାରଣରୁ ରାମଠାରୁ ଅଧିକ କଳା ଦିଶୁଥିଲା।

ମୁକୁନ୍ଦ ତାଙ୍କୁ ପଚାରିଲେ, ''ବାବୁ, ତୁମେ କିଏ?''

ଯୁବକ ଜଣକ ସମ୍ମାନର ସହିତ ହାତ ଯୋଡ଼ି ଦେଲେ ଏବଂ କହିଲେ, ''ମୁଁ ଏହି ଗାଁର ଜଣେ ଚାଷୀ। ମୋ ପେସା ହେଉଛି ଚାଷ କରିବା। ମୁଁ ଏହି ଗ୍ରାମବାଟ ଦେଇଯାଉଥିବା ପଥିକମାନଙ୍କ ପାଇଁ ଗଛ ମୂଳେ ପାଣି ରଖିଥାଏ।

ମୁକୁନ୍ଦ ସ୍ନେହର ସହିତ ତାଙ୍କର ପିଠି ଥାପୁଡାଇ ଦେଲେ, ''ଯଦି ମୁଁ ଆଜି ଏଠାରେ

ପାଣି ମୁନ୍ଦେ ପାଇ ନ ଥାନ୍ତି ତେବେ ନିଶ୍ଚୟ ଅଚେତ ହୋଇଯାଇଥାନ୍ତି। ତୁମେ ଜାଣ ଆଜି ମୋର ଜୀବନ ରକ୍ଷା କରିଦେଲ।''

ମୁକୁନ୍ଦ ବୁଝିଥିଲେ ଯେ ଏହି ବ୍ୟକ୍ତି ଜଣକୁ କାମ କରିବା ପାଇଁ ରଖାଯାଇ ନାହିଁ। ସେ ତାଙ୍କର ସେବା ପାଇଁ କୌଣସି ପ୍ରଶଂସା ବା ପୁରସ୍କାର ଚାହାଁନ୍ତି ନାହିଁ। ନିଜ ଉଦାରତା ପାଇଁ ସେ ଏପରି କାର୍ଯ୍ୟ କରୁଛନ୍ତି। ସେ ଚାଷରୁ ଯାହା ଆୟ କରନ୍ତି ସେଥିରେ ସନ୍ତୁଷ୍ଟ। ପିତାମାତାଙ୍କ ସେବା କରି ସେ ଗ୍ରାମରେ ଦିନ ବିତାଉଛନ୍ତି।

ସେ ଯୁବକଙ୍କ ବିଷୟରେ ସବୁ କଥା ପଚାରି ବୁଝିଲେ। ସେଠାରୁ ବାହାରି ଗଲେ ଏବଂ ଖୁବ୍ ଶୀଘ୍ର ଶତ୍ରୁଙ୍କ ଘରେ ପହଂଚିଲେ। ସେଠାରେ ପହଂଚି ଦେଖିଲେ ଯେ ଶତ୍ରୁଙ୍କ ପରିବାରରେ ସମସ୍ତେ ଦୁର୍ବଳ ଦିଶୁଛନ୍ତି ଏବଂ ସମସ୍ତେ ଶୁଖିଲା କଣ୍ଟା ହୋଇଯାଇଛନ୍ତି। ସେମାନଙ୍କ ମୁହଁ ଶେତା ପଡ଼ିଯାଇଛି। ଯେତେବେଳେ କି ରାମ, ଯେ କି ଘର ପଛପଟେ ବ୍ୟାୟାମ କରୁଥିଲା ସେ ବେଶ୍ ସୁସ୍ଥ ଏବଂ ଶକ୍ତିଶାଳୀ ଦିଶୁଥିଲା।

ଘରେ ସମସ୍ତେ କାହିଁକି ଏପରି ଦୁର୍ବଳ ଦିଶୁଛନ୍ତି ସେ କଥା ମୁକୁନ୍ଦ ଜାଣିବାକୁ ଚାହିଁଲେ। ତାଙ୍କର ଶତ୍ରୁ ତାଙ୍କ ଆଡ଼କୁ ଚାହିଁଲେ ଏବଂ କହିଲେ, ''ଆମ ସମସ୍ତଙ୍କର ଆୟ ତାକୁ ଖୁଆଇବା ପାଇଁ ଯଥେଷ୍ଟ ହେଉ ନାହିଁ। ଆମ୍ଭେମାନେ ରାଜାଙ୍କଠାରୁ ତାକୁ ଏ ବର୍ଷ ପ୍ରତିଯୋଗିତାକୁ ନିମନ୍ତ୍ରଣ କରିବା ପାଇଁ ବାର୍ତ୍ତା ପାଉଛୁ। ଆମର ଖର୍ଚ୍ଚ କାଟ୍ କରି ତାକୁ ପ୍ରତିଯୋଗିତା ପାଇଁ ଯୋଗ୍ୟ କରି ରଖିଛୁ।''

ମୁକୁନ୍ଦ ସେ ଦିନ ରାତିରେ ତାଙ୍କ ଘରେ ରହିଲା ନାହିଁ। ଆଶ୍ଚର୍ଯ୍ୟର କଥା ଯେ ତାଙ୍କର ଶତ୍ରୁ ମଧ୍ୟ ତାଙ୍କୁ ଘରେ ରହିବା ପାଇଁ ବାଧ୍ୟ କଲେ ନାହିଁ।

ତା' ପରିବର୍ତ୍ତେ ମୁକୁନ୍ଦ ତାଙ୍କୁ ଗଛ ମୂଳେ ପାଣି ପିଆଇଥିବା ଯୁବକଙ୍କ ଘରକୁ ଗଲେ। ତାଙ୍କର ପରିବାର ଲୋକେ ତାଙ୍କୁ ଆତିଥ୍ୟ ପ୍ରଦାନ କଲେ। ସେ ଲକ୍ଷ୍ୟ କଲେ ଯେ ପରିବାରଟି ସ୍ନେହ ଶ୍ରଦ୍ଧାରେ ବନ୍ଧା। ସମସ୍ତେ ସମସ୍ତଙ୍କର ସୁଖଦୁଃଖ ବୁଝନ୍ତି। ସେମାନେ ଭାରି ଭଲ ଲୋକ।

ସେ ସେଠାରୁ ଗ୍ରାମକୁ ଫେରିଲେ। ତାଙ୍କର ଝିଅକୁ ସେହି ଯୁବକ ସହିତ ବିବାହ ଦେବା ପାଇଁ ସ୍ଥିର କଲେ। ତାଙ୍କର ସ୍ତ୍ରୀ ମଧ୍ୟ ଏଥର ତାଙ୍କର ନିଷ୍ପତ୍ତିକୁ ସମ୍ମାନ ଦେଲେ।



ସତ କଥା

ବାଦଶାହା ଆକବରଙ୍କ ଦରବାରରେ ବୀରବଲ ଜଣେ ବିଦୂଷକ ଏବଂ ଅନ୍ତରଙ୍ଗ ମିତ୍ର ରୂପେ ଥିଲେ। ତାନସେନ୍ ଦରବାରର ଗାୟକ ଥିଲେ। ତାନସେନ୍‌ଙ୍କର ଗୀତ ଶୁଣିବା ପାଇଁ ଦୂରଦୂରାନ୍ତରୁ ବହୁତ ବ୍ୟକ୍ତି ଆସୁଥିଲେ। ତାଙ୍କ ଦେଶକୁ ଯାଇ ତାନସେନ୍‌ଙ୍କର ପ୍ରଶଂସା କରୁଥିଲେ। ତାନସେନ୍‌ଙ୍କର ସଂଗୀତ ଦେଶ ବିଦେଶରେ ସଭିଙ୍କର ପ୍ରିୟ ଥିଲା। କୌଣସି ଗାୟକ ତାଙ୍କର ସମକକ୍ଷ ନଥିଲେ। ସବୁରି ଆଦରର ପାତ୍ର ଥିଲେ ମହାନ ଗାୟକ ତାନସେନ୍। ବୀରବଲ ରାଜାଙ୍କର ବିଦୂଷକ ଥିଲେ। ତାଙ୍କର ମନୋରଞ୍ଜନ କରିବା ସହିତ ବିପଦ ଆପଦରେ ପରାମର୍ଶ ଦେଉଥିଲେ। ରାଜା ବୀରବଲଙ୍କୁ ତାଙ୍କର ଚତୁରତା ପାଇଁ ଭାରି ଶ୍ରଦ୍ଧା କରୁଥିଲେ। ବୀରବଲଙ୍କ ସହିତ ବହୁତ ସମୟ କଟାଉଥିଲେ।

କିନ୍ତୁ ତାନସେନ୍‌ଙ୍କ ମନରେ କୌଣସି ଗର୍ବ ନଥିଲା। ଅନ୍ୟ ମୁସଲମାନମାନଙ୍କର ଧାରଣା ଥିଲା ଯେ ତାନସେନ୍‌ଙ୍କ ସମକକ୍ଷ କେହି ନାହାନ୍ତି। କେବଳ ସେତିକି ନୁହେଁ, ଏକଥା ମଧ୍ୟ କହୁଥିଲେ ଯେ ବୀରବଲଙ୍କ ସ୍ଥାନରେ ତାନସେନ୍‌ଙ୍କୁ ନିଯୁକ୍ତି ଦେବା ଆବଶ୍ୟକ। ଆକବର ଯେତେବେଳେ ଏକଥା ଶୁଣିଲେ ସେ ଭୀଷଣ ରାଗିଗଲେ। ସେ କହିଲେ– ‘‘ଆପଣ ଯାହା ବି କୁହନ୍ତୁ, ବୀରବଲ ପରି ଲୋକ କ୍ୱଚିତ୍ ଜନ୍ମ ହୁଅନ୍ତି।’’ ସେତେବେଳେ ମୁସଲମାନମାନେ କିଛି କହିପାରିଲେ ନାହିଁ। କିନ୍ତୁ ପରବର୍ତ୍ତୀ ସମୟରେ ସେମାନେ ଗୋଟିଏ ସଭା ଆୟୋଜନ କଲେ। ବାଦଶାହଙ୍କୁ ମଧ୍ୟ ନିମନ୍ତ୍ରଣ କଲେ। ସେଦିନ ଭାରି ଗରମ ଥିଲା। ଚାରିଆଡ଼େ ଅନ୍ଧାରା ଦୀପରେ ତେଲ ଥିଲା, କିନ୍ତୁ ଦୀପ ଜଳାଯାଇ ନଥିଲା। ତାନସେନ୍ ଦୀପକ ରାଗ ଗାଇବା ମାତ୍ରେ ଦୀପ ଦୁଇଟି ଜଳିଉଠିଲା ଏବଂ ତା'ପରେ ଯେତେବେଳେ ସେ ମେଘମହ୍ଲାର ଗାଇବା ଆରମ୍ଭ କଲେ ସେତେବେଳେ ବର୍ଷା ହେବାକୁ ଆରମ୍ଭ କଲା ଏବଂ ଅସହ୍ୟ ଗରମ ଦୂର ହୋଇଗଲା।

ପି.ନାଗେଶ୍ୱର ରାଓ

Digitized by
Deb's Library Corner
https://t.me/debslibrarycorner

ସେତେବେଳେ ଜଣେ ବୃଦ୍ଧ ମୁସଲମାନ କହିଲେ– ''ହଜୁର! ଏବେ ତ ଆପଣ ଜାଣିଲେ। ତାନସେନ୍ କିପରି ଚମତ୍କାରିତା କରିପାରନ୍ତି? ଏଥିପାଇଁ ଲୋକେ କୁହନ୍ତି ଯେ ତାନସେନ୍ ବୀରବଲଙ୍କ ଠାରୁ କେତେ ମହାନ୍?''

ସେତେବେଳେ ଆକବର କହିଲେ– ''ହୋଇପାରେ ତାନ୍‌ସେନ୍ ବହୁତ ବଡ଼ ଗାୟକ, କିନ୍ତୁ ବୀରବଲଙ୍କ ସହିତ ସେ ସମକକ୍ଷ ହୋଇପାରିବେ ନାହିଁ। ଯଦି ଆପଣମାନେ ଚାହାଁନ୍ତି ଏକଥା ମୁଁ ପ୍ରମାଣ କରି ଦେଖାଇଦେବି!''

କିଛିଦିନ ପରେ ବାଦଶାହା ଆରବ ଦେଶର ରାଜାଙ୍କ ପାଇଁ ଗୋଟିଏ ଚିଠି ଲେଖିଲେ। ସେହି ଚିଠି ଉପରେ ଅଠା ଲଗାଇ, ବୀରବଲ ଏବଂ ତାନସେନ୍‌ଙ୍କୁ ଡାକି କହିଲେ– ''ତୁମେ ଏହି ଚିଠି ନେଇ ଆରବ ଦେଶର ରାଜାଙ୍କ ପାଖକୁ ଯିବା ବହୁତ ଜରୁରୀ କାମ ଅଛି। ଏ କାମ ତୁମ ଦୁହିଁଙ୍କ ବ୍ୟତୀତ ଆଉ କେହି କରିପାରିବେ ନାହିଁ!'' ଦୁହେଁ ଚାଲିଗଲେ। ତାନସେନ୍ ମନେ ମନେ ଚିନ୍ତା କରି ଖୁସି ହେଉଥିଲେ ଯେ– ''ଏହା କୌଣସି ବହୁତ ଜରୁରୀ କାର୍ଯ୍ୟ ହୋଇଥିବ। ମୁଁ ସେଠାକାର ରାଜାଙ୍କୁ ସଂଗୀତ ଶୁଣାଇ ପୁରସ୍କାର ଲାଭ କରିବି...!''

କିନ୍ତୁ ବୀରବଲ ଏକଥା ଭାବୁଥିଲେ ଯେ– ''ହଉ ନହଉ, ଏଥିରେ ନିଶ୍ଚୟ କୌଣସି ବଡ଼ ରହସ୍ୟ ରହିଛି!'' ସେ ଅନେକ ଚିନ୍ତା କରିବା ପରେ ମଧ୍ୟ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିଲେ ନାହିଁ। ଯେତେବେଳେ ସେ ଆରବ ଦେଶରେ ପହଞ୍ଚିଲେ ରାଜାଙ୍କୁ ଭେଟିଲେ।

ରାଜା ସେ ଚିଠି ପଢ଼ିଲେ। ସେ ଚିଠିରେ ଲେଖାଥିଲା– ''ମୋର ଦୁଇ ସେବକ ଏହି ଚିଠି ନେଇ ଆପଣଙ୍କ ପାଖକୁ ଆସୁଛନ୍ତି। ଏକ ବଡ଼ ଅପରାଧ କରିବା କାରଣରୁ ଦୁହିଁଙ୍କୁ ଦଣ୍ଡ ଦେବାକୁ ପଡୁଛି। କାରଣ ଏ କାର୍ଯ୍ୟ ଗୋପନରେ କରାଯିବାକୁ ହେବ। ତେଣୁ ମୁଁ ଏ ଦୁହିଁଙ୍କୁ ଆପଣଙ୍କ ପାଖକୁ ପଠାଉଛି। ଆପଣ ଦୁହିଁଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରନ୍ତୁ!''

ରାଜା ଚିଠି ପଢ଼ି ମନ୍ତ୍ରୀଙ୍କୁ ଦେଲେ। ସେ ଚିନ୍ତା କରୁଥିଲେ ଯେ ଏଥିରେ କୌଣସି ରହସ୍ୟ ଅଛି, ପରାମର୍ଶ ଦେଇ କହିଲେ– ''ମହାରାଜ! ଏମାନଙ୍କୁ ୧ସପ୍ତାହ ପର୍ଯ୍ୟନ୍ତ ବନ୍ଦୀଶାଳାରେ ରଖନ୍ତୁ। ତା'ପରେ ଯାହା ଦଣ୍ଡ ଦେବାର ହେବ ଦେବେ!'' ବୀରବଲ ଏବଂ ତାନସେନଙ୍କ ହାତରେ ହାତକଡ଼ି ପକାଇ ଦିଆଗଲା ଏବଂ ସେମାନଙ୍କ ବନ୍ଦୀଶାଳାକୁ ପଠାଇ ଦିଆଗଲା।

ତାନସେନ୍ ପାଗଳପ୍ରାୟ ହୋଇଗଲେ। ବୀରବଲଙ୍କ ଆଡ଼କୁ ଅସହାୟ ଦୃଷ୍ଟିରେ ଚାହିଁ ରହିଥିଲେ। ଯେମିତି ପ୍ରଶ୍ନ କରୁଥିଲେ ଏବେ କ'ଣ କରାଯିବ– ''କୁହ, ଏବେ କ'ଣ କରାଯିବ?''

ସେତେବେଳେ ବୀରବଲ ତାଙ୍କ କାନରେ କିଛି କହିଲେ।

ଏକସପ୍ତାହର ସମୟ ବିତିଗଲା। ଜହ୍ଲାଦ ଆସି ସେମାନଙ୍କୁ ବଧ ସ୍ଥଳକୁ ନେଇଗଲା। ସେଠାରେ ତାନସେନ୍ ଏବଂ ବୀରବଲ ପରସ୍ପର ସହିତ ଝଗଡ଼ା କରିବାକୁ ଲାଗିଲେ।'' ପ୍ରଥମେ ମୋତେ ମାରନ୍ତୁ! ପ୍ରଥମେ ମୋତେ ମାରନ୍ତୁ!'' ଜହ୍ଲାଦ ରାଜାଙ୍କୁ ପାଖକୁ ଯାଇ କହିଲା- ''ହଜୁର, ଏ ଦୁହେଁ ପାଗଳ।''

ରାଜା ଦୁହିଁଙ୍କୁ ଡାକି ପଚାରିଲେ- ''ତୁମେ ଦୁହେଁ କାହିଁକି ଏପରି ଝଗଡ଼ା କରୁଛ?''

''ମହାରାଜ! ଯଦି ଆମେ କହିଦେବୁ ତେବେ ଆମର ବହୁତ କ୍ଷତି ହେବ। ତେଣୁ ଆମେ କହିବୁ ନାହିଁ।''-ବୀରବଲ କହିଲେ।

''ସତ କଥା କୁହ, ତେବେ ତୁମକୁ ହତ୍ୟା କରାଯିବ ନାହିଁ। କେବଳ ଆଜୀବନ ଦଣ୍ଡାଦେଶ ଦିଆଯିବ।''-ରାଜା କହିଲେ।

ବୀରବଲ କହିବା ଆରମ୍ଭ କଲେ- ''ମହାରାଜ! ବହୁତ ଦିନରୁ ଆମର ରାଜା ଆରବ ଦେଶକୁ ଆମ ଦେଶ ସହିତ ମିଶାଇବା ପାଇଁ ଚିନ୍ତା କରୁଛନ୍ତି। କିନ୍ତୁ ଆପଣଙ୍କ ସେନା ଏବଂ ଶକ୍ତି ଦେଖି ସଙ୍କୋଚ କରୁଛନ୍ତି। ଥରେ ଜଣେ ଜ୍ୟୋତିଷ ଆସି କହିଲେ- ''ରାଜା! ଆପଣ କାହିଁକି ଚିନ୍ତା କରୁଛନ୍ତି? ଆପଣ କୌଣସି ପ୍ରକାରେ ଆମ ରାଜ୍ୟର ଦୁଇଜଣ ବ୍ୟକ୍ତିଙ୍କୁ ଆରବ ରାଜ୍ୟକୁ ପଠାଇ ଦିଅନ୍ତୁ ଏବଂ ସେମାନଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବା ପାଇଁ କହନ୍ତୁ। ରାଜା ଯେଉଁ ବ୍ୟକ୍ତିଙ୍କୁ ପ୍ରଥମେ ମାରିବେ, ସେ ସେହି ଦେଶର ରାଜା ହେବ। ପରେ ଯେଉଁ ବ୍ୟକ୍ତିକୁ ହତ୍ୟା କରିବେ ସେ ରାଜ୍ୟର ମନ୍ତ୍ରୀ ହେବ। ସେତେବେଳେ ହିଁ ସେମାନେ ତୁମର

ସାମନ୍ତ ହୋଇ ରହିବେ। ଏହିପରି ଭାବରେ ତୁମକୁ ସେହି ରାଜ୍ୟ ମିଳିପାରିବ, ଝଗଡ଼ା କରି ବା ଯୁଦ୍ଧ କରି କେବେ ବି ମିଳିପାରିବ ନାହିଁ। ଏକଥା ଆମେ ଆପଣଙ୍କୁ କହିନ୍ତୁ ଜାଣିବା ପରେ ରାଜା ନିଶ୍ଚୟ ଆମକୁ ହତ୍ୟା କରିଦେବେ।''

ସେତେବେଳେ ରାଜା ମନ୍ତ୍ରୀଙ୍କ ଆଡ଼କୁ ଚାହିଁଲେ। ମନ୍ତ୍ରୀ ତୁରନ୍ତ ଧୀରସ୍ୱରରେ କହିଲେ- ''ମହାରାଜ! ଏମାନଙ୍କର ପରସ୍ପର ମଧ୍ୟରେ ହେଉଥିବା ଝଗଡ଼ାର ସମସ୍ତ ରହସ୍ୟ ଜଣାପଡିଗଲା। ଯଦି ଆମେ ଏ ଦୁହିଁଙ୍କୁ ହତ୍ୟା କରିବା ତେବେ ଆମ ରାଜ୍ୟ ଆମ ହାତରେ ରହିବ ନାହିଁ। ସେ ଦୁହିଁଙ୍କୁ ସେମାନଙ୍କ ରାଜ୍ୟକୁ ଫେରାଇ ଦେବା ହିଁ ଶ୍ରେୟସ୍କର ହେବ।

ମନ୍ତ୍ରୀଙ୍କ କଥାରେ ବିଶ୍ୱାସ କରି ରାଜା ବୀରବଲଙ୍କୁ କହିଲେ- ''ତୁମକୁ ହତ୍ୟା କରିବା ପାଇଁ ତୁମର ରାଜା ଚିଠି ଲେଖିଛନ୍ତି। ରାଜାଙ୍କର

ନିର୍ଦ୍ଦେଶ ପାଳନ କରିବା ପାଇଁ ଆମେ ତାଙ୍କର ସେବକ ନୋହୁଁ। ନିର୍ଦ୍ଦୋଷମାନଙ୍କୁ ହତ୍ୟା କରି ଆମେ ବା କାହିଁକି ପାପ ଅର୍ଜନ କରିବୁ?''

ସେତିକିବେଳେ ବୀରବଲ ବିନୟର ସହିତ କହିଲେ -''ମହାରାଜ! ଆପଣ କିଛି ଠିକ୍ କରୁନାହାନ୍ତି। ମୁଁ ତ ଆପଣଙ୍କୁ ପ୍ରଥମରୁ ହିଁ କହିଥିଲି ଯେ ଏହି ରହସ୍ୟ କହିଦେଲେ ଆମର କ୍ଷତି ହେବ। ମୁଁ ଯେପରି କହିଥିଲି, ସେହିପରି ହିଁ ଘଟୁଛି।''

''ମୁଁ ସେସବୁ ଜାଣେନାହିଁ। ଜାଣିଶୁଣି କିଏ ବା କାହିଁକି ବିଷ ଖାଇବ। ନିଜ ହାତରେ ନିଜ ରାଜ୍ୟକୁ ହରାଇବା ପାଇଁ କିଏ ବା କାହିଁକି ଚାହିଁବ? ଯାଅ ଯାଅ! ନଚେତ୍ ଏଠାରୁ ଧକ୍କା ଦେଇ ବାହାର କରିଦେବୋ''- ରାଜା ଭୟ ଦେଖାଇ କହିଲେ।

ବୀରବଲ ବହୁତ ଭୟଭୀତ ହୋଇପଡିଥିବା ପରି ଅଭିନୟ କରି କହିଲେ- ''ତେବେ ଅନୁମତି ଦିଅନ୍ତୁ।'' ତାନସେନ୍‌ଙ୍କର ହାତ ଧରି ସେ ବାହାରକୁ ଚାଲିଗଲେ। କିଛିଦିନ ପରେ ସେ ପୁଣି ଦିଲ୍ଲୀରେ ପହଞ୍ଚିଲେ।

ତାନସେନ୍ ଆକବର ବାଦଶାହାଙ୍କୁ ଦେଖିବା ମାତ୍ରେ କହିଲେ- ''ହଜୁର! ଯଦି ବୀରବଲ ନଥାନ୍ତେ ତେବେ ମୁଁ ଆଜି ଆପଣଙ୍କ ସମ୍ମୁଖରେ ଉପସ୍ଥିତ ନଥାନ୍ତି। ବୀରବଲଙ୍କର ଚତୁରତା ହିଁ ଆମର ଜୀବନ ରକ୍ଷା କଲା। ବୀରବଲ ନଥିଲେ ମୁଁ କେବେ ବି ମୋର ପ୍ରାଣରକ୍ଷା କରିପାରି ନଥାନ୍ତି।'' ତାନସେନ୍ ସମସ୍ତ କାହାଣୀ ବାଦଶାହା ଆକବରଙ୍କୁ ଗୋଟି ଗୋଟି କରି ଶୁଣାଇଲେ।

ସେତିକିବେଳେ ଆକବର ସମସ୍ତ ମୁସଲମାନଙ୍କୁ ଡାକିଲେ। ଯେଉଁମାନେ ବୀରବଲଙ୍କୁ ଚତୁର ବ୍ୟକ୍ତି ଭାବରେ ଗ୍ରହଣ କରୁନଥିଲେ ଏବଂ ତାଙ୍କୁ ବିଶ୍ୱାସ କରୁନଥିଲେ ସେମାନଙ୍କୁ ଡକାଇ ପଠାଇଲେ। ସେ ଏକଥା ମଧ୍ୟ କହିଲେ ଯେ ଆକବର ଏବଂ ବୀରବଲଙ୍କର ଚତୁରତା ଯାଞ୍ଚ କରିବା ପାଇଁ ସେ ଏପରି କୌଶଳ କରିଥିଲେ। ସେତେବେଳେ ସେମାନଙ୍କର ବିଶ୍ୱାସ ହେଲା ଯେ ଆକବର ଯାହା କହୁଥିଲେ ତାହା ହିଁ ସତ୍ୟ।

ମୁସଲମାନମାନେ ସବୁକଥା ଶୁଣିଲା ପରେ ସତ କଥା କ'ଣ ବୁଝିପାରିଲେ। ସେମାନଙ୍କର ବୀରବଲଙ୍କ ପ୍ରତି ଥିବା ଈର୍ଷା ଦୂର ହୋଇଗଲା। ସେମାନେ ବୀରବଲଙ୍କର ଆଦର କରିବାକୁ ଲାଗିଲେ ଏବଂ ତାଙ୍କୁ ସମ୍ମାନ ଦେଲେ।





ବୁଦ୍ଧିମତା

ଅତୀତରେ କାଶ୍ମୀର ଦେଶରେ ଅବନ୍ତୀ ବର୍ମା ନାମକ ଜଣେ ରାଜା ରାଜୁତି କରୁଥିଲେ। ପ୍ରତିବର୍ଷ ସେହି ରାଜ୍ୟରେ ମରୁଡି ପଡୁଥିଲା।

କାଶ୍ମୀର ଦେଶ ଚାରିପଟେ ଅନେକ ବଡ଼ ବଡ଼ ଉଚ୍ଚ ପାହାଡ଼ ପର୍ବତ ଘେରି ରହିଛି। ସେଠାରେ ନଦୀଗୁଡିକ ପାହାଡ଼ ଫାଙ୍କରୁ କ୍ଷୀପ୍ର ବେଗରେ ବହି ଆସି ଚଟାଣରେ ବୋହିଯାଇଥାନ୍ତି। ତେଣୁ ସବୁ ବର୍ଷ ନଦୀରେ ବନ୍ୟା ଆସେ।

ଏହି ହ୍ରଦର ଜଳରେ ହଜାର ହଜାର ଏକର ଜମିର ଜଳସେଚନ ହୋଇଥାଏ ଏବଂ ଭଲ ଫସଲ ଅମଳ ହୋଇଥାଏ। କିନ୍ତୁ ସବୁବର୍ଷ ନିଜର ପରିଶ୍ରମର ଫଳ ପାଇବା ଲୋକଙ୍କ ଭାଗ୍ୟରେ ଯୁଟେ ନାହିଁ। କାରଣ ସେ ସ୍ଥାନରେ, ବିତସ୍ତା ନଦୀରେ ବାରମ୍ବାର ବନ୍ୟା ଆସେ, ଏବଂ ବନ୍ୟା ଜଳରେ ଝିଲ୍ ହ୍ରଦର ଜଳ ବହୁ ଦୂର ପର୍ଯ୍ୟନ୍ତ ବ୍ୟାପି ଯାଏ, ଅନେକ କ୍ଷତି ଘଟାଇଥାଏ।

ରାଜା ଅବନ୍ତୀ ବର୍ମା ଅତ୍ୟନ୍ତ ଧର୍ମ-ପରାୟଣ ବ୍ୟକ୍ତି ଥିଲେ। ସେ ସବୁବେଳେ ମନେ ମନେ ଭାବୁଥିଲେ ଯେ ତାଙ୍କର କୌଣସି ଦୋଷ ଥିବାରୁ ତାଙ୍କର ପ୍ରଜାମାନେ ତାହାର ଫଳ ଭୋଗ କରୁଛନ୍ତି। ସେ ଦେବଦେବୀଙ୍କର ପୂଜା କରାଇଲେ, ଯାଗ-ଯଜ୍ଞ କରାଇଲେ। କିନ୍ତୁ ନଦୀରେ ବନ୍ୟା ଆସିବା ବନ୍ଦ ହେଲା ନାହିଁ।

ଏହିପରି ଭାବରେ ଯେତେବେଳେ କିଛି ସମୟ ବିତିଗଲା ରାଜାଙ୍କ କାନରେ ଗୋଟିଏ ଖବର ପଡିଲା।ସୂର୍ଯ୍ୟା ନାମକ ଜଣେ ବ୍ୟକ୍ତି କହିବୁଲୁଛନ୍ତି ଯେ ସେ ନଦୀରେ ବନ୍ୟା ଅଟକାଇ ଦେଇପାରିବେ। ଲୋକମାନେ ତାହାକୁ ପାଗଳ ବୋଲି ବିଚାର କରୁଥିଲେ ଏବଂ ତାକୁ ଗାଳିମନ୍ଦ କରୁଥିଲେ।

ଅବନ୍ତି ବର୍ମା ବନ୍ୟା ରୋକିବା ପାଇଁ ସବୁପ୍ରକାରର କାମ ପ୍ରସ୍ତୁତ ଥିଲେ। ତେଣୁ ସୂର୍ଯ୍ୟ

Digitized by
Deb's Library Corner
https://t.me/debslibrarycorner

କେ. ଯମୁନା ଭାଇ



ପାଖକୁ ଖବର ପଠାଇଲେ। ସୂର୍ଯ୍ୟରାଜାଙ୍କ ପାଖକୁ ଆସିଲା।

''ଶୁଣିଛି ଯେ, ତୁ କହିବୁଲୁଛୁ ଦୁର୍ଭିକ୍ଷ ଦୂର କରିଦେବୁ-ବନ୍ୟା ଅଟକାଇ ଦେଇପାରିବୁ। ଏକଥା କ'ଣ ସତ?''- ରାଜା ପଚାରିଲେ।

''ଆଜ୍ଞା, ମହାରାଜ! ଯଦି ନଦୀରେ ବନ୍ୟା ଆସିବାକୁ ରୋକି ଦିଆଯାଇପାରିବ ତେବେ ଦୁର୍ଭିକ୍ଷ ଆପେ ଆପେ ଦୂର ହୋଇଯିବ।''- ସୂର୍ଯ୍ୟ କହିଲା।

''ବନ୍ୟାକୁ କିପରି ରୋକାଯାଇପାରିବ? ତୁ କ'ଣ ତାହାକୁ ରୋକିପାରିବୁ?''-ରାଜା ଉତ୍କଣ୍ଠାର ସହିତ ପଚାରିଲେ।

''ଆଜ୍ଞା, ମହାରାଜ! ମୁଁ ରୋକିପାରିବି।'' ସୂର୍ଯ୍ୟ କହିଲା।

''ଯେଉଁ କାମ ଆମ୍ଭେ କରିପାରିଲୁ ନାହିଁ, ସେ କାମ ତୁ ଏକୁଟିଆ ତୁ କିପରି କରିପାରିବୁ?'' ରାଜାପଚାରିଲେ।

''ପଇସା ଦିଅନ୍ତୁ। ଦୁନିଆରେ ଏମିତି କିଛି କାମ ନାହିଁ ଯାହା ପଇସା କରିପାରିବ ନାହିଁ।''

''ଗନ୍ତାଘରେ ଯେତିକି ଧନ ଅଛି, ସେସବୁ ନେଇଆସନ୍ତୁ। କିନ୍ତୁ ଧ୍ୟାନ ଦିଅନ୍ତୁ ଯେ ଆରବର୍ଷ ଯେପରି ବନ୍ୟା ଆସିବ ନାହିଁ।''-ରାଜା କହିଲେ।

ମନ୍ତ୍ରୀ ରାଜାଙ୍କୁ ଅଟକାଇବାକୁ କହିଲେ, କିନ୍ତୁ ରାଜା ମନ୍ତ୍ରୀଙ୍କ କଥା ଶୁଣିଲେ ନାହିଁ। ସୂର୍ଯ୍ୟ ଯେତେସମ୍ଭବ ଅଧିକ ସ୍ୱର୍ଣ୍ଣମୁଦ୍ରା ଗୋଟିଏ ଗଣ୍ଠିଲି ବାନ୍ଧି ଧରିଚାଲିଲା। ଲୋକମାନେ ପାଟିକଲେ, ଥଟ୍ଟା ତାମ୍‌ସା କରି ତା'ପଛେ ପଛେ ଚାଲିଲେ। ଅନେକ ଭାବିଲେ ଯେ ରାଜାଙ୍କୁ ଚକମା ଦେଇ ସୂର୍ଯ୍ୟଧନ ନେଇ ଚାଲିଯାଉଛି। ସୂର୍ଯ୍ୟ ସହିତ ରାଜା ବି ପାଗଳ ହୋଇଯାଇଛନ୍ତି। କିନ୍ତୁ ସମସ୍ତେ ଏହା ଦେଖିବା ପାଇଁ ଅପେକ୍ଷା କରିଥିଲେ ଯେ ସୂର୍ଯ୍ୟ ଏତେ ଧନ ନେଇ କ'ଣ କରିବ?

ପ୍ରତିବର୍ଷ କ୍ଷତି କରୁଥିବା ବିତସ୍ତା କିଛିଦୂର ଯାଇ ପାହାଡ଼ ମଧ୍ୟରେ-ଘାଟୀରେ ପ୍ରବାହିତ ହେଉଥିଲା। ବହୁବର୍ଷ ଧରି ଦୁଇ ପାର୍ଶ୍ୱରେ ପାହାଡ଼ରୁ ବଡ଼ ବଡ଼ ପଥର ଗଡିଯାଇ ନଦୀର ଧାରକୁ ଅବରୋଧ କରୁଥିବାରୁ ଏକ ବନ୍ଧ ସଦୃଶ ପଥରଗଦା ସୃଷ୍ଟି ହୋଇଥିଲା। ସେହି କାରଣରୁ ଜଳପ୍ରବାହ ଅବରୋଧ ହେଉଥିଲା। ଯେତେବେଳେ ନଦୀରେ ବନ୍ୟା ହେଉଥିଲା, ଲୋକେ ସେହି ପଥର ଉପରେ ଚଢ଼ି ନଦୀ ପାର୍

କରୁଥିଲେ। ସେହି ପଥର କାରଣରୁ ନଦୀରେ ବନ୍ୟା ଆସୁଥିଲା। ବନ୍ୟା ସମୟରେ ନଦୀର ପାଣି ବହିନପାରି ଚାରିଆଡ଼େ ବ୍ୟାପିଯାଉଥିଲା।

ସୂର୍ଯ୍ୟଧନର ଗଣ୍ଠିଲି ନେଇ ସେ ସ୍ଥାନରେ ପହଞ୍ଚିଲା। ତା'ର ପଛେ ପଛେ ହଜାର ହଜାର ଲୋକ ଆସୁଥିଲେ। ସୂର୍ଯ୍ୟ ନଦୀର ମଝିରେ ଥିବା ସବୁଠାରୁ ବଡ଼ ପଥର ଉପରେ ଚଢ଼ିଗଲା ଏବଂ ମୁଠା ମୁଠା ସ୍ୱର୍ଣ୍ଣ ମୁଦ୍ରା ନଦୀକୁ ଫୋପାଡ଼ି ନଦୀ ପାର୍ ହୋଇଗଲା।

ଲୋକମାନଙ୍କ ଭିତରେ ହୋ ହାଲ୍ଲା ଆରମ୍ଭ ହେଲା। ଏହା ପ୍ରମାଣିତ ହୋଇଯାଇଥିଲା ଯେ ସୂର୍ଯ୍ୟ ସତରେ ପାଗଳ, ନହେଲେ କେହି କ'ଣ ସୁନାର ମୁଦ୍ରା ନଦୀକୁ ଫୋପାଡ଼ନ୍ତା? ତାକୁ ଅଟକାଇବାକୁ କାହାର ସାଧ ନଥିଲା।

ଲୋକମାନଙ୍କ ମଧ୍ୟରେ କୋଳାହଳ ଦେଖାଦେଲା। କେତେକ ଖୁବ୍ ଶୀଘ୍ର ପାଣିକୁ ଓହ୍ଲାଇପଡି ସ୍ୱର୍ଣ୍ଣମୁଦ୍ରା ଖୋଜିବାକୁ ଲାଗିଲେ ଏବଂ କେତେକ ଦଳ ଦଳ ହୋଇ, ବଡ଼ ବଡ଼ ପଥରକୁ ଗୋଟିଏ ପଟକୁ ଠେଲି ଠେଲି ନେଇ ରଖିଲେ ଏବଂ ତାହା ମଝିରେ ପଡିଥିବା ସ୍ୱର୍ଣ୍ଣ ମୁଦ୍ରା ଖୋଜିଲେ।

କିଛି ସମୟ ମଧ୍ୟରେ ଏକଥା ଆଖପାଖ ଗାଁକୁ ବ୍ୟାପିଗଲା। ହଜାର ହଜାର ଲୋକ ଆସି ହଜାର ବର୍ଷରୁ ନଦୀରେ ପଡିଥିବା ପଥରଗୁଡ଼ିକୁ ହଟାଇ ଗୋଟିଏ କଣରେ ରଖିଦେଲେ। ସେମାନଙ୍କର ଉତ୍ସାହ ବଢ଼ାଇବା ପାଇଁ ରାଜକୋଷରୁ ଆହୁରି ଅଧିକ ଧନ ନେଇଯାଉଥାଏ।

ସଞ୍ଜ ହେଲାବେଳକୁ ପଥର ପୋଲର ଚିହ୍ନବର୍ଣ୍ଣ ନଥିଲା। ଜଳ ଆପେ ଆପେ ସ୍ୱଚ୍ଛନ୍ଦ ଗତିରେ ବହିଯାଉଥିଲା। ଯେଉଁ ଲୋକମାନେ ପରିଶ୍ରମ କରିଥିଲେ ସେମାନଙ୍କୁ ସ୍ୱର୍ଣ୍ଣମୁଦ୍ରା ମଧ୍ୟ ମିଳିଥିଲା।

ସେହିବର୍ଷ ପରଠାରୁ କାଶ୍ମୀରରେ ନଦୀରେ ବନ୍ୟା ଆସିଲା ନାହିଁ, ଦୁର୍ଭିକ୍ଷ ମଧ୍ୟ ଆସିଲା ନାହିଁ। ପ୍ରଜାମାନେ ସୁଖ ଶାନ୍ତିରେ ରହିଲେ।

ସୂର୍ଯ୍ୟା ବୁଦ୍ଧିମତ୍ତାର ସହିତ ଦେଶସେବା କରିଥିବାରୁ ରାଜା ବହୁତ ପ୍ରଶଂସା କଲେ। ତାହାକୁ ବହୁତ ଧନ ଦେଇ ସମ୍ମାନିତ କଲେ।



ରଜାଙ୍କ ଗର୍ବଭଙ୍ଗ

ଏକ ସମୟରେ ମଗଧ ଦେଶରେ ଚନ୍ଦ୍ରରଙ୍ଗ ବୀର ରାଜପଣ କରୁଥିଲେ। ସେ ନୌବଳ ଖେଳରେ ବଡ଼ ନିପୁଣ ଥିଲେ। ଦୂର ଦୂରାନ୍ତ ତାଙ୍କ ଖ୍ୟାତି ବ୍ୟାପୀ ଯାଇଥିଲା।

ନିତି ନିତି ଆଳୀ ପୁଅ ମାଳୀ ପୁଅ ମଧ୍ୟ ରଜାଙ୍କ ସଙ୍ଗରେ ନୌବଳ ଖେଳରେ ପ୍ରତିଯୋଗିତା କରିବାକୁ ଆସିବାରୁ ରଜା ବିରକ୍ତ ହୋଇ ଘୋଷଣା କଲେ ''ନୌବଳ ଖେଳରେ ମୋ ସାଂଗରେ ଖେଳି ଯିଏ ହାରି ଯିବ ତା'ର ଏଣିକି ମୁଣ୍ଡକାଟ ହେବ।''

ରଜାଙ୍କ ସେ ଘୋଷଣା ଶୁଣିଲାରୁ ନୌବଳ ଖେଳାଳୀମାନେ ରାଜଦ୍ୱାର ମାଡ଼ିବା ବନ୍ଦ କରିଦେଲେ। ରଜାଙ୍କ ସହିତ ନୌବଳ ଖେଳ ଖେଳିବାକୁ ଆଉ କେହି ଆସିବାକୁ ସାହସ କଲେ ନାହିଁ। କେହି ଯଦି ଭୁଲ୍‌ରେ ଅଥବା ଅଜ୍ଞାତରେ ରାଜଦ୍ୱାରରେ ପହଞ୍ଚିଯାଏ, ରଜା ତାଙ୍କର ଘୋଷଣା କଥା ତାକୁ ଜଣାଇ ଦିଅନ୍ତି। କେହି ଯଦି ଜିଦ୍ ଧରି ରଜାଙ୍କ ସହିତ ଖେଳି ବସେ, ଖେଳରେ ସେ ହାରି ଗଲେ ରଜା ତାଙ୍କର ଘୋଷଣା ଅନୁସାରେ ତା'ର ମୁଣ୍ଡ କଟେଇ ଦିଅନ୍ତି।

ଏମିତି ଦୁଇ ଚାରି ଜଣଙ୍କର ମୁଣ୍ଡ କାଟ ହୋଇଯିବାରୁ ରଜାଙ୍କ ସହିତ ନୌବଳ ଖେଳିବାକୁ କେହି ସାହସ କଲେ ନାହିଁ। କେହି ଆସିଲେ ନାହିଁ।

ସେତେବେଳେ କାବେରୀ ନଦୀ କୂଳରେ ଜଣେ ପଣ୍ଡିତ ଥିଲେ। ସେ ନୌବଳ ଖେଳ ଭଲ ଭାବରେ ଜାଣିଥିଲେ। କେଉଁଠି ଯଦି ନୌବଳ ଖେଳ ହେଉଥାଏ ସେ ସେଠି ପ୍ରାୟ କହନ୍ତି ''ଏହି ଦାନଟି ଖେଳ, ସେ କଳା ରଜାଟାକୁ ଧର''। କେହି ଯଦି ତାଙ୍କୁ ଖେଳିବାକୁ ଧରି

ପି. ରାଜେଶ୍ୱରୀ

ବସନ୍ତି, ସେ ନିଜେ ଖେଳି ଖେଳର ରହସ୍ୟ ବୁଝେଇ ଦିଅନ୍ତି।

ମଗଧ ରଜାଙ୍କ ଘୋଷଣା ଦିନେ କାବେରୀ କୂଳର ପଣ୍ଡିତଙ୍କ କାନରେ ପଡ଼ିଲା। ରଜାଙ୍କ ଉପରେ ପଣ୍ଡିତଙ୍କର ବିରାଗ ଉପୁଜିଲା। ରଜାଙ୍କର ଏ କି ଅଦ୍ଭୁତ ପଣ! ନୌବଳ ଖେଳିବାର ମଜା ଖେଳିବାରେ, ଜାଣିବାରେ ନୁହେଁ। ଖେଳରେ ଅବଶ୍ୟ ଜଣେ ଜିଣିବ, ଜଣେ ହାରିବ। ସାଥୀ ଖେଳାଳିଟା ହାରି ଗଲା ବୋଲି ରଜାଟା ଖେଳାଳିର ମୁଣ୍ଡ କାଟି ଦେଉଛି?

ଏହା ଭାବି ମଗଧ ଦେଶର ରଜାଙ୍କୁ ଥରେ ଶିକ୍ଷା ଦେବା ପାଇଁ ପଣ୍ଡିତେ ମନେ ମନେ ସଂକଳ୍ପ କଲେ। ପାଦରେ ଚାଲି ଚାଲି ପଣ୍ଡିତେ ଯାଇ ମଗଧ ଦେଶରେ ପହଂଚିଲେ। ଯଥା ସମୟରେ ପଣ୍ଡିଙ୍କୁ ରାଜଦର୍ଶନ ମିଳିଗଲା।

ପଣ୍ଡିତ ଦେଖା କଲେ "ମହାରାଜ! ମୋର କାବେରୀ ନଦୀ କୂଳରେ ଘର। ନୌବଳ ଖେଳରେ ଛାମୁଙ୍କୁ କେହି ହରେଇ ପାରୁ ନାହାନ୍ତି ଶୁଣି ଛାମୁଙ୍କ ଖେଳ ଦେଖିବାକୁ ଆସିଗଲି।"

ରାଜା ଆଜ୍ଞା ହେଲେ "ହେଁ। ମୋର ମଧ ନୌବଳ ଖେଳିବାକୁ ବଡ଼ ଇଛା। କିନ୍ତୁ ମୋ ସଙ୍ଗେ ଖେଳିଲା ଭଳି ଖେଳାଳି କେହି ମିଳୁ ନାହାନ୍ତି। ମୁଁ ଏପରି ଏକ ଘୋଷଣା କରିଛି ଯେ, କେହି ଯଦି ମୋ ସାଙ୍ଗରେ ଖେଳି ହାରିଯାଏ, ମୁଁ ତା'ର ମୁଣ୍ଡ କାଟି ଦେବି। ସେହି ଡରରେ କୌଣସି ଖେଳାଳି ମୋ ଦ୍ୱାର ମାଡୁ ନାହାନ୍ତି।



ପଣ୍ଡିତେ କିଛି ସମୟ ବିଚାର କରି କହିଲେ- 'ଏହି କଥା ତ! ତେବେ ମୁଁ ଛାମୁଙ୍କ ସଙ୍ଗେ ଥରେ ଖେଳିବି।"

"ଆରେ ପଣ୍ଡିତ! ତୁ କ'ଣ ବାୟା ହୋଇଗଲୁ କିରେ? ଯଦି ହାରି ଯାଉ ତେବେ ତୋର ହେବ ମୁଣ୍ଡ କାଟ, ତୁ କ'ଣ ତାହା ଜାଣୁ?" ରାଜା ଏପରି ଆଜ୍ଞା ଦେଲେ।

ପଣ୍ଡିତେ ବହୁତ ନିବେଦନ କଲେ- "ମହାରାଜ! ମୁଁ ସେହି ପ୍ରଶ୍ନର ଉତ୍ତର ଦେବି। କହିଲେ ଛାମୁ ମୋର ଗୋଟିଏ ସନ୍ଦେହ ଦୂର କରନ୍ତୁ। ମୋର ଏତିକି ମାଗୁଣି।"

ମଗଧ ନୃପତି ଆଜ୍ଞା ହେଲେ- "ତୋର କି ସନ୍ଦେହ କହ ତ!"

ପଣ୍ଡିତେ ବିନୟରେ ପଚାରିଲେ "ହେ ମଗଧ ନୃପତି! ମୁଁ ଯଦି ଖେଳରେ ହାରିଯାଏ



ଯାକ ଛକ ପାଇଁ ଧାନ ଦେଇ ଦିଅନ୍ତୁ। ଏହାଠାରୁ ଅଧିକ କିଛି ମୋର ଲୋଡ଼ା ନାହିଁ।'' ପଣ୍ଡିତେ ଏପରି ବିନୟରେ ଜଣାଇଲେ। ରଜାଙ୍କ ମରେଇ ଘରୁ ପଣ୍ଡିତଙ୍କ ଯେତେ ଧାନ ଲୋଡ଼ା ସେତେ ଧାନ ଦିଆଯିବ ବୋଲି ରଜା ପ୍ରତିଜ୍ଞା କଲେ।

ପଣ୍ଡିତେ କିନ୍ତୁ କହିଲେ ''ମହାରାଜ! ଆଗେ ହିସାବ କରନ୍ତୁ ମୋତେ କେତେ ଧାନ ଦେବାକୁ ପଡ଼ିବ! ହିସାବ ଠିକ୍ କରି ସାଇଲା ପରେ ଧାନ କଥା ଉଠାଯାଉ।''

ମଗଧ ରଜା ତାଙ୍କ ଗଣିତ ପଣ୍ଡିତଙ୍କୁ ଡକେଇଲେ। କାବେରୀ ନଦୀ କୂଳରେ ପଣ୍ଡିତଙ୍କୁ ମଗଧ ରଜାଙ୍କ ଗଣିତ ପଣ୍ଡିତ ପଚାରିଲେ ''ପ୍ରଥମ ଘରାରେ କେତେ ଧାନ ରଖାଯିବ, କହନ୍ତୁ!''

''କେବଳ ଗୋଟିଏ ଦାନା ହେଲେ ହେଲା'' ଦକ୍ଷିଣୀ ପଣ୍ଡିତେ ଏପରି କହିଲେ। ରଜା ପଣ୍ଡିତଙ୍କର ଗୋଟିଏ ଧାନରେ ସନ୍ତୁଷ୍ଟ ହେବାର ଦେଖି ମୁରୁକି ହସା ଦେଲେ। ତେଣେ ରଜାଙ୍କ ଗଣିତ ପଣ୍ଡିତ ହିସାବ କରି ରଜାଙ୍କୁ ଜଣାକଲେ ଯେ, ପ୍ରଥମ ଘରାରେ ଏକ, ଦ୍ୱିତୀୟ ଘରାରେ ଦୁଇ, ତୃତୀୟ ଘରାରେ ଚାରି, ଏପରି ୬୪ ଘରାରେ ଧାନ ଦେବାକୁ ପଡ଼ିବ–

୧୮୪୪୬୭୪୪୦୭୩୭୦୯୫୫୧୬୧୫

ମଗଧ ନୃପତି ଏ ହିସାବ ଶୁଣି ଆବା କାବା ହୋଇଗଲେ। ରଜା ପଚାରିଲେ ''ବର୍ତ୍ତମାନ ହିସାବ କରି କୁହ ଧାନ କେତେ ବର୍ଷରେ

ଅବଶ୍ୟ ମୋର ଶିରଛେଦ ହେବ ମୁଁ ଜାଣେ। କିନ୍ତୁ ମୁଁ ଯଦି ଖେଳରେ ଜିତି ଯାଏ, ତେବେ ଛାମୁ ମୋତେ କଣ ଉପହାର ଦେବେ କହନ୍ତୁ!''

ମଗଧ ନୃପତିଙ୍କ ଶ୍ରୀମଖରୁ ଆଜ୍ଞା ହେଲା ''ମୋତେ ଯିଏ ନୌବଳ ଖେଳରେ ହରେଇ ଦେବ ସିଏ ଯାହା ମାଗିବ ମୁଁ ତାକୁ ତାହା ଦେଇ ଦେବି। କହ ପଣ୍ଡିତ ତୁ ଯଦି ଜିଣୁ, ତୋର କଣ ଲୋଡ଼ା?''

''ମୁଁ ଯଦି ଜିଣି ଯିବି ମହାରାଜ! ମୋତେ କେବଳ ଧାନ ଦିଅନ୍ତୁ। ନୌବଳ ଖେଳରେ ପ୍ରତ୍ୟେକ ଛକ ସକାଶେ ଏପରି ପରିମାଣରେ ଧାନ ଦେବେ ଯେ ପ୍ରଥମ ଛକର ଦୁଇ ଗୁଣ ଧାନ ପାଇବ ଦ୍ୱିତୀୟ ଛକ। ସେହିପରି କ୍ରମବୃଦ୍ଧି ଅନୁସାରେ ୬୪ଟା

ଆସିପାରିବ।'' ଗଣିତ ପଣ୍ଡିତ ସେରେ ହେବ ଚାଉଳ ନେଇ ତାକୁ ଗଣିଲେ ଏବଂ ଗଉଣିଏ ହେବ ଧାନ ଗୋଟି ଗୋଟି ଗଣି ଜମା କଲେ- ''ମହାରାଜ! ଦୁଇ ଲକ୍ଷ ବର୍ଷରେ ଆମ ରାଜ୍ୟରେ ଯେତେ ଧାନ ଅମଳ ହେବ ସେତେକ ଯାକ ଧାନ ଦେଇ ଦେବାକୁ ହେବ।'' ରଜାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ରଜା ପଚାରିଲେ ''କଣ ଦ୍ୱିତୀୟ ଥର ହାରିଲେ ସୁଦ୍ଧା ଏତିକି ଧାନ ଦେବାକୁ ପଡ଼ିବ?''

''ମହାରାଜ! ମୁଁ ଅତି କମ୍ ମାଗିଲି ବୋଲି ଛାମୁ ଆଜ୍ଞା ହେଲେ। ମୁଁ ଯଦି ହାରିଯାଏ ତ ମୋର ହେବ ମୁଣ୍ଡକାଟ। ମୋର ଯଦି ଜିଣା ହୁଏ, ମୋ ମାଗିବା ଜିନିଷ ଛାମୁ କେବେ ହେଲେ ଦେଇପାରିବେ ନାହିଁ।'' ଦକ୍ଷିଣୀ ପଣ୍ଡିତେ ଏପରି କହିଲେ।

ରାଜା ଆଜ୍ଞା ହେଲେ- ''ଧର ତମେ ପଣ୍ଡିତେ ଜିଣି ଗଲ। ଜିଣିଲେ ତମର ସନ୍ତୋଷ। କିନ୍ତୁ ଯଦି ହାରି ଯାଅ ତେବେ କଣ ହେବ ତମର, ତୁମେ ଜାଣ ତ! ତମେ ଏତେ ଦୁଃସାହସ କାହିଁକି କରୁଛ?''

ଦକ୍ଷିଣୀ ପଣ୍ଡିତେ କହିଲେ ''ହେ ମଗଧ ରାଜନ୍! ମୋର ମାଗିବାଟା ଦେବାକୁ ଛାମୁ ସ୍ୱୀକାର କଲା ବେଳେ ମୁଁ ଜାଣି ଗଲି ଯେ ଛାମୁଙ୍କର ଗଣିତ ଜ୍ଞାନ ନାହିଁ। ବର୍ତ୍ତମାନ ଧାନର ହିସାବ ଦେଖି ଛାମୁ ଅବଶ୍ୟ ହାରି ଯିବେ ଜାଣି ଓହରି ଯାଉଛନ୍ତି। ଛାମୁଙ୍କର ଗଣିତ ଜ୍ଞାନ ନାହିଁ, ଗଣିତ ଜ୍ଞାନ ଥିଲେ ମୁଁ ଛାମୁଙ୍କ ସହିତ ଖେଳିବାକୁ ସାହସ କରନ୍ତି ନାହିଁ।''

ମଗଧ ନୃପତି ଚତୁରଙ୍ଗ ବୀର କାବେରୀ କୂଳର ପଣ୍ଡିତଙ୍କ ପାଣ୍ଡିତ୍ୟରେ ବଡ଼ ସନ୍ତୁଷ୍ଟ ହେଲେ ଏବଂ ହାର ମାନି ତାଙ୍କୁ ବହୁତ ଧନ ରତ୍ନ ଦେଇ ବିଦାୟ କଲେ। ମଗଧ ଦେଶର ରଜାଙ୍କ ଗର୍ବ ଖର୍ବ ହୋଇଗଲା। ସେହିଦିନଠାରୁ ସେ ନୌବଳ ଖେଳାଳିମାନଙ୍କ ସହିତ ଆନନ୍ଦରେ ଖେଳିବାକୁ ଲାଗିଲେ। ଖେଳରେ ହାରି କେହି ଆଉ ପ୍ରାଣଦଣ୍ଡ ପାଇଲେ ନାହିଁ।





ଚୋରର ଠିକଣା

ସେତେବେଳେ ଶ୍ରୀବସ୍ତିର ରାଜା ଥିଲେ ପ୍ରସେନଜିତ୍‌। ସେ ଜଣେ ପ୍ରଜାବତ୍ସଳ ରାଜା ଥିଲେ। ପ୍ରଜାମାନେ ସାଧୁ ସନ୍ଥ ଏବଂ ପଣ୍ଡିତମାନଙ୍କୁ ଆଦର କରୁଥିଲେ। ଦୂର ଦେଶର ଏକ ବ୍ରାହ୍ମଣ ତାଙ୍କ ନଗରରେ ରହିବା ପାଇଁ ଆସିଲା। ସୌଭାଗ୍ୟବଶତଃ ଜଣେ ଧନୀ ବୈଶ୍ୟ ବେପାରୀଙ୍କ ଗୃହରେ ତାଙ୍କୁ ଆଶ୍ରୟ ମିଳିଲା। ଅନ୍ନ, ବସ୍ତ୍ର ଆଦି ସହିତ ତାଙ୍କୁ ବହୁ ପରିମାଣର ଦାନ ଦକ୍ଷିଣା ମଧ୍ୟ ମିଳୁଥିଲା। ସେ ଏକୁଟିଆ ଲୋକ ଥିଲେ, ତେଣୁ ଖର୍ଚ୍ଚ କମ୍ ଥିଲା।

ତେଣୁ ସେ ୧୦୦ମୋହର କିଣି ଜମା କରିଦେଲେ। ତାହାକୁ ସୁରକ୍ଷିତ ରଖିବା ପାଇଁ ସେ ଜଙ୍ଗଲର ଗୋଟିଏ ଜାଗାରେ ଗାତ ଖୋଳି ପୋତିଦେଲେ। ବ୍ରାହ୍ମଣର ନିଜର କେହି ଭାଇ ଭଉଣୀ ନଥିଲେ, ପରିବାର ବୋଲି କିଛି ନଥିଲା। ତେଣୁ ବ୍ରାହ୍ମଣର ପ୍ରାଣ ସଦାସର୍ବଦା ସେହି ମୋହରରେ ଲାଗି ରହୁଥିଲା। ସେ ପ୍ରତିଦିନ ଜଙ୍ଗଲକୁ ଯାଉଥିଲା ଏବଂ ଧନକୁ ଦେଖିଆସୁଥିଲା। ସେହି ଧନକୁ ଦେଖିବା ତା'ର ନିତିଦିନିଆ କାର୍ଯ୍ୟ ଥିଲା।

ଦିନେ ଯେତେବେଳେ ସେ ଜଙ୍ଗଲକୁ ଗଲା ସେଠାରେ ମୋହର ନ ଥିଲା। କେହି ତାହାକୁ ଖୋଳି ଚୋରାଇ ନେଇଯାଇଥିଲା। ମାଟି ଖୋଳାଯାଇଥିବାର ଦେଖିଲା।

ବ୍ରାହ୍ମଣ ଯେପରି ପାଗଳପ୍ରାୟ ହୋଇଗଲା। କାନ୍ଦି ବୋବାଇ ଛାଟିପିଟି ହୋଇ ସହରରେ ପହଞ୍ଚିଲା। ରାସ୍ତାରେ ଯାହାକୁ ଭେଟିଲା ସମସ୍ତଙ୍କୁ ଗୋଟି ଗୋଟି କରି ତା'ର ଦୁଃଖର କାହାଣୀ ଶୁଣାଇଲା। ବ୍ରାହ୍ମଣକୁ କିପରି ଆଶ୍ୱାସନା ଦିଆଯିବ କେହି ଚିନ୍ତା କରିପାରିଲେ ନାହିଁ! ସମସ୍ତେ ବ୍ରାହ୍ମଣର କଥା ଶୁଣୁଥାନ୍ତି ଏବଂ ଆଶ୍ୱାସନା ଦେଇ ଚାଲିଯାଉଥାନ୍ତି।

ଏ କ୍ଷେତ୍ରରେ କିଏ ବା କଣ କରିବ। ଜଙ୍ଗଲ ଭିତରୁ କିଏ ଚୋରି କଲା କିପରି ଜଣା ପଡିବ? ବ୍ରାହ୍ମଣ ଧନ ହରାଇ ଦୁଃଖରେ ଭାଙ୍ଗିପଡିଲା, କଣ କରିବ ବୁଦ୍ଧି ଦିଶିଲା ନାହିଁ।

''ଯେତେବେଳେ ମୋର ସାରା ଜୀବନର

ଟି. ପ୍ରସାଦ ରାଓ

ସଂଚିତ ଧନ ହିଁ ଚାଲିଗଲା ବଞ୍ଚିରହି କ'ଣ ଲାଭ? ନଦୀକୁ ଯାଇ ଆତ୍ମହତ୍ୟା କରିଦେବି!'' ଏକଥା କହି ସେ ନଦୀଆଡ଼କୁ ଅଗ୍ରସର ହେଲା।

ସେତିକିବେଳେ ରାଜା ପ୍ରସେନଜିତ୍ ନଦୀକୁ ସ୍ନାନ କରିବାକୁ ଆସୁଥିଲେ। ସେ ଆତ୍ମହତ୍ୟା କରୁଥିବା ବ୍ରାହ୍ମଣକୁ ଦେଖିଲେ, ତା'ଠାରୁ ସବୁ କଥା ଶୁଣିଲେ। ''ବ୍ରାହ୍ମଣ! ଆତ୍ମହତ୍ୟା କାହିଁକି କରୁଛ? ରାଜ୍ୟରେ ଯଦି ଚୋରି ହେଉଛି ତେବେ ଚୋରକୁ ଧରିବା ପାଇଁ ମୁଁ ଅଛି? ଯେ କେହି ତୁମର ଧନ ଚୋରାଇ ନେଇଛି ମୁଁ ତାକୁ ନିଶ୍ଚୟ ଧରିବି ଏବଂ ତୁମକୁ ତୁମର ସମ୍ପତ୍ତି ଫେରାଇଦେବି। ମୋ ଉପରେ ଆସ୍ଥା ରଖ। ତୁମେ ଯେଉଁଠାରେ ଟଙ୍କା ପୋତିଥିଲ ସେ ସ୍ଥାନରେ କୌଣସି ଚିହ୍ନ ଅଛି କି? ଏପରି କିଛି ସଂକେତ ଅଛି କି ଯାହାକୁ ଦେଖି, ଆମେ ସେହି ସ୍ଥାନକୁ ଚିହ୍ନଟ କରିପାରିବା?''-ରାଜା ଜାଣିବା ପାଇଁ ପଚାରିଲେ।

''ମହାପ୍ରଭୁ! ମୁଁ ଯେଉଁ ସ୍ଥାନରେ ଟଙ୍କା ପୋତି ରଖିଥିଲି, ସେଠାରେ ଏକ ଜଙ୍ଗଲୀ ଲତାଟିଏ, ଜହ୍ନି ଗଛଟିଏ ଥିଲା। ଏବେ ସେଇଟି ମଧ୍ୟ ସେଠାରେ ନାହିଁ।'' ବ୍ରାହ୍ମଣ କହିଲେ।

''ଜଙ୍ଗଲୀ ଲଟାର ବୃକ୍ଷ କିପରି ସଂକେତ ହୋଇପାରେ? ସେମିତି ତ ବହୁତ ଲତା ରହିଛି। ଜଙ୍ଗଲରେ ତ କେତେ ଗଛଲତା ଅଛି?''-ରାଜା ପଚାରିଲେ।

''ନାହିଁ, ମହାପ୍ରଭୁ! ସେଠାରେ କେବଳ ଗୋଟିଏ ମାତ୍ର ଜଙ୍ଗଲୀ ଜହ୍ନି ଲତା ରହିଥିଲା।ଆଖପାଖ ଅଂଚଳରେ କେଉଁ ସ୍ଥାନରେ ଏପରି ଲତା ଦେଖିବାକୁ ମିଳେନାହିଁ। ଏବେ ସେଠାରେ ତାହା ନାହିଁ''-ବ୍ରାହ୍ମଣ କହିଲା।

''ତୁମେ ସେଠାରେ ଟଙ୍କା ପୋତି ରଖିଛ,



ଏକଥା ତୁମ ବ୍ୟତୀତ ଆଉ କାହାକୁ ଜଣାଥିଲା? କେବେ କାହକୁ ଏ ବିଷୟରେ କଥା ଛଳରେ କହିଥିଲ କି?''-ରାଜା ପଚାରିଲେ

''ମହାପ୍ରଭୁ! ମୋ ବ୍ୟତୀତ ଆଉ କେହି ଜାଣିନଥିଲେ। ମୋର ବା କିଏ ଅଛି ଯେ ମୁଁ କାହାକୁ କହିଥାନ୍ତି?''-ବ୍ରାହ୍ମଣ କହିଲା।

ରାଜା ମହଲକୁ ଫେରିଆସି ତାଙ୍କର ଚୋରି ବିଷୟରେ ଗଭୀର ଭାବରେ ଚିନ୍ତା କରିବାକୁ ଲାଗିଲେ। ଚୋର ବିଷୟରେ ଜାଣିବା ପାଇଁ ତାଙ୍କ ମନକୁ ଗୋଟିଏ ଉପାୟ ଆସିଲା। ସେ ମନ୍ତ୍ରୀଙ୍କୁ ଡାକି କହିଲେ-

''ମନ୍ତ୍ରୀ! ମୋର ସ୍ୱାସ୍ଥ୍ୟ ଭଲ ନାହିଁ। ତୁରନ୍ତ ବୈଦ୍ୟଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ। ସହରରେ ଯେତେ ବୈଦ୍ୟ ଅଛନ୍ତି, ସମସ୍ତଙ୍କୁ ଡାକ। ମୁଁ ନିଜ କଥାବାର୍ତ୍ତା କରିବି।''

ତୁରନ୍ତ ରାଜମହଲରେ ଆଖପାଖ ଅଂଚଳର

ସମସ୍ତ ବୈଦ୍ୟ ଉପସ୍ଥିତ ହେଲେ। ଗୋଟି ଗୋଟି କରି ରାଜା ସମସ୍ତଙ୍କୁ ଡାକି ପଚାରିଲେ, ‘‘ତୁମେମାନେ କେଉଁ କେଉଁ ରୋଗ ପାଇଁ ଔଷଧ ପ୍ରସ୍ତୁତ କରିଛ? କେଉଁ କେଉଁ ଜଡ଼ିବୁଟି ବ୍ୟବହାର କରିଛ? ରାଜା ସମସ୍ତଙ୍କ ଠାରୁ ଉତ୍ତର ଶୁଣି ସେମାନଙ୍କୁ ବାହାରକୁ ପଠାଇ ଦେଉଥିଲେ।

ମନ୍ତ୍ରୀ ଏସବୁ ଦେଖୁଥିଲେ। ସେ ରାଜାଙ୍କର ମତଲବ କ’ଣ ବୁଝିପାରିଲେ ନାହିଁ। ରାଜା ନିଜ ରୋଗ କଥା ନ କହି, ବୈଦ୍ୟ ଗତ ସପ୍ତାହରେ କାହାକୁ କି ଔଷଧ ଦେଲେ କାହିଁକି ପଚାରୁଛନ୍ତି? ନିଜର ରୋଗ ବା ଲକ୍ଷଣ ସମ୍ବନ୍ଧରେ ପଦଟିଏ କହୁନାହାନ୍ତି! ସମସ୍ତଙ୍କୁ ସେଇ ଏକା କଥା ବିଭିନ୍ନ ଛଳରେ ପଚାରୁଛନ୍ତି।। ମନ୍ତ୍ରୀ ମନେ ମନେ ଏପରି ଚିନ୍ତା କଲେ କିନ୍ତୁ କୌଣସି ସନ୍ତୋଷଜନକ ଉତ୍ତର ପାଇଲେ ନାହିଁ।

ଜଣ ଜଣ କରି ଅନେକ ବୈଦ୍ୟ ଗଲେ ଏବଂ ଫେରି ଆସିଲେ।

ଶେଷରେ ଜଣେ ବୈଦ୍ୟ କହିଲେ- ‘‘ମହାପ୍ରଭୁ! ଗତ କାଲି ବୈଶ୍ୟ ଶିରୋମଣି ମାତୃଦତ୍ତଙ୍କ ଉପଚାର କରିବା ପାଇଁ ଜଙ୍ଗଲୀ ଜହ୍ନିର ରସ ଦେଇଥିଲି।’’

ରାଜା ପୁଣି ଥରେ ପଚାରିଲେ- ‘‘ଏମିତି କଥା! ତେବେ ଜଙ୍ଗଲୀ ଜହ୍ନିର ଗଛ କେଉଁ ସ୍ଥାନରୁ ମିଳିଲା?’’

‘‘ମୋ ପାଇଁ ମୋ ଚାକର ଜଡ଼ିବୁଟି ଆଣି ଦିଏ। ସେ ହିଁ ଜଙ୍ଗଲରୁ ଖୋଜିଖାଜି ଜଙ୍ଗଲୀ ଜହ୍ନି ଲତା ସହିତ ନେଇଆସିଥିଲା ମହାରାଜ!’’- ବୈଦ୍ୟ କହିଲେ।

‘‘ତେବେ ତୁମର ଚାକରକୁ ମୋ ପାଖରେ ତୁରନ୍ତ ହାଜର କର।’’-ରାଜା କହିଲେ।

କଟୁଆଳମାନେ ତୁରନ୍ତ ଚାକରକୁ ଧରି ଆଣି ରାଜାଙ୍କ ସମ୍ମୁଖରେ ଉପସ୍ଥିତ କଲେ।

ବୈଦ୍ୟଙ୍କ ଚାକର ଆସିବାମାତ୍ରେ ରାଜା ତାକୁ ପଚାରିଲେ- ‘‘କ’ଣ ଜଙ୍ଗଲୀ ଜହ୍ନି ଗଛ ମୂଳରେ ପୋତାଯାଇଥିବା ହଜାରେ ମୋହର ତୁ ନେଇଛୁ?’’



ଚାକର ଡରିମରି ଉତ୍ତର ଦେଲା- ''ମୁଁ ଜହ୍ନିଗଛ ମୂଳ ଖୋଳିଲା ବେଳକୁ ପାଇଲି। କାହକୁ କିଛି ନ କହି ଘରେ ହିଁ ରଖିଛି!''

''ସେ ମୋହର ବ୍ରାହ୍ମଣର। ତୁରନ୍ତ ଯାଇ ବ୍ରାହ୍ମଣକୁ ତା'ର ମୋହର ଫେରାଇ ଦିଅ!''-ରାଜା ନିର୍ଦ୍ଦେଶ ଦେଲେ। ଚାକର ସେଠାରୁ ସଲାମ କରି କରି ଚାଲିଗଲା।

ବ୍ରାହ୍ମଣଙ୍କୁ କ୍ଷମା ମାଗି ତୁରନ୍ତ ମୋହର ଫେରାଇଦେଲା।

ଏସବୁ ଦେଖୁଥିବା ମନ୍ତ୍ରୀ ଜାଣିପାରିଲେ ନାହିଁ ରାଜା କିପରି ମୋହର ଚୋରାଇଥିବା ଚୋରକୁ ଧରିଲେ। ସେ ରାଜାଙ୍କୁ ପଚାରି ସେ ବିଷୟରେ ଜାଣିବାକୁ ଚାହିଁଲେ।

''ମହାରାଜ! ମୁଁ ବୁଝିପାରୁନାହିଁ ଯେ ଆପଣ ଏତେ ସହଜରେ କିପରି ଚୋରକୁ ଧରିପକାଇଲେ?''-ମନ୍ତ୍ରୀ ବିନୟର ସହିତ ପଚାରିଲେ।

ରାଜା ହସିଦେଇ କହିଲେ-

''ଚୋରି ବିଷୟରେ ବ୍ରାହ୍ମଣ ଯାହା ସବୁ କହିଲେ, ସେ ସବୁକୁ ସତ୍ୟ ଭାବରେ ଗ୍ରହଣ କରି ମୁଁ ଚୋରକୁ ଧରିବା ପାଇଁ ଚିନ୍ତା କରିଥିଲି।

ନଗରରେ ଲକ୍ଷ ଲକ୍ଷ ବ୍ୟକ୍ତି ଅଛନ୍ତି, ସେମାନଙ୍କୁ ମଧ୍ୟରୁ କେହି ଜଣେ ବ୍ୟକ୍ତି ଚୋରି କରିଥିଲା। ପୁଣି ବ୍ରାହ୍ମଣ କହିଲେ ଯେ, ସେ ଟଙ୍କା ପୋତି ରଖିଥିବା ବିଷୟରେ କେହି ଜାଣିନଥିଲେ। ସେଠାରେ ଟଙ୍କା ଅଛି ନଜାଣି କିଏ ବା କିପରି ଚୋରି କରିବ? କାହିଁକି ସେ ସ୍ଥାନ ଖୋଳିବ?

କିନ୍ତୁ ଜଙ୍ଗଲୀ ଜହ୍ନି ଗଛ ଯାହାର ଆବଶ୍ୟକ ହେବ ସେ ହିଁ ସେଠାରେ ଗାତ ଖୋଳିବ। ଅନ୍ୟ କେହି ସେଠାକୁ ଯିବେ ନାହିଁ।

''ଆଖପାଖରେ ଜଙ୍ଗଲୀ ଜହ୍ନିର ଗଛ ନଥିଲା। ଏକଥା ବ୍ରାହ୍ମଣ କହିଥିଲା। ଯଦି କେହି ଧନ ପାଇଁ ସେ ସ୍ଥାନ ଖୋଳିଥାନ୍ତି ତେବେ ଜହ୍ନି ଲତାଟିକୁ କାହିଁକି ନେଇଥାନ୍ତା? ତେଣୁ ମୁଁ ଧରିନେଲି ଯେ ଲତା ଖୋଳୁ ଖୋଳୁ କେହି ଧନ ପାଇଛି।''

ବୈଦ୍ୟମାନେ ହିଁ ଜଡିବୁଟି ଔଷଧ ପ୍ରସ୍ତୁତ କରିବା ପାଇଁ ଚେରମୂଳି ସଂଗ୍ରହ କରିଥାନ୍ତି। ତେଣୁ ବୈଦ୍ୟମାନଙ୍କୁ ପ୍ରଥମେ ପଚାରି ବୁଝିଲି। ଏହିପରି ଭାବରେ ମୁଁ ଚୋରର ଠିକଣା ପାଇଲି।'' ମନ୍ତ୍ରୀ ରାଜାଙ୍କର ବୁଦ୍ଧିର ପ୍ରଶଂସା କଲେ। ରାଜାର ଦୂରଦୃଷ୍ଟି ଓ ବିଚାରଶକ୍ତି ଦେଖି ପୁଲକିତ ହେଲେ। ପ୍ରଜାମାନେ ଏ କଥା ଶୁଣି ରାଜାଙ୍କର ଅନେକ ପ୍ରଶଂସା କଲେ।

ବାରିକର ଦୋଷ!

ବହୁତ ଦିନ ତଳେ ବାଗଦାଦ୍ ସହରରେ ଅଲ୍ଲୀ ନାମକ ଜଣେ ବାରିକ ବାସ କରୁଥିଲା। ସେ କେଶ କାଟିବାରେ ଧୁରନ୍ଧର ଥିଲା। ତେଣୁ ବହୁ ଧନୀ, ମାନୀ ଏବଂ ପ୍ରତିପତ୍ତିଶାଳୀ ଲୋକଙ୍କର ସେବା କରୁଥିଲା।

ଦିନେ ଅଲ୍ଲୀ ଘରେ ଜାଳେଣିର ଆବଶ୍ୟକତା ପଡ଼ିଲା। କାଠ ଖୋଜି ଖୋଜି ସେ ଯାଇ ଗଳି ମୁଣ୍ଡରେ ପହଞ୍ଚିଲା। କିଛି ସମୟ ପରେ ଗଧ ଉପରେ କାଠ ଲଦି ଆସୁଥିବାର କାଠବାଲାକୁ ଦେଖିଲା। ଅଲ୍ଲୀ ତାଙ୍କୁ ଡାକି କହିଲା- ''ମୁଲଚାଲ କରିବା ପାଇଁ ମୋ ପାଖରେ ବେଳ ନାହିଁ। ଗଧ ଉପରେ ଲଦା ହୋଇଥିବା ସମସ୍ତ କାଠ ପାଇଁ ମୁଁ ୫ଟଙ୍କା ଦେବି।''

ବାଗଦାଦ୍‌ରେ କାଠର ଦର ବହୁତ ବଢ଼ିଯାଇଥିଲା। ସହଜରେ କାଠ ମିଳୁନଥିଲା। ତେଣୁ ଗରିବ ବ୍ୟକ୍ତି ଚିନ୍ତା କଲା ଭଲ ମୂଲ୍ୟ ମିଳୁଛି। ତେଣୁ ସେ ଦେବାପାଇଁ ପ୍ରସ୍ତୁତ ହୋଇଗଲା। ଗଧ ପିଠିରୁ ସମସ୍ତ କାଠ ଉତାରିଲା। କାଠ ଓହ୍ଲାଇସାରି ପଇସା ମାଗିଲା।

''ଗଧ ପିଠିରୁ ସବୁ କାଠ ଉତାରିନାହୁଁ। ଗଧ ପିଠିରେ ବନ୍ଧା ହୋଇଥିବା କାଠ କଥା କହୁଛି? ଏହା ବି ତ କାଠ। ମୁଁ ତ ଗଧ ପିଠିରେ ଲଦା ହୋଇଥିବା ସବୁତକ କାଠ ମାଗିଲି ଏବଂ ସେଥିପାଇଁ ମୂଲ୍ୟ ମଧ୍ୟ ଦେଇଥିଲି।'' ଅଲ୍ଲୀ କହିଲା।

''ବାଃ, ସେକଥା କେମିତି ହେବ? କାଠବାଲା ପଚାରିଲା।

''ଏ କାଠି ମଧ୍ୟ କାଠର ହିଁ! ଗଧ ପିଠିରେ ଲଦା ଯାଇଥିବା ସବୁତକ କାଠ ପାଇଁ ମୁଁ ତୋତେ ୫ଟଙ୍କା ଦେବାକୁ କହିଥିଲି। ଅଲ୍ଲୀ ପୁନର୍ବାର କହିଲା।

''ଭଲ ଏ କିପରି ମୁଲଚାଲ ମୁଁ ଏହି

ଏଚ୍. ନାରାୟଣ ମୂର୍ତ୍ତି

Digitized by
Deb's Library Corner
https://t.me/debslibrarycorner

ମୂଲ୍ୟରେ କେବେ ବି ଦେବିନାହିଁ।'' କାଠବାଲା ଜିଦ ଧରି ବସିଲା। ଏକଥା ଶୁଣି ଅଲ୍ଲୀ କାଠବାଲା ଗାଲରେ ଦୁଇ ଚାପୁଡ଼ା କଷିଦେଲା। କାଠ ଛଡ଼ାଇ ନେଇ ଚାଲିଗଲା।

ମାଡ଼ ଖାଇ କାଠବାଲା କନ୍ଦାକଟା କଲା। ଶେଷରେ ଯାଇ ପଞ୍ଚାୟତରେ ଅଭିଯୋଗ କଲା। ପଞ୍ଚାୟତଦାରର ଦାଢ଼ି ନିଶ ଅଲ୍ଲୀ କାଟୁଥିଲା। ତେଣୁ ସେ ତା'ର କଥା ଶୁଣିଲା ନାହିଁ।

ସେତିକିବେଳେ କାଠବାଲା ଆଉଜଣେ ବଡ଼ ପଞ୍ଚାୟତଦାରଙ୍କ ପାଖକୁ ଯାଇ କନ୍ଦାକଟା କଲା। କିନ୍ତୁ ତାଙ୍କର ବାରିକ ମଧ୍ୟ ଅଲ୍ଲୀ ଥିଲା। ତେଣୁ ସେ ମଧ୍ୟ ଶୁଣିଲେ ନାହିଁ।

''ମୋର ସହାୟତା କରିବାକୁ କେହି ନାହାନ୍ତି। ବୋଧହୁଏ ଏହା ହିଁ ମୋର ଭାଗ୍ୟ।''ଏପରି ଚିନ୍ତା କରି କାଠବାଲା ନିଜ ଘର ଆଡ଼କୁ ଚାଲିଲା। ରାସ୍ତାରେ ଜଣେ ବୃଦ୍ଧଙ୍କୁ ଭେଟିଲା। ତାଙ୍କୁ ପଚାରିଲା- ''ପୁଅ, କାହିଁକି ଏପରି ଦୁଃଖ କରୁଛ?'' କାଠବାଲା ନିଜର ଦୁଃଖଭରା କାହାଣୀ ବୁଢ଼ାକୁ ଶୁଣାଇଲା।

ଯଦି ତୋତେ ତୋର ସମସ୍ୟା ହୋଇଛି ତେବେ ଖଲିଫାଙ୍କ ପାଖକୁ ଯାଇ ଗୁହାରୀ କର, ସେ ନିଶ୍ଚୟ ତୋ ସହିତ ନ୍ୟାୟ କରିବେ।'' ବୁଢ଼ା କାଠବାଲାକୁ ପରାମର୍ଶ ଦେଲା।

କାଠବାଲା ବୁଢ଼ାକୁ ତିନିଥର ସଲାମ କରି ରାଜାଙ୍କ ମହଲ ଆଡ଼କୁ ଗଲା। କିଛି ସମୟ ପରେ ତାକୁ ଖଲିଫାଙ୍କ ପାଖକୁ ନିଆଗଲା। ସେ ଖଲିଫାଙ୍କ ପାଖକୁ ଯାଇ ଭୂମି ସ୍ପର୍ଶ କରି ପ୍ରଣାମ କଲା। ଯାହା ଯାହା ଘଟିଥିଲା ଗୋଟି



ଗୋଟି କରି ସବୁ କଥା ଶୁଣାଇଲା। କଲିଫା ତା'ର ଅଭିଯୋଗ ଉପରେ ବିଚାର କଲେ ଏବଂ କହିଲେ- ''ନ୍ୟାୟ ତ ଅଲ୍ଲୀ ପକ୍ଷରେ ରହିଛି। କିନ୍ତୁ ମୁଁ ତୋତେ ଗୋଟିଏ କୌଶଳ ବତାଉଛି। ଶୁଣ୍।'' ଖଲିଫା କାଠବାଲା କାନରେ କିଛି କଥା କହିଲେ।

କିଛିଦିନ ବିତିଯିବା ପରେ କାଠବାଲା ଅଲ୍ଲୀ ପାଖକୁ ଯାଇ ପଚାରିଲା- ''ମୋର ଏବଂ ମୋ ବନ୍ଧୁର ଦାଢ଼ି ସଜାଡିବା ପାଇଁ କେତେ ଟଙ୍କା ନେବ?''

''ଦୁଇଟଙ୍କା ଦେଲେ ଦୁହିଁଙ୍କର ଦାଢ଼ି ସଜାଡିଦେବି!'' ଅଲ୍ଲୀ କହିଲା।

''ତେବେ, ପ୍ରଥମେ ମୋର ଦାଢ଼ି ସଜାଡିଦିଅ ।''

ତାହାର ମୁଣ୍ଡ ଲଣ୍ଡା କରିବା ପରେ ଅଲ୍ଲୀ ପଚାରିଲା- ''ତୁମର ବନ୍ଧୁ କାହିଁ?''

‘‘ବାହାରେ କେଉଁଠାରେ ଥିବା ଭିତରକୁ ନେଇଆସୁଛି!’’ ଏକଥା କହି କାଠବାଲା ବାହାରକୁ ଗଲା ଏବଂ ଗଧକୁ ଭିତରକୁ ପଠାଇଲା।

‘‘ଏ ହେଉଛି ମୋର ବନ୍ଧୁ! ଖିଅର କର!’’ କାଠବାଲା କହିଲା।

‘‘କ’ଣ? ଗଧକୁ ଖିଅର କରିବା ପାଇଁ କହୁଛୁ! ଅଲ୍ଲୀ ଅଗ୍ନିଶର୍ମା ହୋଇ ପଚାରିଲା। ସେ କାଠବାଲାକୁ ଖିଅର କରିବାକୁ ନିଜର ଅପମାନ ଭାବୁଥିଲା। ଗଧକୁ ଦେଖି ଯେମିତି ତା’ର ରକ୍ତ ଟକମକ ହୋଇ ଫୁଟିବାକୁ ଆରମ୍ଭ କଲା। ସେ ଚିତ୍କାର କରି କହିଲା– ‘‘ଏଠାରୁ ଚାଲିଯାଅ! ନଚେତ୍ ହାଡଗୋଡ଼ ଭାଙ୍ଗି ଚୁନା କରିଦେବି! ମୋର ରାଗ କେତେ ଜାଣିନ!’’ ଅଲ୍ଲୀ କାଠବାଲାକୁ ଧମକ ଦେଇ କହିଲା।

ତୁରନ୍ତ କାଠବାଲା ଖଲିଫାଙ୍କ ପାଖକୁ ଯାଇ ଅଲ୍ଲୀଙ୍କ ନାମରେ ଅଭିଯୋଗ କଲା। ଅଭିଯୋଗ ଶୁଣି ଖଲିଫା ସିପାହୀମାନଙ୍କୁ ନିର୍ଦ୍ଦେଶ ଦେଲେ ଅଲ୍ଲୀକୁ ତୁରନ୍ତ ଧରିଆଣ।

‘‘ତୁମେ ଏହି ଲୋକର ଏବଂ ତା’ର ସାଙ୍ଗର ଖିଅର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲ। ପରେ କଥା ରକ୍ଷା କଲନାହିଁ? ଏହାର କାରଣ କ’ଣ!’’ ଖଲିଫା ପଚାରିଲେ।

ଅଲ୍ଲୀ ନଇଁପଡ଼ି ଭୂମିସ୍ପର୍ଶ କରି ସଲାମ କରି କହିଲା– ‘‘ଆପଣଙ୍କର କହିବା ୧୦୦% ଠିକ୍, କିନ୍ତୁ ଗୋଟିଏ ମଣିଷର ବନ୍ଧୁ ଗଧ ହେବା– ବା ତାହାର ଖିଅର କରିବା କଥା ଆପଣ କେବେ ଶୁଣିଛନ୍ତି କି?’’

‘‘ତୋ କହିବା କଥା ଠିକ୍। କିନ୍ତୁ ତୁ କ’ଣ କେବେ କାଠ ନାଁରେ ଗଧ ପିଠିରେ ବନ୍ଧା ଯାଇଥିବା କାଠି ଛଡ଼ାଇ ନେବାକଥା ଶୁଣିଛୁ କି? ତୁରନ୍ତ ଗଧକୁ ଖିଅର କର।’’ ଖଲିଫା ନିର୍ଦ୍ଦେଶ ଦେଲେ।

ଏଥର ଅଲ୍ଲୀ ଖସିପାରିଲା ନାହିଁ। ଯେତେବେଳେ ସେ ସାବୁନ ଲଗାଇ ଗଧକୁ ଖିଅର କରୁଥିଲା, ଦରବାରର ଲୋକେ ଟାକରା ଫୁଟାଇ ହସୁଥିଲେ। ନାନା କଥା କହି ଅଲ୍ଲୀକୁ ତାଚ୍ଛଲ୍ୟ କରୁଥିଲେ। ଅଲ୍ଲୀର ମାନ ମହତ ସବୁ ଗଲା।

କାଠବାଲା ମନ ଖୁସିରେ ଘରକୁ ଚାଲିଗଲା।



ଜୁଆଡି କିଏ?

ଏକଦା ହେଲାପୁରୀ ସହରରେ ଟଙ୍କା ରଖି ଜୁଆ ଖେଳିବାକୁ ଅପରାଧ ଭାବରେ ଗ୍ରହଣ କରାଯାଉଥିଲା। ଯଦି କେହି ଜୁଆ ଖେଳ ଖେଳୁଥିବା ଅବସ୍ଥାରେ ଧରା ପଡୁ ଥିଲେ ତେବେ ସେମାନଙ୍କୁ କଠିନ ଦଣ୍ଡରେ ଦଣ୍ଡିତ କରାଯାଉଥିଲା।

ଥରେ ପାରମ୍ପରିକ ଜୁଆ ଖେଳ 'ପୁଲି କୁଡାମ୍' ଖେଳିଲା ବେଳେ ଚାରି ଜଣ ଜୁଆଡିଙ୍କୁ ବନ୍ଦୀ କରାଗଲା। ସେମାନଙ୍କୁ ବିଚାର ନିମନ୍ତେ ବିଚାରପତିଙ୍କ ସମ୍ମୁଖରେ ଉପସ୍ଥିତ କରାଗଲା।

''ଆଜ୍ଞା, ମୁଁ ଆଦୌ ଖେଳି ନ ଥିଲି। ମୁଁ କେବଳ ଖେଳ ଦେଖୁଥିଲି। ମୁଁ ଭଗବାନଙ୍କ ରାଣ ଖାଇ କହୁଛି ଏହା ସତ୍ୟ!'' ଚାରି ଜଣଙ୍କ ମଧ୍ୟରୁ ଜଣେ ନମ୍ରତାର ସହିତ କହିଲେ। ବିଚାରପତି ତାଙ୍କ କଥାକୁ ବିଶ୍ୱାସ କଲେ ଏବଂ ତାଙ୍କୁ ମୁକ୍ତ କଲେ।

''ଆଜ୍ଞା, ମୁଁ ସେନାବାହିନୀର ମୁଖ୍ୟଙ୍କର ନିକଟ ସଂପର୍କୀୟ। ଦୟାକରି ମୋତେ ଏଥର କ୍ଷମା କରିଦିଅନ୍ତୁ ଏବଂ ଛାଡି ଦିଅନ୍ତୁ।'' ଅନ୍ୟ ବ୍ୟକ୍ତି ଜଣକ ନେହୁରା କରି କହିଲେ। ବିଚାରପତି ତାଙ୍କୁ ମଧ୍ୟ ଛାଡ଼ି ଦେଲେ।

ତୃତୀୟ ବ୍ୟକ୍ତିଙ୍କର ପାଳି ପଡ଼ିଲା। ସେ ଥିଲେ ବିଚାରପତିଙ୍କର ପୁଅର ସାଂଗ। ତାଙ୍କୁ ମଧ୍ୟ ମୁକ୍ତ କରିଦେବା ପାଇଁ ଅନୁମତି ଦେଲେ। ବିଚାରପତି ଚତୁର୍ଥ ବ୍ୟକ୍ତିଙ୍କ ଆଡକୁ ଚାହିଁଲେ ଏବଂ ରାଗି ଯାଇ କହିଲେ, ''ଟଙ୍କା ଧରି ଜୁଆ ଖେଳିବା କେତେ ବଡ଼ ଅପରାଧ ଏବଂ ତା'ର ଦଣ୍ଡ କେତେ ଭୟଙ୍କର ତୁମେ ଜାଣି ନାହଁ କି? ତୁମକୁ ତିନି ମାସ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବି!''

ଚତୁର୍ଥ ବ୍ୟକ୍ତି ଜଣକ ପଚାରିଲେ, ''ଆଜ୍ଞା, ଦୟାକରି ଆପଣ ମୋତେ କହିବେ କି ମୁଁ କାହା ସହିତ ଜୁଆ ଖେଳୁଥିଲି?''

ଏଥର ବିଚାରପତିଙ୍କ ପାଖରେ ପ୍ରଶ୍ନର ଉତ୍ତର ନ ଥିଲା। କାରଣ ସେ ପୂର୍ବରୁ ତିନି ଜଣକୁ ଦୋଷମୁକ୍ତ କରିସାରିଥିଲେ। ତେଣୁ ଚତୁର୍ଥ ବ୍ୟକ୍ତିଙ୍କୁ ମଧ୍ୟ ଛାଡ଼ି ଦେଲେ। *– କେ.ଏନ. ଭେଙ୍କଟ ଅଞ୍ଜନେୟୁଲୁ*

ସାବଧାନତା!

ଥରେ ଜଣେ କୃଷକ ପଡୋଶୀ କୃଷକଙ୍କଠାରୁ ଗୋଟିଏ ହଣ୍ଡା ଉଧାର ନେଲେ। ସେ ହଣ୍ଡାରେ ଘିଅ ଢ଼ାଳି ତରଳାଉଥିଲେ। ଏତିକି ବେଳେ କେଉଁଠି ଥିଲା କେଜାଣି ଗୋଟିଏ ବିରାଡି ଆସି ହଣ୍ଡା ଉପରେ ପାଦ ରଖି ଠିଆ ହୋଇଗଲା। ସେ ବିଲେଇକୁ ଘଉଡାଇବାକୁ ପାଟି କଲା। ବିଲେଇ ପଛ ପଟକୁ ଡେଇଁ ପଡିଗଲା ଏବଂ ହଣ୍ଡା ମଧ୍ୟ ପଡ଼ି ଦୁଇ ଫାଳ ହୋଇଗଲା।

ସେ କୃଷକ ଜଣକ ଜଉ ଦେଇ ହଣ୍ଡା ଦିଖଣ୍ଡ ଯୋଡି ଦେଲା ଏବଂ ପଡୋଶୀକୁ ହଣ୍ଡା ଫେରାଇ ଦେଲା, କହିଲା- ''ଏଇ ନିଅନ୍ତୁ ଆପଣଙ୍କର ହଣ୍ଡା।'' ପଡୋଶୀ ଦେଖିଲା ଯେ ହଣ୍ଡାରେ ଫାଟ ରହିଛି। ସେ ପଚାରିଲା- ''ଏ କ'ଣ?'' କୃଷକ ଜଣକ କହିଲା- ''ମୁଁ ଜାଣେ ନାହିଁ।'' ସେ ନିଜ ଘରକୁ ଚାଲିଗଲା।

ପଡୋଶୀ ଜଣକ ଅଦାଲତରେ ଅଭିଯୋଗ କଲା। କୃଷକ ଜଣକ ଓକିଲଙ୍କର ପରାମର୍ଶ ମାଗିଲା। ଓକିଲ ଜଣକ ସବୁ ଶୁଣି କହିଲେ- ''ଯାହା କିଛି ଘଟିଲା ତାହାର କିଛି ସାକ୍ଷୀ ନାହାନ୍ତି, ତେଣୁ ତିନି ପ୍ରକାର କଥା କୁହାଯାଇପାରେ। ତୁମେ କହିପାରିବ ଯେ ଯେତେବେଳେ ତୁମେ ହଣ୍ଡା ଉଧାର ନେଲ ତାହା ଫାଟିଥିଲା। ବା କହିପାର ଯେ ତୁମେ ଫେରାଇବା ପରେ ହଣ୍ଡା ଫାଟିଗଲା । ଏ କଥା ବି କହିପାରିବ ଯେ ତୁମେ ହଣ୍ଡା କେବେ ନେଇ ନ ଥିଲ।''

ଯଦିଓ ହଣ୍ଡାର ଦାମ୍ ଚାରିଅଣା ମାତ୍ର ଥିଲା, ସେ ଓକିଲଙ୍କୁ ଏକ ଟଙ୍କା ଦେଇ ଆସିଲା।

ପରଦିନ ଅଦାଲତରେ ବିଚାର ହେଲା। କୃଷକ ଜଣକ ନ୍ୟାୟାଧିକାରୀଙ୍କୁ କହିଲା- ''ହଜୁର୍, ଯେତେବେଳେ ମୁଁ ହଣ୍ଡା ନେଇଥିଲି ସେତେବେଳେ ହଣ୍ଡା ଫାଟି ଥିଲା। ଏ କଥା ମଧ୍ୟ ସମ୍ଭବ ଯେ ମୁଁ ଦେବା ପରେ ଫାଟି ଯାଇଥିବ। ଏବଂ ସବୁଠାରୁ ବଡ଼ କଥା ହେଲା ମୁଁ ହଣ୍ଡା ହିଁ ନେଇ ନଥିଲି।''

କୃଷକ ଜଣକ ବୁଝିପାରିଲା ନାହିଁ ଓକିଲଙ୍କର କେଉଁ ପରାମର୍ଶ ପାଳନ କରିବ! ତେଣୁ ସେ ନ୍ୟାୟାଧିଶଙ୍କୁ ଦୁଇ ଟଙ୍କା ଜୋରିମାନା ଦେଲା। ଓକିଲଙ୍କୁ ଗାଳି ଦେଇ ଦେଇ ଘରକୁ ଫେରିଲା।





ସିନ୍ଧିଲାଲୟମ୍ – ୨୩

(ଶିଖିମୁଖ ଜାଙ୍ଗଲାକୁ ଖଚରରେ ବାନ୍ଧି ଆଗେ ଆଗେ ଚାଲିବା ପାଇଁ ଆଦେଶ ଦେଲା। ଦ୍ୱିପ୍ରହର ବେଳକୁ ସମସ୍ତେ ଗୋଟିଏ ନଦୀ କୂଳରେ ପହଞ୍ଚିଲେ। ସେଠାରେ ଗୋଟିଏ ଚିତାବାଘ ଜାଙ୍ଗଲା ଉପରକୁ ଡିଆଁ ମାରିଲା। ଚିତାବାଘ ସହିତ ଜାଙ୍ଗଲା କୁମ୍ଭୀରରେ ଭରପୁର ନଦୀରେ ପଡିଗଲା। ସେତିକିବେଳେ ଜାଙ୍ଗଲାକୁ ରକ୍ଷା କରିବା ପାଇଁ ନଦୀର ଆରକୂଳରୁ ତୀର ବର୍ଷା ହେବାକୁ ଲାଗିଲା। ତା'ପରେ...)

ନଦୀ ଆରପଟୁ ଜାଙ୍ଗଲା ଏବଂ ଚିତାବାଘ ଚାରିପଟେ ତୀର ବର୍ଷା ହେବାର ଦେଖି ଶିଖିମୁଖ ଆଶ୍ଚର୍ଯ୍ୟ ହୋଇଗଲା। ସେ ବିକ୍ରମକୁ ସାବଧାନ କରିଦେଲା। ତା'ର ସନ୍ଦେହ ହେଲା ଯେ ଏହି ତୀର ବର୍ଷା କରୁଥିବା ବ୍ୟକ୍ତି ଜାଙ୍ଗଲାର ବନ୍ଧୁ ହୋଇପାରନ୍ତି। ସେମାନେ ଜାଙ୍ଗଲାର ବନ୍ଧୁ ବା ସିନ୍ଧିଲାୟମର ପୂଜାରୀର ଲୋକ ହୋଇପାରନ୍ତି। ସେମାନେ ଆମେ ପହଞ୍ଚିବା ପୂର୍ବରୁ ପ୍ରଥମେ ଏଠାରେ ପହଞ୍ଚିବା ପାଇଁ ଯୋଜନା କରିଛନ୍ତି।

''ବିକ୍ରମ ଆମକୁ ନଦୀ କୂଳରୁ ସାମାନ୍ୟ ପଛକୁ ଆସିବାକୁ ହେବ। ନଦୀ ଆରପଟୁ ପୂଜାରୀର ଲୋକେ ତୀର ବର୍ଷା କରୁଛନ୍ତି। ଆମେ ତାଙ୍କର ତୀରର ପରିଧି ମଧ୍ୟରେ ରହିଛେ। ଆଗକୁ ଯାଅ ନାହିଁ, ଖବରଦାର୍!'' ଶିଖିମୁଖ ତାଗିଦା କରି କହିଲା।

ଶିଖିମୁଖର ଚେତାବନୀ ଶୁଣି ବିକ୍ରମକେଶରୀ ଅଜିତ ଏବଂ ବୀରଭଦ୍ର ନଦୀ କୂଳରୁ ପଛକୁ ଫେରିଆସିଲେ। ଆଗକୁ ଗଲେ ନାହିଁ।

ଜଳଧାରା ମଧ୍ୟରେ ଚିତା ଏବଂ ଜାଙ୍ଗଲା ପରସ୍ପର ଠାରୁ ଅଲଗା ହୋଇଗଲେ। ଜାଙ୍ଗଲା ବୁଡ଼ି ଉଠି ନଦୀର ଆରପଟେ ପହଞ୍ଚିବା ପାଇଁ ଚେଷ୍ଟା କରୁଥିଲା। ଚିତା ତୀର ମାଡ ଖାଇ

Digitized by
Deb's Library Corner
https://t.me/debslibrarycorner

ଦସରୀ ସୁବ୍ରମଣ୍ୟମ

ଛଟପଟ ହୋଇ ନଦୀ ଜଳର ପ୍ରବାହରେ ବୋହି ଚାଲିଗଲା। ଆଉ କେତେକ କୁମ୍ଭୀର ତୀରମାଡ଼ ଖାଇ ଆଘାତପ୍ରାପ୍ତ ହୋଇ ସେ ସ୍ଥାନରୁ ଦୂରକୁ ପହଁରି ଚାଲିଯାଉଥିଲେ।

ଏହି ପରିସ୍ଥିତିରେ ଗଛ ଉହାଡ଼ରୁ ଏକ ଶକ୍ତିଶାଳୀ ବ୍ୟକ୍ତି ଭେଳା ଟାଣି ଟାଣି ଆସିଲା ଏବଂ ନଦୀରେ ଛାଡ଼ିଦେଲା। ତା'ପଛରେ ଦୁଇଜଣ ବ୍ୟକ୍ତି ଦୌଡ଼ି ଦୌଡ଼ି ଆସି ଭେଳା ଉପରେ ଚଢ଼ିଗଲେ। ଭେଳା ଉପରୁ ବାଡ଼ି ପକାଇ ଜାଙ୍ଗଲାକୁ ଉଦ୍ଧାର କରିବା ପାଇଁ ଉଦ୍ୟମ କଲେ। ଭେଳାକୁ କାତ ମାରି ନେଉଥିବା ବ୍ୟକ୍ତିକୁ ଶିଖିମୁଖ ଚିହ୍ନିଦେଲା।

ଶିଖିମୁଖ ବିକ୍ରମକେଶରୀଙ୍କ ଧ୍ୟାନ ଆକର୍ଷଣ କରି କହିଲା– ''ବିକ୍ରମ, ତୁମେ ଚିହ୍ନିପାରୁଛ କି? ଏ ହେଉଛି ଶବର ଗିଧ! ପୂଜାରୀର ସେବକ। ଏମିତି ଲକ୍ଷ୍ୟ କରି ତୀର ମାରିବ ଯେମିତି ତା'ର କଳିଜା ଖଣ୍ଡ ଖଣ୍ଡ ହୋଇଯିବ।''

ବିକ୍ରମକେଶରୀ ତୀର ମାରିବା ପାଇଁ ଲକ୍ଷ୍ୟ କଲେ। ଏତିକିବେଳେ ଶବର ଗିଧ ପାଞ୍ଚ ଛଅ ଫୁଟ ଉଚ୍ଚ ଏକ ଢାଲ ଧରି ତାହା ଭିତରୁ ମୁଣ୍ଡ ଉଠାଇ ଶିଖିମୁଖକୁ ଦେଖି କହିଲା– ''ଆରେ, ଇଏ କିଏ? ଶିଖିମୁଖ କି! ଶବରନେତା ଶିବାଲର ପୁଅ? କାହିଁ ଶବର ବସ୍ତି ଆଉ କାହିଁ ବ୍ରହ୍ମପୁତ୍ରର ଘାଟୀ? ମରିବାର ଥିଲା ତ ଏତେଦୂର ଆସିବା କ'ଣ ଆବଶ୍ୟକ ଥିଲା? ବ୍ୟର୍ଥ ଉଦ୍ୟମ!''

ଶବର ଗିଧର କଥା ସଂପୂର୍ଣ୍ଣ ହୋଇନଥିଲା। ଏତିକିବେଳେ ବିକ୍ରମକେଶରୀଙ୍କର ତୀର ଢ଼ାଲର ଉପରେ ବାଜିଲା ଏବଂ ସେ ତଳେ ପଡ଼ିଗଲା। ସେହି ଆଘାତରେ ଶବର ଗିଧ ତଳେ ପଡି କହିଲା– ''ତୁମ୍ଭମାନଙ୍କୁ ମୋ କଥା ଶୁଭୁନାହିଁ କି? ଏ ଢ଼ାଲ ମାମୁଲି ନୁହେଁ! ପୂଜାରୀ ସାହେବ ମନ୍ତ୍ର ଫୁଙ୍କି ମୋତେ ଏହାକୁ ଦେଇଛନ୍ତି। ଏହି ଢ଼ାଲ ପଛରେ ଯେଉଁ ବ୍ୟକ୍ତି ରହିବ ତାହାର ଜୀବନ ପ୍ରତି ବିପଦ ରହିବ ନାହିଁ। ବୁଝିଲ! ପୂଜାରୀର ମନ୍ତ୍ର ଶକ୍ତି ଆଗରେ ଏ ଧନୁତୀରର ଶକ୍ତି କେତେ? ମୂର୍ଖମାନେ କେତେ ତୀର ମାରୁଛ ମାର। ମୋର କିଛି ହେବ ନାହିଁ।''

ବିକ୍ରମକେଶରୀ ଧନୁ ଉପରେ ଆଉ ଗୋଟିଏ ତୀର ଯୋଡିବାକୁ ଚାହୁଁଥିଲେ। ଏତିକିବେଳେ ଶବର ଗିଧ ପାଖରେ ସିଦ୍ଧିଲାଲୟମର ପୂଜାରୀ ଆସି ପହଞ୍ଚିଲା।

ପୂଜାରୀକୁ ଦେଖିବା ମାତ୍ରେ ହିଁ ଶିଖିମୁଖ ତୁରନ୍ତ ବିକ୍ରମକେଶରୀଙ୍କ ଆଡ଼କୁ ମୁହଁ ବୁଲାଇ କହିଲା– ''ବିକ୍ରମ, ଏବେ ତୁମେ ଶବର ଗିଧ

ଉପରକୁ ନୁହେଁ, ସିଦ୍ଧିଲାଲୟମର ପୂଜାରୀକୁ ଲକ୍ଷ୍ୟ କରି ତୀର ମାର। ଆମେ ବାକି ଲୋକମାନଙ୍କର କଥା ବୁଝିଦେବୁ।''

ତୁରନ୍ତ ଶିଖିମୁଖ, ଅଜିତ ଏବଂ ବୀରଭଦ୍ର ନିଜ ନିଜ ଧନୁରେ ତୀର ଯୋଡ଼ିଲେ। ସମସ୍ତେ ଆଣ୍ଠୁ ମାଡ଼ି ବସି ଧନୁ ତୀର ଚଳାଇବା ପାଇଁ ଲକ୍ଷ୍ୟ ସ୍ଥିର କଲେ, ସେତିକିବେଳେ ପୂଜାରୀ ସାମାନ୍ୟ ପଛକୁ ହଟିଯାଇ ଅଟ୍ଟହାସ୍ୟ କରି କହିଲା- ''ଆରେ ମୂର୍ଖ! ତୁମର ବାଣ ଏତେ ଦୂର ଆସି ମୋତେ ଛୁଇଁପାରିବ ନାହିଁ। ତଥାପି ଚେଷ୍ଟା କର।'' ଏକଥା ଶୁଣିବା ପରେ ତା ଚାରିପଟେ ଠିଆ ହୋଇଥିବା ଜଙ୍ଗଲୀ ଡାକୁମାନଙ୍କୁ ଇଶାରା ଦେଲା।

ଡାକୁମାନେ ତୁରନ୍ତ ଧନୁରେ ତୀର ଚଢ଼ାଇ ଶିଖିମୁଖର ଦଳ ଉପରକୁ ତୀର ଫିଙ୍ଗିଲେ। ସେମାନଙ୍କର ତୀର ନଦୀରେ ପଡ଼ିଲା।

ଶିଖିମୁଖ ଏବଂ ତାଙ୍କର ଅନୁଚର ମଧ୍ୟ ତୀର ଚଳାଇଲେ। ତାହା ମଧ୍ୟ ପୂଜାରୀର ଦଳ ପର୍ଯ୍ୟନ୍ତ ପହଞ୍ଚିଲା ନାହିଁ। ଏହିପରି ଭାବରେ ୪-୫ମିନିଟ୍ ପର୍ଯ୍ୟନ୍ତ ପରସ୍ପର ଦଳ ଉପରେ ବାଣ ଚଳାଇବା

ପରେ ଦୁଇ ଦଳ ବୁଝିଗଲେ ଯେ ଏତେ ଦୂରରୁ ତୀର ଚାଳନା କରି କୌଣସି ଫାଇଦା ହେବନାହିଁ। କେହି କାହାର କ୍ଷତି କରିପାରିବେ ନାହିଁ। ଲଢ଼ିବା ବୃଥା ହେବ।

ଶିଖିମୁଖ ନିଜର ଅନୁଚରମାନଙ୍କୁ ତୀର ଚାଳନା ବନ୍ଦ କରିବା ପାଇଁ କହିଲା- ''ମୁଁ ଯେପରି ଚିନ୍ତା କରିଥିଲି, ସିଦ୍ଧିଲାଲୟମର ପୂଜାରୀ ଆମର ପିଛା କରୁଛି। ଆମ ପୂର୍ବରୁ ସେ ଏହି ନଦୀକୁ ପାର୍ କରିଛି। ଏହାର ଅର୍ଥ ହେଉଛି ସେ ବର୍ତ୍ତମାନ ଗୋଳଭରା ଗ୍ରାମରେ



ପହଞ୍ଚି ସିଦ୍ଧିଲାଲୟମ ବିଷୟରେ ବହୁତ କଥା ଜାଣିସାରିବଣି।''

''ତାହା ହିଁ ମନେ ହେଉଛି। ବଡ଼ ସତର୍କତାର ସହିତ ଜାଙ୍ଗଲାକୁ ଆମକୁ ସମର୍ପି ଦେଲେ ଏବଂ ତାହା ଜରିଆରେ ସମସ୍ତ ରହସ୍ୟ ଜାଣିଗଲେ।'' ବିକ୍ରମକେଶରୀ କହିଲେ।

''ବର୍ତ୍ତମାନ ଆମ ସମ୍ମୁଖରେ ସବୁଠାରୁ ବଡ଼ ସମସ୍ୟା ହେଉଛି କିଏ ପ୍ରଥମେ ସିଦ୍ଧିଲାଲୟମରେ ପହଞ୍ଚିବ? ଆମେ ଭାବିଥିଲୁ ଯେ ଗୋଳଭରା ଗାଁରେ ସିଦ୍ଧିଲାଲୟମ ସମ୍ବନ୍ଧୀୟ କୌଣସି ସୂଚନା ମିଳିବ। ଯଦି ଆମେ ସିଦ୍ଧିଲାଲୟମର ପୂଜାରୀ ସେଠାରେ ପହଂଚି ସମସ୍ତ ତଥ୍ୟ ପାଇବା ପୂର୍ବରୁ ଆମେ ପହଂଚି ଯିବା ତେବେ ଆମର କୌଣସି କ୍ଷତି ହେବନାହିଁ। ତାକୁ ସିଦ୍ଧିଲାଲୟମ ନିକଟରେ ପହଞ୍ଚି ଧରିବା ଏବଂ ହତ୍ୟା କରିବା।'' ଶିଖିମୁଖ କହିଲା।

ଶିଖିମୁଖର ଆଦେଶ ପାଇ ସମସ୍ତେ ଯାତ୍ରା ପାଇଁ ପ୍ରସ୍ତୁତ ହେବାକୁ ଲାଗିଲେ। ସମସ୍ତ ଜିନିଷ ଖଚର ପିଠିରେ ବାନ୍ଧି ନଦୀ କୂଳେ କୂଳେ ଚାଲି ଚାଲି ସୂର୍ଯ୍ୟାସ୍ତ ବେଳକୁ ସେମାନେ ପାହାଡୀ ଘାଟୀ ନିକଟରେ ପହଞ୍ଚିଲେ। ସେଠାରେ ସେମାନେ ଗୋଟିଏ ଛୋଟ ପାହାଡ଼ ଦେଖିବାକୁ ପାଇଲେ।

ବିକ୍ରମ ଏବଂ ଶିଖିମୁଖ ପରସ୍ପର ମଧ୍ୟରେ ଆଲୋଚନା କରି ଏହା ନିର୍ଣ୍ଣୟ କଲେ ଯେ ଅନ୍ଧାର ସମୟରେ ସେ ପାହାଡୀ କ୍ଷେତ୍ରକୁ ଅତିକ୍ରମ କରିବା ବିପଦମୁକ୍ତ ହେବନାହିଁ। ସେହି ପାହାଡ଼ ଚାରିପଟେ ଥିବା ପଥର ଫାଙ୍କରେ ପୂଜାରୀର ଦଳ ଲୁଚିରହି ତାଙ୍କ ଉପରେ ଆକ୍ରମଣ କରିପାରନ୍ତି...

ରାତିର ଦ୍ୱିତୀୟ ପ୍ରହର ମଧ୍ୟରେ ସମସ୍ତେ ଖାଦ୍ୟ ଖାଇବା ଶେଷ କଲେ।

ମଶାଲ ଜଳାଇଲେ, ତାହାର ଆଲୋକରେ ପୂଜାରୀର ଦଳ ସେଠାକୁ ଆସିଯାଇ ପାରନ୍ତି। ତେଣୁ ସେମାନେ ମଶାଲ୍ ଜଳାଇଲେ ନାହିଁ। ଜଣକ ବଦଳରେ ଦୁଇ ଦୁଇଜଣ ପହରା ଦେବାପାଇଁ ନିଶ୍ଚିତ କଲେ।

ରାତିଅଧ ପର୍ଯ୍ୟନ୍ତ ଜଙ୍ଗଲୀ ପଶୁଙ୍କର ଗର୍ଜନ ଶୁଭୁଥିଲା। କିନ୍ତୁ ମନୁଷ୍ୟମାନଙ୍କର କଥାବାର୍ତ୍ତା ବା ସ୍ୱର ଶୁଣିବାକୁ ମିଳିଲା ନାହିଁ। ତା'ପରେ ନଦୀପଟୁ ବିଚିତ୍ର ଧ୍ୱନି ଶୁଭିଲା। ଅଜିତ ଏବଂ ବୀରଭଦ୍ର ଭାବିଲେ କୁମ୍ଭୀରମାନେ ଖାଦ୍ୟ ଖୋଜିବା ପାଇଁ ପରସ୍ପର ସହିତ କଳି କରୁଛନ୍ତି। କିନ୍ତୁ କ୍ରମଶଃ ସେହି ସ୍ୱର ତୀବ୍ର ହେବାକୁ ଲାଗିଲା। ତେଣୁ ଅଜିତ ଏବଂ ବୀରଭଦ୍ର ତଲୱାର ଧରି ସତର୍କ ହୋଇ ନଦୀ ନିକଟରେ ପହଞ୍ଚିଲେ। ଅନ୍ଧାରରେ ଆବୃତ୍ତ ସେହି ନଦୀରେ କିଛି ମାନବ

ନଦୀର ଆରପାରିରେ ପୂଜାରୀର ଦଳ ତଥା ଏ ପାରିରେ ଶିଖିମୁଖର ଦଳ ପରସ୍ପରକୁ କ୍ରୋଧିତ ନୟନରେ ଦେଖୁଥିଲେ। ଏକଥା ଜଣାଥିଲା ଯେ ଏପରି ଅବସ୍ଥାରେ କୌଣସି ଦଳ ଅନ୍ୟ ଦଳର କ୍ଷତି କରିପାରିବେ ନାହିଁ।

ଶିଖିମୁଖ କିଛିସମୟ ପର୍ଯ୍ୟନ୍ତ ଚିନ୍ତା କଲା ଏବଂ ତା'ପରେ କହିଲା– ''ବିକ୍ରମ, ଆମେ ଜାଙ୍ଗଲାର କହିବା ଅନୁଯାୟୀ ପାହାଡ଼ୀ ଘାଟୀ ଆଡ଼କୁ ଅଗ୍ରସର ହେବା। ଗୋଳଭରା ଗ୍ରାମରେ ପହଞ୍ଚିବା ପାଇଁ ଏହା ହେଉଛି ଏକମାତ୍ର ରାସ୍ତା ବହୁତ ଦୂର ବୁଲିବୁଲି ଯିବାକୁ ପଡିବ, କିନ୍ତୁ ଅନ୍ୟ କୌଣସି ଉପାୟ ନାହିଁ। କୁମ୍ଭୀରରେ ଭରପୂର ଏହି ନଦୀ ପାର୍ କରିବା ଭୟଙ୍କର ହେବ। କାରଣ ଆରପଟରେ ଶତ୍ରୁ ଜାଲ ବିଛାଇ ବସିଛି।''

CHITRA



ଆକୃତି ହଲୁଥିବାର ଅଜିତ ଏବଂ ବୀରଭଦ୍ର ଦେଖିଲେ। ଏପରି ମନେ ହେଉଥିଲା ଯେପରି ଶତ୍ରୁ ଭେଳାରେ ବସି ନଦୀ ପାର କରୁଛି! କେବେକେବେ ପାଣିରେ ତରଙ୍ଗ ଉଠୁଥିଲା, ଯେଉଁଥିରୁ ଅନୁମାନ ହେଉଥିଲା ଯେ ଶତ୍ରୁ ସାବଧାନତାର ସହିତ ଡଙ୍ଗା ଚଲାଉଛି!

ଅଜିତ ଏବଂ ବୀରଭଦ୍ର ଚିନ୍ତା କଲେ ଯେ ବୋଧହୁଏ ବିପଦ ବଢ଼ିଚାଲୁଛି। ସେମାନେ ବିକ୍ରମ ଏବଂ ଶିଖିମୁଖକୁ ସାବଧାନ କରିଦେବା ପାଇଁ ପଛକୁ ଦୌଡ଼ିବାକୁ ଆରମ୍ଭ କଲେ। ଏତିକିବେଳେ କ'ଣ ହେଲା, ତାଙ୍କ ଉପରେ ଜାଲଟିଏ ପଡ଼ିଲା। ସେମାନେ ଜାଲରୁ ମୁକୁଳିବା ପାଇଁ ଉଦ୍ୟମ କଲାବେଳକୁ ଖୁବ୍ ଜୋରରେ ବାନ୍ଧି ହୋଇଗଲେ। ଜଙ୍ଗଲରେ ହରିଣ ଧରିବାପାଇଁ ଏହିପରି ଜାଲ ବ୍ୟବହାର କରାଯାଏ।

ଅଜିତ ଏବଂ ବୀରଭଦ୍ର ଜାଲରେ ଛଟପଟ ହୋଇ ମାଲିକଙ୍କୁ ସାବଧାନ କରିବା ପାଇଁ ଚିତ୍କାର କରିବାକୁ ଚାହୁଁଥିଲେ। କିନ୍ତୁ ଦୁଇଟି ଶକ୍ତିଶାଳୀ ହାତ ସେମାନଙ୍କ କଣ୍ଠ ଚାପିଧରିଲା। ସେମାନେ ନିଃଶ୍ୱାସ ନେଇନପାରି ଛଟପଟ ହେବାକୁ ଲାଗିଲେ। ସେମାନେ ଉଁ ଚୁଁ କରିପାରିଲେ ନାହିଁ।

"ଚିତ୍କାର କରିବାକୁ ଚେଷ୍ଟା କରନାହିଁ। ତୁମର ଦୁଇ ନେତାଙ୍କୁ ଆମେ ପ୍ରଥମରୁ ବନ୍ଦୀ କରିଦେଇଛୁ।" ଜଣେ କ୍ରୋଧିତ କଣ୍ଠରେ କହିଲା। ଏତିକିବେଳେ ତାଙ୍କ ପାଖରେ ଆଉ ଦୁଇଜଣ ଜଙ୍ଗଲୀ ଆସି ପହଞ୍ଚିଲେ।

ଅଜିତ୍ ଏବଂ ବୀରଭଦ୍ର ଦେଖିଲେ ଯେ ତାଙ୍କୁ ବନ୍ଦୀ କରିଥିବା ଜଙ୍ଗଲୀ ହାତୀର ଚମଡ଼ା ପିନ୍ଧିଛନ୍ତି। ତାହାର ଅର୍ଥ ସେ ସିଦ୍ଧିଲାଲୟମର ପୂଜାରୀର ଦଳର ନୁହନ୍ତି। ସେମାନଙ୍କୁ କୁହାଗଲା ଯେ ପ୍ରଥମରୁ ଶିଖିମୁଖ ଏବଂ ବିକ୍ରମକେଶରୀଙ୍କୁ ବନ୍ଦୀ କରାଯାଇଛି, ଏହା କ'ଣ ସତ୍ୟ ହୋଇପାରେ?

ସେମାନେ ଆଶଙ୍କାରେ ଥରି ଉଠିଲେ।

ପରବର୍ତ୍ତୀ ମୁହୂର୍ତ୍ତରେ ଶିଖିମୁଖର ଆଶ୍ରୟସ୍ଥଳୀ ସାମନାରୁ ନାଲି କୁକୁର ଭୁକିବା ଏବଂ କିଛି ଲୋକ ଚିତ୍କାର କରିବାର ଶୁଭିଲା। ସେମାନଙ୍କ ମନରୁ ଆଶଙ୍କା ଦୂର ହେଲା। କିଛି ସମୟ ପର୍ଯ୍ୟନ୍ତ କୋଳାହଳ ଲାଗିରହିଲା ତା'ପରେ ଶାନ୍ତ ପଡ଼ିଗଲା। ସେତିକିବେଳେ ସେପଟକୁ ଚାହିଁଥିବା ଜଙ୍ଗଲୀ ମୁଣ୍ଡ ହଲାଇ କହିଲା- "ସେ ଦୁହିଁଙ୍କୁ ମଧ୍ୟ ଉଠାଇ ଆଣ।" ଏହା କହି ସେ ବସ୍ତି ଆଡ଼କୁ ଚାଲିଲା।

ଅଜିତ ଏବଂ ବୀରଭଦ୍ର ଯେଉଁ ଜାଲରେ

ପଡିଥିଲେ ସେହି ଜାଲକୁ ଗୋଟିଏ କାଠିରେ ଟଙ୍ଗାଇ ତାହାକୁ ଉଠାଇନେଲେ। ଶିଖିମୁଖ ଏବଂ ବିକ୍ରମକେଶରୀଙ୍କ ହାତକୁ ମଧ୍ୟ ବାନ୍ଧିଦେଇ ଜଙ୍ଗଲୀ ସେହି ଦଉଡିକୁ ଧରି ଠିଆ ହୋଇଥିଲେ। ନାଲି କୁକୁର ମଧ୍ୟ ଜାଲରେ ପଡିଯାଇଥିଲା।



''ଏ ଦୁହିଁଙ୍କୁ ମଧ୍ୟ ଜାଲରୁ ବାହାର କରି ତାଙ୍କର ଦୁଇ ହାତ ଦଉଡିରେ ବାନ୍ଧିଦିଅ। କୁକୁରକୁ ଜାଲ ଭିତରେ ରହିବାକୁ ଦିଅ ଏବଂ ଗୋଟିଏ ଲାଠିରେ ଜାଲକୁ ଉଠାଇ ଝୁଲାଇ ଝୁଲାଇ ଆଣ! ଏହି କୁକୁର ଆମର ଦୁଇ ଅନୁଚରଙ୍କର ତଣ୍ଟି କଣା କରିଦେଇଛି। କୁକୁର ପ୍ରତି ସାବଧାନ ରହିବ।'' ଜଣେ ଜଙ୍ଗଲୀ କହିଲା। ସେହି ଜଙ୍ଗଲୀ ବ୍ୟକ୍ତିଜଣକ ଦଳର ନେତା ଥିଲା।

''ସରକାର! ଏହି ଖଚରଗୁଡ଼ିକୁ କ'ଣ କରିବା?'' ଜଣେ ଜଙ୍ଗଲୀ ନେତାଙ୍କୁ ପ୍ରଶ୍ନ ପଚାରିଲା।

''ଏପରି ଖଚର ଆମ ପ୍ରଦେଶରେ ମିଳନ୍ତି ନାହିଁ। ନେତାଙ୍କୁ ଏହି ଖଚର ଉପହାର ଦେବା! ସେ ଭାରି ଖୁସି ହେବେ।'' ଜଙ୍ଗଲୀ ଦଳର ନେତା ଆନନ୍ଦରେ ଜବାବ୍ ଦେଲା।

ଶିଖିମୁଖ ଏପର୍ଯ୍ୟନ୍ତ ସବୁକଥା ଚୁପଚାପ ଶୁଣୁଥିଲା। ସେ ଅଧିକାରପୂର୍ଣ୍ଣ ସ୍ୱରରେ ଗର୍ଜିଉଠି କହିଲା- ''ତୁମେମାନେ କିଏ ଆମେ ଜାଣିନାହୁଁ? ଆମେ ଆମର ମହାରାଜାଙ୍କୁ ଖୋଜିଖୋଜି ଏହି ପ୍ରଦେଶରେ ପହଞ୍ଚିଛୁ। ଅଚାନକ ତୁମ୍ଭେମାନେ ଚୋର ପରି ଆମ ଉପରେ ଆକ୍ରମଣ କରି ଆମକୁ ବନ୍ଦୀ କରିଛ। ଏହି କୁକର୍ମର ଫଳ ତୁମ୍ଭମାନଙ୍କୁ ଭୋଗିବାକୁ ପଡିବ। ଆମର ତୁମ ସହିତ କୌଣସି ଶତ୍ରୁତା ନାହିଁ। ବିନା କାରଣରେ ଆମକୁ କଷ୍ଟ ଦେଇ କିଛି ଭଲ କରୁନାହଁ।''

''ଆରେ ଭାଇ, ଏପରି ଧମକ ତୁମେ ଆମର କୁଳର ନେତାଙ୍କ ସମ୍ମୁଖରେ କରିପାର। କାଳୀମାତାଙ୍କ ସମ୍ମୁଖରେ ତୁମକୁ ବଳୀ ଦେବା ପୂର୍ବରୁ କହିବାକୁ ସୁଯୋଗ ଦିଆଯିବ।'' ଏହା କହି ଜଙ୍ଗଲୀ ଦଳର ନେତା ଅଟହାସ୍ୟ କଲା।

''ଏହା ତ ସୌଭାଗ୍ୟର କଥା ଯେ ତୁମେ କେଉଁ କାମରେ ଯାଉଛ ସେକଥା ଆମକୁ ପ୍ରଥମରୁ ଜଣାପଡିଗଲା! ଆମେ ଶୁଣିଛୁ ଯେ ତୁମେମାନେ ଭୟଙ୍କର ବ୍ୟକ୍ତି! ଯେପରି ତୁମେ କହିଲ, ଆମେ ଇକ୍ଷ୍ୟୁ ଜାତିର ଲୋକ। ଏବେ ତୁମେ ଆମର ପଛେ ପଛେ ଚୁପ୍‌ଚାପ ଚାଲ।'' ଏହା କହି ଇକ୍ଷ୍ୟୁ ଜାତିର ନେତା ଅନୁଚରମାନଙ୍କୁ ସଚେତ କରିଦେଲା।

ସମସ୍ତେ ନଦୀ କୂଳରେ ପହଞ୍ଚିଲେ।

ସେଠାରେ ଭେଳା ପ୍ରସ୍ତୁତ ହୋଇ ରହିଥିଲା। ସମସ୍ତେ ନଦୀ ପାର କରି ସୂର୍ଯ୍ୟୋଦୟ ବେଳକୁ ଗୋଲଭରା ଗ୍ରାମରେ ଯାଇ ପହଞ୍ଚିଲେ।

ସେହି ଗ୍ରାମରେ ଇକ୍ଷ୍ୟୁ ଜାତିର ସ୍ତ୍ରୀ, ପୁରୁଷ ସମସ୍ତେ ଗଳିରେ ଏକାଠି ହୋଇ ଶିଖିମୁଖ ଏବଂ ତାହାର ଅନୁଚରମାନଙ୍କୁ ବିଚିତ୍ର ଢ଼ଙ୍ଗରେ ଦେଖୁଥିଲେ। ଗାଁ ମଝିରେ ଗୋଟିଏ ବିଶାଳ ଗୋଲ ମଣ୍ଡପ ରହିଥିଲା।

ସେଠାରେ ପହଞ୍ଚିବା ମାତ୍ରେ ଇକ୍ଷ୍ୟୁ ଜାତିର ନେତା ନିଜର ଅନୁଚରମାନଙ୍କୁ ଦ୍ୱାରଦେଶ ନିକଟରେ ଅପେକ୍ଷା କରିବା ପାଇଁ ନିର୍ଦ୍ଦେଶ ଦେଲା ଏବଂ ଶିଖିମୁଖ ଦଳର ସାଙ୍ଗରେ ନେଇ ଭିତରେ ପହଞ୍ଚିଲା।

''ସେଠାରେ ଗୋଟିଏ କୋଣରେ ଉଚ୍ଚ ଆସନ ଉପରେ ଇକ୍ଷ୍ୟୁ କୁଳର ନେତା ବସିଥିଲେ। ସେ ଥିଲେ ଜଣେ ବୁଢ଼ା, ଛୋଟିଆ ମୁହଁ, ବଡ଼ ବଡ଼ ଆଖି, ଲମ୍ବା ଦାଢ଼ି, ଦେଖିବାକୁ ଭୟଙ୍କର ଦିଶୁଥିଲେ। ତାଙ୍କ ପଛରେ ଇକ୍ଷ୍ୟୁ ଜାତିର ମାନ୍ତ୍ରିକ ଠିଆ ହୋଇଥିଲା। ତଳେ ଗୋଟିଏ ଆସନ ଉପରେ ସିଦ୍ଧିଲାଳୟମର ପୂଜାରୀ ବସିଥିଲା।

''କୁକୁର ପୂଜାରୀ ଏଠାରେ ମଧ୍ୟ ରହିଛି! ଆଶ୍ଚର୍ଯ୍ୟର କଥା!'' ଶିଖିମୁଖ ପରିହାସପୂର୍ଣ୍ଣ ସ୍ୱରରେ କହିଲା।

''ତୁମମାନଙ୍କୁ ସିଦ୍ଧିଲେଶ୍ୱରୀଙ୍କ ନିକଟରେ ବଳୀ ଦେବାର ଅଛି। ତେଣୁ ମୁଁ ତୁମମାନଙ୍କୁ ଏଠାକୁ ଆଣିଛି।'' ପୂଜାରୀ ଦାନ୍ତ କଡ଼ମଡ଼ କରି କହିଲା।

''ପ୍ରଥମେ ଏମାନଙ୍କୁ କାଳୀମାତାଙ୍କ ନିକଟରେ ବଳୀ ଚଢ଼ାଇବା ପାଇଁ ଦିଅ। ତା'ପରେ ତୁମେ କାଳୀମାତାଙ୍କର ପ୍ରସାଦକୁ ଯାହା ଇଚ୍ଛା କରିପାର! ବୁଝିଲ!'' ଏହି ଶବ୍ଦ କହି ଇକ୍ଷ୍ୟୁ ଜାତିର ମାନ୍ତ୍ରିକ କ୍ରୋଧଭରା ଦୃଷ୍ଟିରେ ପୂଜାରୀ ଆଡ଼କୁ ଚାହିଁଲା। ''ଶାନ୍ତ ହୋଇଯାଆନ୍ତୁ।'' ଏହାକହି ଇକ୍ଷ୍ୟୁ କୁଳର ନେତା ହାତ ହଲାଇଲା। ସେତିକିବେଳେ ଶିଖିମୁଖ ତଥା ବିକ୍ରମଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ପକାଇ ପଚାରିଲା- ''ମୁଁ ଚାହୁଁନାହିଁ ଯେ ତୁମ ୪ଜଣଙ୍କୁ ବଳୀ ଦେବି? କହ, ତୁମମାନଙ୍କର ନେତା କିଏ? ମୁଁ ତାକୁ କାଳୀମାତାଙ୍କ ନିକଟରେ ବଳୀ ଚଢ଼ାଇବି। ବାକି ସମସ୍ତଙ୍କୁ ମୁକ୍ତ କରିଦେବି! କହ, ତୁମର ନେତା କିଏ?'' *(କ୍ରମଶଃ)*



କଇଁଛ! ତୁମେ ପୁଣି ଥରେ ଜିତିଲ!

ଥରେ ଗୋଟିଏ ଠେକୁଆ କଇଁଛ ନିକଟକୁ ଆସିଲା ଏବଂ ପୁଣି ଥରେ ତାହା ସହିତ ଦୌଡ ପ୍ରତିଯୋଗିତାରେ ଭାଗ ନେବା ପାଇଁ କହିଲା। ସେ କହିଲା, ''କଇଁଛମାନଙ୍କ ସହିତ ଦୌଡରେ ହାରି ତା'ର ଗୋଷ୍ଠୀମାନଙ୍କ ପାଇଁ ପୂର୍ବ ପୁରୁଷମାନେ ଲଜ୍ଜ୍ୟା ଆଣି ଦେଇଛନ୍ତି। ବର୍ତ୍ତମାନ ସେ ଏହି ପ୍ରତିଯୋଗିତାରେ ଜିତି ନୂତନ ପିଢ଼ିର ମାନ ବଢ଼ାଇବାକୁ ଚାହେଁ।''

କଇଁଛ ରାଜି ହେଲା। ପ୍ରତିଯୋଗିତା ପାଇଁ ଦିନ ନିର୍ଦ୍ଧାରିତ ହେଲା, ଜଂଗଲର ରାଜା ସିଂହ ପତାକା ହଲାଇ ପ୍ରତିଯୋଗିତା ଆରମ୍ଭ କଲେ। ଠେକୁଆଟି ମାତ୍ର କେତେ ମିନିଟ୍‌ରେ ସମଗ୍ର ଦୂରତା ଅତିକ୍ରମ କରିଗଲା ଏବଂ ସମାପ୍ତ ହେବା ସ୍ଥାନଠାରୁ ମାତ୍ର କେତେ ପାଦ ଦୂରରେ ଅଟକି ଯାଇ ନିଃଶ୍ୱାସ ନେଲା ଓ ଭାବିଲା କଇଁଛ ପାଖକୁ ଆସିବା ମାତ୍ରେ ସେ ଦୌଡି ଯାଇ ଜିତିଯିବ। ଠେକୁଆ ଅଟକିବା ମାତ୍ରେ ତାକୁ ନିଦ ଲାଗିଗଲା, ପନ୍ଦର ମିନିଟ୍‌ରେ କଇଁଛ ସେ ସ୍ଥାନରେ ପହଂଚିଲା।

ସେ କିଛି ସମୟ ଚିନ୍ତା କଲା। ତା' ପରେ ଠେକୁଆକୁ ଉଠାଇଲା ଏବଂ କହିଲା, ''ତୁମେ କଣ କରୁଛ? ତୁମେ କଣ ତୁମ ପୂର୍ବ ପୁରୁଷ ତୁମ ପାଇଁ ଆଣି ଦେଇଥିବା ଲଜ୍ଜ୍ୟା, ଅପମାନକୁ ଭୁଲିଗଲ ଏବଂ ତୁମେ ଯଦି ଏଠାରେ ଶୋଇ ରହିବ ତେବେ ନୂତନ ପିଢ଼ି କଣ କରିବେ?'' ଉଠିପଡ଼ ଏବଂ ବଳକା ରାସ୍ତା ଦୌଡି ଅତିକ୍ରମ କର। ମୁଁ ମଧ୍ୟ ଆସୁଛି? ଠେକୁଆ ଉଠିପଡ଼ି ଆଶ୍ଚର୍ଯ୍ୟ ହେଲା। ସେ କହିଲା, ''ପ୍ରିୟ କଇଁଛ, ତୁମେ ଯେତେବେଳେ ଜିତି ପାରିଥାନ୍ତ ମୋତେ କାହିଁକି ନିଦରୁ ଉଠାଇଲ?''

କଇଁଛ କହିଲା, ''ଆମର ଜିତିବା କିମ୍ବା ହାରିବା କୌଣସି ଗୁରୁତ୍ୱ ରଖେ ନାହିଁ। ସମସ୍ତେ ଜାଣନ୍ତି ଆମେ ହେଉଛୁ ସବୁଠାରୁ ମନ୍ଥର ପ୍ରାଣୀ। କିନ୍ତୁ ତୁମ ଘଟଣା ଅଲଗା। ଏବେ ବି ତୁମର ଜାତି କ୍ଷୀପ୍ର ଗତିରେ ଗତି କରୁଥିବା ପଶୁ ହୋଇ ମଧ୍ୟ କଇଁଛଠାରୁ ହାରିବାର ଲଜ୍ଜ୍ୟା ବହନ କରୁଛି। ମୁଁ ଚାହେଁ ନାହିଁ ଯେ ତୁମ ଜାତି ଲାଞ୍ଛିତ ହେଉ।'' ଏ କଥା ଶୁଣି ଠେକୁଆ ଭାବପ୍ରବଣ ହୋଇ କଇଁଛକୁ କୁଣ୍ଢାଇ ପକାଇ କହିଲେ, ''ପ୍ରିୟ କଇଁଛ, ଏଥର ମଧ୍ୟ ତୁମେ ଜିତିଲ!''

–ଅରୁଣ ଶ୍ରୀବାସ୍ତବ





ସ୍ୱପ୍ନ ସତ ହେଲା

ଇନ୍ଦ୍ରପ୍ରସ୍ଥ ନଗରରେ ଜଣେ ବଡ଼ ଧନୀ ବ୍ୟକ୍ତି ବାସ କରୁଥିଲେ। ସେ ବେଶ୍ ଆରାମରେ ସମୟ କାଟୁଥିଲେ। ଭାଗ୍ୟଦେବୀଙ୍କର କୋପ ଦୃଷ୍ଟି ପଡ଼ିଲା। ତା'ର ସମସ୍ତ ସମ୍ପତ୍ତି ଚାଲିଗଲା। ପୂର୍ବରୁ ଧନୀ ଥିବା ବ୍ୟକ୍ତିଟି ଅତ୍ୟନ୍ତ ଗରିବ ହୋଇଗଲା।

ଏହିପରି ଅବସ୍ଥାରେ ଦିନେ ସେ ସ୍ୱପ୍ନଟିଏ ଦେଖିଲା। ସ୍ୱପ୍ନରେ ମହାବିଷ୍ଣୁ ପ୍ରତ୍ୟକ୍ଷ ହୋଇ କହିଲେ- ''ତୁମେ ତୁରନ୍ତ ପାଟଳିପୁତ୍ର ଯାଅ, ସେଠାରେ ତୁମକୁ ଟଙ୍କା ମିଳିବ। ତାହାକୁ ପାଇ ତୁମେ ପୁଣି ଧନୀ ହୋଇଯିବ। ତୁମର ପୂର୍ବର ସ୍ୱଚ୍ଛଳ ଅବସ୍ଥା ଫେରିଆସିବ।''

ସ୍ୱପ୍ନରେ ମହାବିଷ୍ଣୁ କହିଥିବା କଥା ଉପରେ ତା' ମନରେ ବିଶ୍ୱାସ ଜାତ ହେଲା। ସେ ଏକୁଟିଆ ପାଟଳିପୁତ୍ର ଅଭିମୁଖେ ବାହାରିପଡ଼ିଲା। ଏହିପରି କେତେଦିନ ଯାତ୍ରା କରିବା ପରେ ସେ ପାଟଳିପୁତ୍ରରେ ପହଞ୍ଚିଲା। ସେ ପାଟଳିପୁତ୍ରରେ ନୂଆ ନୂଆ ପାଦ ଦେଇଥାଏ, ଏତିକିବେଳକୁ ଅନ୍ଧାର ହୋଇଆସିଲା। କୃଷ୍ଣପକ୍ଷର ରାତି। ଆକାଶରେ ଜହ୍ନ ନଥାଏ। ସେ କୌଣସିମତେ ଗୋଟିଏ ମନ୍ଦିର ନିକଟରେ ପହଞ୍ଚିଲା। ମନ୍ଦିରର ମଣ୍ଡପ ଉପରେ ଶୋଇଗଲା। ମନ୍ଦିର ନିକଟରେ ଥିବା ଗୃହରେ ଚୋର ପଶିଲା। ଘରର ମାଲିକ ଚୋର ଚୋର ଚିତ୍କାର କଲା। ଦେଖୁ ଦେଖୁ ଆଖପାଖର ଲୋକେ ସେଠାରେ ଆସି ପହଞ୍ଚିଗଲେ।

ଚୋର ପାଚେରୀ ଡେଇଁ ମନ୍ଦିର ଭିତରକୁ ଡେଇଁ ପଡିଲେ। ମଣ୍ଡପ ପାଖରେ ସେ ଅନ୍ଧାରରେ ଅଦୃଶ୍ୟ ହୋଇଗଲେ। ଲୋକମାନେ ଖୋଜି ଖୋଜି ମନ୍ଦିର ଭିତରକୁ ଆସିଲେ ଏବଂ ଶେଷରେ ମନ୍ଦିର ପ୍ରାଙ୍ଗଣରେ ଶୋଇ ରହିଥିବା ବିଦେଶୀ ବ୍ୟକ୍ତିକୁ କଟୁଆଳଙ୍କ ପାଖକୁ ନେଇଗଲେ। ଚୋରମାନଙ୍କ ମଧ୍ୟରୁ କାହାକୁ ଠାବ କରିବାକୁ ସମର୍ଥ ହେଲେନାହିଁ।

ବହୁ ଦୂର ଯାତ୍ରା କରିଥିବା କାରଣରୁ ତା'ର

ଡି. ସୁଶୀଲା କୁମାରୀ

Digitized by
Deb's Library Corner
https://t.me/debslibrarycorner

ଦେହ ଧୂଳିଧୂସର ଦିଶୁଥିଲା। ତେଣୁ ସେ ମଧ୍ୟ କଟୁଆଳଙ୍କୁ ଚୋର ମନେହେଲା। ସିପାହୀମାନଙ୍କ ଦ୍ୱାରା ବିଦେଶୀ ବ୍ୟକ୍ତିଙ୍କୁ ବହୁତ ମାଡ଼ ଦେଲା। ''ସତକଥା କହ? କାହିଁକି ଚୋରି କରିବା ପାଇଁ ଆସିଥିଲୁ?'' ସେ ପଚାରିଲେ।

''ହଜୁର, ମୁଁ ଚୋର ନୁହେଁ। ମୁଁ ଇନ୍ଦ୍ରପ୍ରସ୍ଥର ବାସିନ୍ଦା। ଦିନ ଥିଲା ମୁଁ ଭାରି ଧନୀ ବ୍ୟକ୍ତି ଥିଲି। ଭଗବାନ ମୋ ସହିତ ଦୁଇଥର ଧୋକ୍କା କଲେ। ପ୍ରଥମେ ସେ ମୋର ସମସ୍ତ ସମ୍ପତ୍ତି ନେଇଗଲେ। ଦ୍ୱିତୀୟରେ ସେତିକିରେ ମନ ଭରିଲା ନାହିଁ ଯେ ଶ୍ରୀମଦ୍ ନାରାୟଣ ମୂର୍ତ୍ତିଙ୍କ ରୂପରେ ପ୍ରତ୍ୟକ୍ଷ ହୋଇ ମୋତେ ପାଟଳିପୁତ୍ର ଯିବା ପାଇଁ କହିଲେ ଏବଂ ମୋତେ କହିଲେ ଯେ ଏଠାରେ ଟଙ୍କା ମିଳିବ। ଏକଥାରେ ବିଶ୍ୱାସ କରି ମୁଁ ଚାଲି ଚାଲି ଇନ୍ଦ୍ରପ୍ରସ୍ଥରେ ଆସି ଆଜି ରାତିରେ ପହଞ୍ଚିଲି। ଯାତ୍ରାଜନିତ କ୍ଲାନ୍ତି କାରଣରୁ ମନ୍ଦିର ମଣ୍ଡପରେ ଶୋଇଯାଇଥିଲି। ମୁଁ ଚୋରି ବିଷୟରେ କିଛି ଜାଣେନାହିଁ। ଗାଁ ଲୋକେ ମୋତେ ହଠାତ୍ ଧରିପକାଇ ଆପଣଙ୍କ ଜିମାରେ ଦେଲେ। ଏବେ ମୁଁ ଆପଣଙ୍କଠାରୁ ମାଡ଼ ଖାଉଛି।'' ବିଦେଶୀ ବ୍ୟକ୍ତିଜଣକ କହିଲେ।

ଏକଥା ଶୁଣି କଟୁଆଳ କହିଲା– ''ଆରେ, ପାଗଳ, କେହି ସ୍ୱପ୍ନକୁ କ'ଣ ବିଶ୍ୱାସ କରେ? କିଛିସମୟ ପୂର୍ବରୁ ମୋତେ ମଧ୍ୟ ସ୍ୱପ୍ନରେ ଶ୍ରୀମଦ୍ ନାରାୟଣ ପ୍ରତ୍ୟକ୍ଷ ହୋଇ କହିଲେ ଯେ ଇନ୍ଦ୍ରପ୍ରସ୍ଥରେ ଥିବା ତୁମ ଘର ପଛପଟେ ଏକ ଫଳନ୍ତି ବୃକ୍ଷର ତଳେ ଗୁପ୍ତ ଧନ ରହିଛି। ତାକୁ ଖୋଳି ବାହାର କରିପାରିବୁ? ମୁଁ ତାଙ୍କ କଥାରେ ବିଶ୍ୱାସ କରି ଇନ୍ଦ୍ରପ୍ରସ୍ଥ ଗଲିନାହିଁ। ତେଣୁ ସ୍ୱପ୍ନ ଉପରେ ବିଶ୍ୱାସ୍ କରିବାର ପାଗଳାମି କରନାହିଁ। ବର୍ତ୍ତମାନ ଇନ୍ଦ୍ରପ୍ରସ୍ଥ ଫେରିଯାଅ।'' କଟୁଆଳ ପରାମର୍ଶ ଥିଲା।

ସେହି ଦରିଦ୍ର ବ୍ୟକ୍ତି ଯେ କି ପୂର୍ବରୁ ବଡ଼ ଧନୀ ବ୍ୟକ୍ତି ଥିଲା, ତୁରନ୍ତ ଇନ୍ଦ୍ରପ୍ରସ୍ଥଆଡ଼କୁ ଆଗେଇ ଚାଲିଲା। ସେ କଟୁଆଳ କହିଥିବା କଥା ଅନୁଯାୟୀ ଗୋଟିଏ ଗଛ ମୂଳକୁ ଖୋଳିଲା। ସତସତିକା ସେହି ଗଛମୂଳରେ ବହୁ ଦୁର୍ମୂଲ୍ୟ ଧନ ରହିଥିଲା। ସେସବୁ ଖୋଳି ଘରକୁ ନେଇଆସିଲା। ସେହି ଗୁପ୍ତ ଧନ କାରଣରୁ ସେ ପୁଣି ଥରେ ଧନୀ ହୋଇଗଲା।

ଏହିପରି ଭାବରେ ସେ ଦେଖିଥିବା ସ୍ୱପ୍ନ ବାସ୍ତବରେ ରୂପାୟିତ ହେଲା।



ଖରାପ ଶିଷ୍ୟ

ଗୋଟିଏ ରାଜ୍ୟରେ ଜଣେ ପ୍ରସିଦ୍ଧ ପହିଲିମାନ ଥିଲେ। ସେ ଭାରି ଦକ୍ଷ ଥିଲେ। ତାଙ୍କର ଦକ୍ଷତା ଏବଂ କୌଶଳ ଆଖପାଖ ରାଜ୍ୟରେ ବେଶ୍ ଜଣାଶୁଣା ଥିଲା। ତାଙ୍କ ପାଖରୁ କୁସ୍ତି ଶିଖିବା ପାଇଁ ବହୁ ଦୂରାନ୍ତରୁ ଯୁବକମାନେ ଆସୁଥିଲେ। ଓସ୍ତାଦ୍ କୁସ୍ତିର ୧୪୦ଟି କୌଶଳ ଜାଣିଥିଲେ। ସେ ଭଲ ପାଉଥିବା ଜଣେ ଶିଷ୍ୟଙ୍କୁ ଏ ସମସ୍ତ କୌଶଳ ଶିଖାଇଲେ। କିଛିଦିନ ପରେ ସେହି ଶିଷ୍ୟଜଣକ ରାଜାଙ୍କୁ ପାଖକୁ ଯାଇ କହିଲା- ''ମହାରାଜ! ଏହି ରାଜ୍ୟରେ ମୋ ଠାରୁ ବଳି କେହି ବଡ଼ ପହିଲିମାନ ନାହାନ୍ତି। ମୁଁ ମୋର ଓସ୍ତାଦ୍‌କୁ ମଧ୍ୟ ହରାଇପାରିବି। କାରଣ ସେ ବୁଢ଼ା ହୋଇଗଲେଣି ଏବଂ ମୁଁ ମୋର ଗୁରୁଙ୍କ ପ୍ରତି କୃତଜ୍ଞ। ତେଣୁ ମୁଁ ତାଙ୍କୁ ଆହ୍ୱାନ ଦେଉନାହିଁ।''

ଶିଷ୍ୟ ପ୍ରତି ରାଜାଙ୍କ ମନରେ କ୍ରୋଧ ଜାତ ହେଲା। ଯେଉଁ ଗୁରୁ ତାକୁ ସବୁ କୌଶଳ ଶିଖାଇଲେ ସେହି ଗୁରୁଙ୍କ ପ୍ରତି ତା' ମଧ୍ୟରେ କୃତଜ୍ଞତା ନଥିଲା। ରାଜା ତାଙ୍କୁ ବିଭିନ୍ନ ପ୍ରକାର ଗାଳିଗୁଲଜ କଲେ। ସେ କହିଲେ- ''ତଥାପି ବି ଦେଖିବା ତୁମ କଥାରେ କେତେ ସତ୍ୟତା ଅଛି? ତୁମ ଦୁହିଁଙ୍କର କୁସ୍ତି ଯୁଦ୍ଧ ନିଶ୍ଚିତ କରୁଛି।'' ଗୁରୁ-ଶିଷ୍ୟଙ୍କର କୁସ୍ତି ଦେଖିବା ପାଇଁ ଦୂରଦୂରାନ୍ତରୁ ବହୁତ ଲୋକ ଆସିଲେ। ବଳବାନ ଶିଷ୍ୟ ବୃଦ୍ଧ ଗୁରୁଙ୍କ ଉପରକୁ ଡିଆଁ ମାରିଲା। ଗୁରୁ ଜାଣିଥିଲେ ଯେ ଶିଷ୍ୟର ଶକ୍ତି ତାଙ୍କଠାରୁ ବହୁତ ଅଧିକ। ତେଣୁ ସେ ଏପରି ଏକ କୌଶଳ ଉପଯୋଗ କଲେ ଯାହା ସେ ତାଙ୍କର ଶିଷ୍ୟଙ୍କୁ ଶିଖାଇ ନଥିଲେ। ଶିଷ୍ୟ ପ୍ରତିରୋଧ କରିପାରିଲା ନାହିଁ। ଗୁରୁ ଖୁବ୍ ସହଜରେ ମାତ୍ର କେତୋଟି ମୁହୂର୍ତ୍ତରେ ଶିଷ୍ୟଙ୍କୁ ହରାଇଦେଲେ।

''ଆପଣ ମୋତେ ଏହି କୌଶଳ ଶିଖାଇ ନଥିଲେ। ଏହା ଠିକ୍ ନୁହେଁ?'' ଶିଷ୍ୟ ଧୂଳି ଝାଡୁ ଝାଡୁ କହିଲା। ''ଏପରି ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇପାରେ, ତେଣୁ ମୁଁ ତୁମକୁ ଶିଖାଇ ନଥିଲି।'' ବୁଢ଼ା ଗୁରୁ କହିଲେ। ରାଜା ଏବଂ ଦର୍ଶକବୃନ୍ଦ ଗୁରୁଙ୍କର ପ୍ରଶଂସା କଲେ।





ଯୁଦ୍ଧର କୌଶଳ

କଳିଙ୍ଗ ରାଜ୍ୟର ରାଜା ଚନ୍ଦ୍ରହାସ ପରିବାର ସହିତ ରାଜଧାନୀ ନିକଟସ୍ଥ ଜଂଗଲକୁ ମୃଗୟା ପାଇଁ ବାହାରିଲେ। ସାଙ୍ଗରେ କିଛି ସୈନ୍ୟସାମନ୍ତ ଏବଂ ରାଜପରିବାରର ଦାସଦାସୀମାନେ ମଧ୍ୟ ଗଲେ। ସେମାନେ ରାଜଧାନୀକୁ ଫେରିବା ରାସ୍ତାରେ ଗୋଟିଏ ବାଘ ଦେଖିଲେ, ଯେ କି ସେମାନଙ୍କଠାରୁ ଅଳ୍ପ ଦୂରରେ ସମ୍ମୁଖରେ ଠିଆ ହୋଇ ରହିଥିଲା। ସେମାନଙ୍କର ଦଳର ସମସ୍ତେ ହତବାକ୍ ହୋଇଗଲେ, ଭୟଭୀତ ହୋଇପଡ଼ିଲେ।

ରାଜା ପ୍ରଥମେ ସଚେତନ ହେଲେ ସେ ସୈନ୍ୟମାନଙ୍କୁ ଆଗକୁ ଯାଇ ବାଘକୁ ଆକ୍ରମଣ କରିବା ପାଇଁ କହିଲେ। ପ୍ରଧାନମନ୍ତ୍ରୀ ପଦ୍ମସମ୍ଭବ ରାଜାଙ୍କ ପାଖକୁ ଗଲେ ଏବଂ ତାଙ୍କୁ ଧୀରେ କହିଲେ, ‘‘ଯଦି ଆପଣ ସୈନ୍ୟମାନଙ୍କୁ ନିର୍ଦ୍ଦେଶ ନ ଦେଇ ନିଜେ ଜଂଗଲୀ ଜନ୍ତୁ ଉପରେ ଆକ୍ରମଣ କରନ୍ତେ ତେବେ ଭଲ ହୁଅନ୍ତା।’’ ରାଜା ମନ୍ତ୍ରୀଙ୍କର ପରାମର୍ଶ ଗ୍ରହଣ କଲେ ଏବଂ ସେହି ମୁହୂର୍ତ୍ତରେ କିଛି ବୁଝି ନ ପାରିଲେ ମଧ୍ୟ ଆଗକୁ ଆଗେଇ ଗଲେ। ସେ ପାଖରେ ଥିବା ଜଣେ ସୈନ୍ୟଙ୍କଠାରୁ ସାଞ୍ଜୁ ପିନ୍ଧିଦେଇ ବାଘ ସହିତ ଲଢ଼ିବାକୁ ପ୍ରସ୍ତୁତ ହେଲେ। ରାଜା ବେଶ୍ ଶକ୍ତିଶାଳୀ ଥିଲେ। ବାଘଟି ଦୁର୍ବଳ ଥିଲା। ତେଣୁ ସେ ଆଘାତପ୍ରାପ୍ତ ହେବାରୁ ଭୟରେ ଜଂଗଲ ଭିତରକୁ ପଳାଇଗଲା।

ରାଜପରିବାରର ସଦସ୍ୟ ଏବଂ ଯେଉଁ କର୍ମଚାରୀମାନେ ଏ କଥା ନିଜ ଆଖିରେ ଦେଖିଲେ ସେମାନେ ସମସ୍ତ ଆଗରେ ରାଜାଙ୍କର ବୀରତ୍ୱର କଥା ରାଜପ୍ରାସାଦକୁ ଫେରି ବର୍ଣ୍ଣନା କଲେ। ତୁଣ୍ଡ ବାଇଦ ସହସ୍ର କୋଶ। ଧୀରେ ଧୀରେ ରାଜାଙ୍କର ଖ୍ୟାତି ବ୍ୟାପିଲା। ଏହା ପ୍ରମାଣିତ ହେଲା ଯେ ରାଜା ତାଙ୍କ ପ୍ରଜାମାନଙ୍କର ସୁରକ୍ଷା ପାଇଁ ବେଶ୍ ଯତ୍ନବାନ୍।

ଏହି ଘଟଣା ଘଟିବାର କିଛି ଦିନ ପରେ ପଡୋଶୀ ରାଜ୍ୟ ବଙ୍ଗଦେଶର ରାଜା ସୁରସେନ

ମୁରଲୀ ଏମ୍. ମାଲ୍ଲାରେଡ୍ଡୀ

Digitized by
Deb's Library Corner
https://t.me/debslibrarycorner



କଳିଙ୍ଗ ରାଜ୍ୟ ବିରୋଧରେ ଯୁଦ୍ଧ ଘୋଷଣା କଲେ। ଚନ୍ଦ୍ରହାସ ବଡ଼ ଶାନ୍ତିପ୍ରିୟ ରାଜା ଥିଲେ। ସେ ସବୁ ପ୍ରକାରେ ଯୁଦ୍ଧକୁ ଏଡାଇବା ପାଇଁ ଉଦ୍ୟମ କଲେ। ତାଙ୍କର ଉଦ୍ୟମ ସଫଳ ହେଲା ନାହିଁ ଏବଂ ଯୁଦ୍ଧ ନିଶ୍ଚିତ ହେଲା। ଯୁଦ୍ଧର ପ୍ରଥମ ଦିନରେ ଭୟଙ୍କର ସଂଗ୍ରାମ ହେଲା। ରାଜା ଚନ୍ଦ୍ରହାସ ନିଜେ ପ୍ରତ୍ୟକ୍ଷ ଭାବରେ ଯୁଦ୍ଧରେ ଅଂଶଗ୍ରହଣ କଲେ। ସେ ଶତ୍ରୁ ଶିବିରର ବହୁତ ଧ୍ୱଂସ ସାଧନ କଲେ। ପ୍ରଧାନମନ୍ତ୍ରୀ ପଦ୍ମସମ୍ଭବ ସେନାଧକ୍ଷଙ୍କ ସହିତ ପରଦିନର ଯୁଦ୍ଧ ଯୋଜନା ସମ୍ବନ୍ଧରେ ଆଲୋଚନା କଲେ।

ସେନାମୁଖ୍ୟ ପ୍ରଧାନମନ୍ତ୍ରୀଙ୍କୁ କହିଲେ, ''ଆଜ୍ଞା, ରାଜାଙ୍କର ଯୁଦ୍ଧ କୌଶଳ ଏବଂ ଆଜିର ସାହସିକତାପୂର୍ଣ୍ଣ ଲଢ଼େଇ ଦେଖିବାପରି ଥିଲା। ଏହା ବର୍ଣ୍ଣନା କରିବା ସମ୍ଭବ ନୁହେଁ। ସେ ଯୁଦ୍ଧ କ୍ଷେତ୍ରରେ ଚମତ୍କାର ଦକ୍ଷତା ଓ ଅସୀମ ଶକ୍ତିର ପରିଚୟ ଦେଲେ। ଅପୂର୍ବ ଉତ୍ତେଜନାର ସହିତ ଯୁଦ୍ଧ କ୍ଷେତ୍ରରେ ପ୍ରବେଶ କଲେ ଓ ଚମତ୍କାର କୌଶଳରେ ଯୁଦ୍ଧ କରୁଥିଲେ, ଯାହାକି ପୂର୍ବରୁ କେବେ ଦେଖାଯାଇ ନ ଥିଲା।''

ପ୍ରଧାନମନ୍ତ୍ରୀ ସେନାବାହିନୀ ମୁଖ୍ୟଙ୍କର କଥା ଶୁଣିଲେ ଏବଂ ଚିନ୍ତିତ ହୋଇପଡ଼ିଲେ। ସେ ଗୋପନରେ ରାଜାଙ୍କୁ ଭେଟିବାକୁ ଗଲେ। ସେ ରାଜାଙ୍କୁ କହିଲେ, ''ମଣିମା ଆପଣଙ୍କର ଦାୟିତ୍ୱ ହେଉଛି ସୈନ୍ୟବାହିନୀର ନେତୃତ୍ୱ ନେବା, ଆପଣଙ୍କର ସୈନ୍ୟମାନଙ୍କର ଦାୟିତ୍ୱ ହେଉଛି ଏହି ଦେଶର ଜନତାଙ୍କର ରକ୍ଷା କରିବା। ତେଣୁ ଆପଣ ଯୁଦ୍ଧରେ ଅଂଶଗ୍ରହଣ କରିବା ସମୟରେ ନିଜର ଭୂମିକା ବିଷୟରେ ସଚେତନ ରହିବା ଆବଶ୍ୟକ। ଆପଣ ଶତ୍ରୁ ସହିତ ପ୍ରତ୍ୟକ୍ଷ ଭାବରେ ଲଢ଼ିବା ଅନୁଚିତ୍। ଆପଣଙ୍କୁ ଆପଣଙ୍କର କାର୍ଯ୍ୟକଳାପ ଓ ଗତିବିଧି ଉପରେ ନିୟନ୍ତ୍ରଣ ରଖିବା ଆବଶ୍ୟକ।''

ଏ କଥା ଶୁଣି ରାଜା ଆଶ୍ଚର୍ଯ୍ୟ ହୋଇଗଲେ। ମହାମନ୍ତ୍ରୀ ତାଙ୍କୁ ଜଂଗଲରେ ବାଘ ସହିତ ଲଢ଼ିବା ପାଇଁ ପରାମର୍ଶ ଦେଇଥିବା କଥା ମନେ ପକାଇଲେ। ବର୍ତ୍ତମାନ ସେ ତାଙ୍କୁ ପଛଘୁଞ୍ଚା ଦେବା ପାଇଁ ଏବଂ ଯୁଦ୍ଧରେ ନିଜର କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ପାଇଁ ପରାମର୍ଶ ଦେଉଛନ୍ତି। ଖୋଲାଖୋଲି ଭାବରେ ମନ୍ତ୍ରୀଙ୍କ ପରାମର୍ଶ ଉପରେ ସନ୍ଦେହବ୍ୟକ୍ତ କଲେ ଏବଂ ପଚାରିଲେ, ''ଦୁଇଟି ସମାନ ପ୍ରକାରର ପରିସ୍ଥିତିରେ ଆପଣ କିପରି ଭିନ୍ନ ଭିନ୍ନ ପରାମର୍ଶ ଦେଉଛନ୍ତି, ଗ୍ରହଣୀୟ କି?''

ପ୍ରଧାନମନ୍ତ୍ରୀ ପଦ୍ମସମ୍ଭବ ହସି ଦେଲେ ଏବଂ ଉତ୍ତରରେ କହିଲେ, ''ଆଜ୍ଞା ମଣିମା, ଯଦିଓ ଦୁଇଟିଯାକ ପରିସ୍ଥିତି ଏକାପରି, ଏଠାରେ ଦୁଇଟି ମଧ୍ୟରେ ଭିନ୍ନତା ରହିଛି। ସେ ଦିନ ଆପଣଙ୍କ

ସମ୍ମୁଖରେ ଥିବା ଶତ୍ରୁ ଥିଲା ଗୋଟିଏ ବନ୍ୟଜନ୍ତୁ। କିନ୍ତୁ ଆମର ସୈନ୍ୟମାନେ କେତୋଟି ମାତ୍ର ସୀମିତ ଢ଼ଙ୍ଗରେ ଯୁଦ୍ଧ କରିବା ପାଇଁ ଏବଂ ଯୁଦ୍ଧର କୌଶଳ ଅନୁସରଣ କରିବା ପାଇଁ ତାଲିମ୍ ପାଇଛନ୍ତି। ସେହି ସମୟରେ, ଆମ ସୈନ୍ୟମାନଙ୍କ ମଧ୍ୟରେ ସାହସର ଅଭାବ ରହିଥିଲା। ଯଦି ସେମାନେ ଆପଣଙ୍କର ନିର୍ଦ୍ଦେଶ ମାନି ବାଘକୁ ଆକ୍ରମଣ କରିଥାନ୍ତେ ତେବେ ସେମାନଙ୍କର ପ୍ରାଣହାନି ହୋଇଥାନ୍ତା। ଆପଣଙ୍କ ଉପସ୍ଥିତିରେ ଆପଣଙ୍କର ସୈନ୍ୟମାନେ ମୃତ୍ୟୁବରଣ କରିଥିବାର ଦେଖି ଲୋକେ ଆପଣଙ୍କର ନିନ୍ଦା କରିଥାନ୍ତେ। ତେଣୁ ମୁଁ ଆପଣଙ୍କୁ ନିଜେ ବାଘ ସହିତ ଲଢ଼ିବା ପାଇଁ ପରାମର୍ଶ ଦେଇଥିଲି।

ମୁଁ ଯେପରି କଳ୍ପନା କରିଥିଲି, ସାରା ରାଜ୍ୟରେ ଆପଣଙ୍କର ସାହସିକତା କାହାଣୀ ପ୍ରସିଦ୍ଧ ହେଲା। ଆପଣଙ୍କର ଯଶ ବୃଦ୍ଧି ପାଇଲା। ଯୁଦ୍ଧ କ୍ଷେତ୍ରରେ ଆମ ସୈନ୍ୟମାନେ ସେମାନଙ୍କ ପରି ତାଲିମ୍‌ପ୍ରାପ୍ତ ଶତ୍ରୁ ସୈନ୍ୟମାନଙ୍କର ସମ୍ମୁଖୀନ ହେବେ। ତେଣୁ ସେଦିନ ପରି ଆଜି ସେମାନଙ୍କ ମନରେ କୌଣସି ଭୟ ନ ଥିବା ତାହା ସହିତ, ସେମାନେ ଆପଣଙ୍କର ସାହସିକତାପୂର୍ଣ୍ଣ ଯୁଦ୍ଧକୌଶଳ ଦେଖି ଉତ୍ସାହିତ ହୋଇଛନ୍ତି। ଫଳରେ ସେମାନେ କେବଳ ଆପଣଙ୍କୁ ଭକ୍ତି କରନ୍ତି ନାହିଁ, ଆପଣଙ୍କ ଉପରେ ଭରସା କରନ୍ତି ଏବଂ ଆପଣଙ୍କୁ ପ୍ରଶଂସା କରନ୍ତି ଓ ଆପଣଙ୍କ ପାଇଁ ଚିନ୍ତା କରନ୍ତି। ଆପଣଙ୍କ ପରି ରାଜାଙ୍କ ପାଇଁ ସେମାନେ ଜୀବନ ଦେବାକୁ ଟିକେ ହେଲେ କୁଣ୍ଠାବୋଧ କରିବେ ନାହିଁ। ଆପଣଙ୍କୁ ଆପଣଙ୍କର ପରାମର୍ଶ ସହିତ ଏହି ସେନାବାହିନୀର ନେତୃତ୍ୱ ନେବାକୁ ହେବ। ଆପଣଙ୍କର ଜୀବନ ଖୁବ୍ ମୂଲ୍ୟବାନ୍। ତେଣୁ ନିଜେ ସିଧାସଳଖ ଭାବରେ ଯୁଦ୍ଧ କରିବା ଏବଂ ଶତ୍ରୁର ଜାଲରେ ଶିକାର ହେବା ଏବଂ ଶତ୍ରୁ ହାତର ଖେଳନା ହେବା ଆଦୌ ବିଜ୍ଞତାର ପରିଚୟ ନୁହେଁ। ଆମ ସେନା ବାହିନୀ ସାଂଙ୍କୁ ପରି ଆପଣଙ୍କୁ ସୁରକ୍ଷା ଦେବ। ଆପଣ ନିଜକୁ ବିପନ୍ନ ନ କରି ଆମ ରାଜ୍ୟ କିମ୍ବା ସୈନ୍ୟମାନଙ୍କୁ ବିପନ୍ନ କରନ୍ତୁ ନାହିଁ। ରାଜା ଚନ୍ଦ୍ରହାସ ସବୁକିଛି ବୁଝିପାରିଲେ ଏବଂ ମନ୍ତ୍ରୀଙ୍କର ପରାମର୍ଶ ପାଇଁ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କଲେ।

ଶେଷରେ ପଦ୍ମସମ୍ଭବଙ୍କର ଯୁଦ୍ଧ କୌଶଳ କଳିଙ୍ଗ ପାଇଁ ବିଜୟ ଆଣିଦେଲା।



ହରି-ହର

ଚନ୍ଦାମାମାର ଏହି ସଂଖ୍ୟାରେ ଆମ୍ଭେମାନେ ପ୍ରଭୁ ନାରଦଙ୍କର ଶିବ ଏବଂ ବିଷ୍ଣୁଙ୍କ ବିଷୟରେ ମନ୍ତବ୍ୟକୁ ହରି-ହର ରୂପରେ ଉପସ୍ଥାପିତ କରିଛୁ। ଏହା ହେଉଛି ହିନ୍ଦୁ ଧର୍ମର ଆରାଧ୍ୟ ଦେବଦେବୀଙ୍କର ରୂପ।

ଏହି ସଂଖ୍ୟାର ପ୍ରଚ୍ଛଦ ପୃଷ୍ଠାର ଚିତ୍ର ହେଉଛି ଆମ ପତ୍ରିକା ପାଇଁ ୧୯୫୧ ମସିହା ନଭେମ୍ବର ମାସରେ ଶ୍ରୀ ଏମ୍‌ଟିଭି ଆଚାର୍ଯ୍ୟଜୀଙ୍କ ଦ୍ୱାରା ଅଙ୍କା ଯାଇଥିବା ଚିତ୍ର। ଆମ୍ଭେମାନେ ପ୍ରଭୁ ଶ୍ରୀକୃଷ୍ଣଙ୍କ ବିଷୟରେ ଜାନୁଆରୀ ୧୯୪୯ଠାରୁ ୧୯୫୨ ଜୁନ୍ ପର୍ଯ୍ୟନ୍ତ ବିଭିନ୍ନ କ୍ଷୁଦ୍ର କାହାଣୀ ପ୍ରକାଶିତ କରିଥିଲୁ। ଏହା କୌଣସି କ୍ରମରେ ନଥିଲା ସତ କିନ୍ତୁ ଏହି କାହାଣୀଗୁଡ଼ିକ କୃଷ୍ଣ ଅବତାରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏ ସମସ୍ତ କଳାକୃତି କେବଳ ଆଚାର୍ଯ୍ୟଜୀଙ୍କ ଦ୍ୱାରା ଅଙ୍କା ଯାଇଥିଲା। ଏହି ନିର୍ଦ୍ଦିଷ୍ଟ ପ୍ରଚ୍ଛଦ ଚିତ୍ରଟି ନାରଦଙ୍କର ଭ୍ରମଣ ବର୍ଣ୍ଣନା କରେ।

ନାରଦ ମୁନି ଯେତେବେଳେ ଶୁଣିଲେ ଯେ ଶ୍ରୀକୃଷ୍ଣ ନାରାକାସୁରଙ୍କୁ ବଧ କରିବା ପରେ ଶୋଳ ସହସ୍ର ଗୋପୀଙ୍କୁ ବିବାହ କରିଛନ୍ତି, ଯେଉଁମାନେ କି ସେମାନଙ୍କର ଜୀବନ କୃଷ୍ଣଙ୍କ ନିମନ୍ତେ ସପର୍ମଣ କରିଦେଇଛନ୍ତି। ସେ ସେମାନଙ୍କୁ ଭେଟିବା ପାଇଁ ଦ୍ୱାରକା ଯିବାକୁ ନିଷ୍ପତ୍ତି କଲେ। ତ୍ରିଲୋକ ସଂଚାରୀ ଭଗବାନଙ୍କର ବିଭିନ୍ନ ଅବତାର ଦେଖି ବିସ୍ମିତ ହେଲେ। ବିଚାରକ ଭାବରେ ଗୋଟି ଗୋଟି କରି ବିଚାର କଲେ। ଉଦ୍ୟାନରେ ଗୋପୀମାନେ ବିଶ୍ରାମ କରୁଛନ୍ତି। ଆଉ ଜଣେ ଗୋପୀ ଅପରାହ୍ଣରେ ଆରାମ୍ କରୁଛନ୍ତି, ଏବଂ ଆଉ ଏକ ଗୃହରେ ପିଲାମାନେ ଖେଳୁଛନ୍ତି, କୃଷ୍ଣଙ୍କୁ ସବୁ ସ୍ଥାନରେ ଦେଖି ନାରଦ ସ୍ତମ୍ଭୀଭୂତ ହୋଇପଡ଼ିଲେ।

ଏହା ଭଗବାନ ବିଷ୍ଣୁ କୃଷ୍ଣ ରୂପରେ କିପରି ଜନମାନସରେ ଲୀନ ହୋଇଯାଇଥିଲେ, ତାହାକୁ ଦର୍ଶାଇଛି। ପ୍ରତ୍ୟେକ ଅବତାରର ନିଜସ୍ୱ ବର୍ଣ୍ଣନା ରହିଛି, କିନ୍ତୁ କୃଷ୍ଣ ଅବତାରର ବର୍ଣ୍ଣନା ଭକ୍ତମାନଙ୍କର ହୃଦକୁ ଉଦ୍‌ବେଳିତ କରିଥାଏ, ଏହା ବୋଧହୁଏ ସବୁଠାରୁ ଭାବଗ୍ରାହୀ ଅବତାର। ଈଶ୍ୱରଙ୍କ ନିକଟରେ ସାଂସାରିକ ମାଧ୍ୟମ ଦେଇ ପହଂଚିବାର କ୍ଷମତା ଏବଂ ଦୈନନ୍ଦିନ ଜୀବନରେ ଏକ ଅଂଶ ଭାବରେ ତାଙ୍କୁ ପାଇବା କୃଷ୍ଣ ଅବତାରରେ ସବୁଠାରୁ ଭଲ ଭାବରେ ବର୍ଣ୍ଣନା କରାଯାଇଛି। ଈଶ୍ୱରଙ୍କ ନିକଟରେ ପହଂଚିବା ପାଇଁ ଜଣଙ୍କୁ ସାଧୁସନ୍ଥ ହେବାକୁ ପଡ଼ିବ ନାହିଁ। ନିଷ୍ଠାର ସହିତ ପ୍ରାର୍ଥନା ଏବଂ ଈଶ୍ୱରଙ୍କୁ ପାଇବାର ଇଚ୍ଛା ଏଥିପାଇଁ ଯଥେଷ୍ଟ। ନାରଦ ଯାହା ଦେଖିଲେ ତାହା ହିଁ ଏଠାରେ ବର୍ଣ୍ଣନା କରୁଛନ୍ତି।

ଏହା ସହିତ ଆମେ ଫେବୃଆରୀ ସଂଖ୍ୟାର ପ୍ରଚ୍ଛଦ ପଟରେ ପ୍ରଭୁ ଶିବଙ୍କର ନୃତ୍ୟ ନାରଦ ଦେଖୁଥିବାର ଦୃଶ୍ୟ ଆଣିଛୁ। ଏହାକୁ ୧୯୭୩ ମସିହା ମାର୍ଚ୍ଚ ସଂଖ୍ୟା ନିମନ୍ତେ ଶ୍ରୀ ଭାପା ଆଙ୍କିଥିଲେ। ମାର୍ଚ୍ଚ ସଂଖ୍ୟାରେ ସ୍ୱତନ୍ତ୍ର ଭାବରେ ଏକ ପୃଷ୍ଠ ପ୍ରଚ୍ଛଦପଟ ମୁଦ୍ରିତ ହେବ, ଯାହାକି ଶିବ ପୁରାଣର ଏକ ଅଂଶ।

ଏହା ହେଉଛି ପ୍ରଭୁ ଶିବଙ୍କ ସହିତ ବ୍ରହ୍ମା ଏବଂ ବିଷ୍ଣୁଙ୍କର ଏକ ସ୍ୱତନ୍ତ୍ର ନୃତ୍ୟ ନନ୍ଦନ ନୃତ୍ୟ, ଯାହା

বিষয়রে ଭରତ ମୁନି ଭାରତ ନାଟ୍ୟଶାସ୍ତ୍ରରେ ଲେଖିଛନ୍ତି। ଏହି ଶାସ୍ତ୍ର ହେଉଛି ଭାରତର ଅଧିକାଂଶ ଶାସ୍ତ୍ରୀୟ ନୃତ୍ୟର ଆଧାର। ଏଥିରେ ନିର୍ଦ୍ଦିଷ୍ଟ ଭାବରେ ନାଟ୍ୟ (ଅଭିନୟ), ନୃତ୍ୟ (ରସ ଏବଂ ଭାବ) ଏବଂ ନୃତ୍ୟ (ଶରୀରର ବିଭିନ୍ନ ଭଙ୍ଗୀ ଏବଂ ମୁଦ୍ରା) ଏ ସମଗ୍ର ବିଶ୍ୱ ଈଶ୍ୱରଙ୍କର ନିର୍ଦ୍ଦେଶରେ ପରିଚାଳିତ ଏବଂ ଷଡଭୂଜ ବା ସାତ କୋଣ ଯନ୍ତ୍ର ଯାହା ଏଠାରେ ଦିଆଯାଇଛି ତାହା ସାଧାରଣତଃ ଦକ୍ଷିଣ ଭାରତର ହିନ୍ଦୁ ମନ୍ଦିରେ ଦେଖାଯାଏ ଏବଂ ଏହାର ହିନ୍ଦୁ ଧର୍ମରେ ସ୍ୱତନ୍ତ୍ର ଅର୍ଥ ରହିଛି। ବିଭିନ୍ନ ନିୟମ ରହିଛି, ଯେପରି କି:

- ହିନ୍ଦୁ ମନ୍ଦିରରେ ସାଧାରଣତଃ ଛଅ ଥର ପୂଜା କରାଯାଏ, ଉଷଭ କାଳମ୍, କାଳସନ୍ଧି, ଉଚ୍ଚିକାଳ, ସାୟାରାଚାଇ, ରେନ୍ଦମ୍ କାଳମ୍ ଏବଂ ଅର୍ଥଯମ। ଯଦି ଆପଣ ଏହି ଷଡଭୂଜକୁ ପ୍ରତୀକ ଭାବରେ ଗ୍ରହଣ କଲେ ଆପଣ ଛଅଟି ବିନ୍ଦୁ ଛଅଟି କାଳର ପ୍ରତିନିଧିତ୍ୱ କରିଥିବାର ଦେଖିବେ। ଏହା ସହିତ ବୃତ୍ତ ମାଧ୍ୟମରେ ଚିତ୍ରାଙ୍କନ ଯାହା ଷଡଭୂଜ ଚାରିପଟେ ଅଙ୍କାଯାଇଥାଏ, ତାହା ସମୟ ଏବଂ ସ୍ଥାନର ଏକ ସଂପୂର୍ଣ୍ଣ ଚକ୍ର।
- ଆଉ ଏକ ବିଷୟ ଯାହାକି ଷଡଭୂଜକୁ ସମାନ୍ତରାଳ ଊର୍ଦ୍ଧ୍ୱ ମୁଖୀ ଏବଂ ନିମ୍ନ ମୁଖୀ ଦୁଇ ଭାଗରେ ବିଭକ୍ତ କରେ ତାହା ଶିବ ଏବଂ ଶକ୍ତିଙ୍କର ମିଳନକୁ ସୂଚିତ କରେ।
- ମଣ୍ଡଳ ଧାରା ଅନୁଯାୟୀ ଏହି ପ୍ରତୀକ ମଣିଷ ଏବଂ ଈଶ୍ୱରଙ୍କ ମଧ୍ୟରେ ନିର୍ବାଣ ପ୍ରାପ୍ତି ପାଇଁ ଧ୍ୟାନମୁଦ୍ରାର ନିୟନ୍ତ୍ରଣକୁ ସୂଚିତ କରେ।

ପଞ୍ଚଭୂତ ଜଳ, ବାୟୁ, ଅଗ୍ନି, ପୃଥିବୀ ଏବଂ ଆକାଶ ହେଉଛି ଶିବଙ୍କର ଅଂଶ ଏବଂ ହିନ୍ଦୁ ଧର୍ମରେ ବର୍ଣ୍ଣନା ଅଛି ଯେ ଜୀବନ ଗ୍ରହ ଓ ପ୍ରକୃତିର ପଞ୍ଚ ଭୂତର ମିଳନରୁ ସୃଷ୍ଟି ହୋଇଛି। ବେଳେବେଳେ କୁହାଯାଇଥାଏ ଯେ ଶିବ ହେଉଛନ୍ତି ଧ୍ୱଂସକାରୀ, କିନ୍ତୁ ଏ ସମୟରେ ସମଗ୍ର ପୃଥିବୀ ଏବଂ ଜୀବନ ଆରମ୍ଭ ହୋଇଥାଏ ଓ ଶେଷ ହୋଇଥାଏ। ସମୟ ଏବଂ ସ୍ଥିତି ସଂପୂର୍ଣ୍ଣ ଭାବରେ ଈଶ୍ୱରଙ୍କ ଦ୍ୱାରା ନିୟନ୍ତ୍ରିତ। ଏହି ଅତି ଜାଗତୀୟ ଚିତ୍ରକୁ ମନମୁତାବକ ଯେ କୌଣସି ପ୍ରକାରେ ବର୍ଣ୍ଣନା କରାଯାଇପାରେ ଏବଂ ଏହା ହିନ୍ଦୁ ଧର୍ମକୁ ଉଚ୍ଚସ୍ଥାନ ପ୍ରଦାନ କରେ।

ଏହି କାହାଣୀ ସହିତ ଆମର ଆଶା ଆପଣମାନେ ଶ୍ରୀ ଭାପାଙ୍କର ଚମତ୍କାର କଳାକୃତିକୁ ଉପଭୋଗ କରିବେ ଏବଂ ତାଙ୍କର ହାସ୍ୟରସକୁ ଅନୁଭବ କରିବେ– ଯଦି ଆପଣ ଲକ୍ଷ୍ୟ କରିବେ ଏହି ଐଶ୍ୱରିକ ନୃତ୍ୟରେ ପ୍ରଭୁ ଏବଂ ସମସ୍ତ ଦେବଦେବୀଙ୍କ ସହିତ ଗଣେଶ ମଧ୍ୟ ନୃତ୍ୟ କରୁଛନ୍ତି, ଖାଲି ସେତିକି ନୁହେଁ ବାଦ୍ୟର ତାଳେ ତାଳେ ଗଣେଶଙ୍କ ପାଦ ସହିତ ଦେଇ ତାଙ୍କର ବାହନ ମୂଷା ମଧ୍ୟ ନୃତ୍ୟ କରୁଅଛି!

ପରବର୍ତ୍ତୀ ସଂଖ୍ୟାରେ ଦୟାକରି ଆମର ପୃଷ୍ଠାକୁ ଧ୍ୟାନ ଦେଇ ଦେଖନ୍ତୁ ଏବଂ ଏଥିରେ ଥିବା କଳାକୁଶଳତାର ଆନନ୍ଦ ନିଅନ୍ତୁ।

– ସୌମ୍ୟା ଭରଦ୍ୱାଜ

ଜହ୍ନମାମୁ ସାଧାରଣ ଜ୍ଞାନ ଧନ୍ଦା – ୩୭

(୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ)

Co-sponsored by Infosys FOUNDATION, Bangalore

ସଠିକ୍ ଉତ୍ତର ପାଇଁ ₹୨୫୦/– ଟଙ୍କା ପୁରସ୍କାର ଦିଆଯିବ ।*

* ଯଦି ଏକାଧିକ ସମ୍ପୂର୍ଣ୍ଣ ଠିକ୍ ଉତ୍ତର ମିଳିଥାଏ, ତେବେ ପ୍ରତ୍ୟେକ ସଫଳ ପ୍ରତିଯୋଗୀଙ୍କୁ ₹୫୦/– ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯିବ ।

ତୁମକୁ କ'ଣ କରିବାକୁ ପଡ଼ିବ:

(୧) ଏକ କାଗଜରେ ଉତ୍ତର ଲେଖ ।

(୨) ତୁମ ନାମ, ବୟସ ଓ ପିନ୍ କୋଡ ସହିତ ସମ୍ପୂର୍ଣ୍ଣ ଠିକଣା ଦିଅ ।

(୩) ଲଫାପା ଉପରେ **ଜହ୍ନମାମୁ ପ୍ରଶ୍ନୋତ୍ତର–୩୭** ଲେଖି ତାହା ଜହ୍ନମାମୁ ଠିକଣାରେ ପଠାଅ ।

(୪) ମାର୍ଚ୍ଚ ମାସ ୩୧ ତାରିଖ ପୂର୍ବରୁ ଆମକୁ ତୁମର ଉତ୍ତର ମିଳିଯିବା ଆବଶ୍ୟକ ।

(୫) ମେ'–୨୦୧୨ ସଂଖ୍ୟାରେ ଫଳାଫଳ ପ୍ରକାଶିତ ହେବ।

ଫଳ ବିଷୟରେ କିଛି କଥା!



୧. କେଉଁ ଫଳର ବାହାରେ ତାହାର ମଞ୍ଜି ରହିଥାଏ?

୨. କେଉଁ ଫଳର ନାମ ନ୍ୟୁଜିଲ୍ୟାଣ୍ଡର ଏକ ପକ୍ଷୀର ନାମ ସହିତ ସମାନ?

୩. ବିଶ୍ୱରେ ସବୁଠାରୁ ଅଧିକ ଖିଆଯାଉଥିବା ଫଳଟି କ'ଣ?

୪. କେଉଁ ଫଳକୁ ଆମର ଜାତୀୟ ଫଳ କୁହାଯାଏ?

୫. କେଉଁ ଫଳ ସୁସ୍ଥ ଚର୍ବି ଏଚଡିଏଲରେ ସମୃଦ୍ଧ?

୬. ଫଳର ରାଜା କିଏ ଜାଣନ୍ତି, ଫଳମାନଙ୍କର ରାଣୀ କିଏ କହନ୍ତୁ?

୭. ଲେମ୍ବୁ ଜାତୀୟ ଫଳରେ କେଉଁ ଭିଟାମିନ୍ ରହିଛି?

୮. ଫଳରେ କେଉଁ ପ୍ରକାରର ଶର୍କରା ରହିଥାଏ?

ଜହ୍ନମାମୁ ସାଧାରଣଜ୍ଞାନ ପ୍ରଶ୍ନୋତ୍ତର–୩୪ (ନଭେମ୍ବର ୨୦୧୧ ଉତ୍ତର)

୧. ପେଲିକାନ, ୨. ଫ୍ଲେମିଙ୍ଗୋ, ୩. ଫୁଲମାର, ୪. ବୁଫୋସ୍, ୫. ହେରୋନ୍, ୬. ଆଲବାଟ୍ରସ୍, ୭. ହମିଙ୍ଗ ବାର୍ଡ.

November'11 Winner: Yagnesh Saradchandra Chaphalkar, Plot-12, Abhineet park, Pakhal Road, Nasik - 422006.

ହସି ହସି ଗଡ଼ିଯା

ରାଜ୍: ରାହୁଲ୍ ତୁମେ ଜାଣ ମୋ ବାପା ଜଣେ ଶିକାରୀ। ତାଙ୍କର ପ୍ରିୟ ଅବସର ବିନୋଦନ କାର୍ଯ୍ୟ ହେଉଛି ଅଷ୍ଟ୍ରେଲିଆର ମେରୁ ଭାଲୁ ଶିକାର କରିବା।
ରାହୁଲ: କିନ୍ତୁ ଅଷ୍ଟ୍ରେଲିଆରେ ତ ଆଉ ମେରୁ ଭାଲୁ ନାହାନ୍ତି।
ରାଜ୍: ହଁ, ମୋ ବାପା ସମସ୍ତଙ୍କୁ ମାରି ଦେଇଛନ୍ତି।

ଭିଙ୍କି: ଡାକ୍ତର, ମୁଁ ଘୋଡା ଦୌଡ କଲା ପରି ଅନୁଭବ କରୁଅଛି।
ଡାକ୍ତର: ପ୍ରତି ଚାରିପାଦ ନେଲା ପରେ ଏହି ବଟିକାଗୁଡିକୁ ଖାଆନ୍ତୁ।

ପୁଅ: ମାଆ, ମୁଁ ସ୍କୁଲ ଯିବାକୁ ଚାହୁଁ ନାହିଁ।
ମାଆ: ତୁମେ ସ୍କୁଲ ଯିବା ଆବଶ୍ୟକ, ଏହାର ଦୁଇଟି କାରଣ। କାରଣ ତୋର ବୟସ ୫୫ ବର୍ଷ ଏବଂ ତୁମେ ହେଉଛ ସ୍କୁଲର ପ୍ରିନିସପାଲ୍।

ଟିନା ପ୍ରଥମ ଦିନ ସ୍କୁଲ ଯାଇ ଫେରିଲା।
ବାପା: ଟିନା, ଆଜି ତୁମେ କଣ ସ୍କୁଲରେ ବହୁତ କଥା ଶିଖିଲ?
ଟିନା: ନାଇଁ ବାପା, ମୋତେ ପୁଣି କାଲି ସ୍କୁଲକୁ ଯିବାକୁ ପଡ଼ିବ।

କ୍ୟାଣ୍ଡିର ଆନନ୍ଦ ନିଅନ୍ତୁ

ଆଜିକାଲି ବିଭିନ୍ନ ସ୍ୱାଦରେ, ଆକାରରେ, ଆକୃତିରେ ଏବଂ ସୁବାସଯୁକ୍ତ ଭାବରେ କ୍ୟାଣ୍ଡି ମିଳୁଛି। ଆମ୍ଭେମାନେ ଗୁମ୍ଫାରେ ବାସ କରୁଥିବା ଲୋକମାନଙ୍କୁ ଧନ୍ୟବାଦ ଦେବା ଉଚିତ୍ ଯେ ସେମାନେ ହିଁ ପ୍ରଥମେ ମହୁଫେଣାରୁ ମହୁ ସଂଗ୍ରହ କରି ଏବଂ ତାହାକୁ ଶୁଖାଇ ଟ୍ୟାଫି ପରି କ୍ୟାଣ୍ଡି ତିଆରି କରିଥିଲେ!

ଚିନିରେ ତିଆରି କ୍ୟାଣ୍ଡି ଭାରତ ଏବଂ ଇରାନରୁ ପ୍ରଥମେ ଆରମ୍ଭ ହୋଇଥିଲା। ରକ୍ କ୍ୟାଣ୍ଡି ହେଉଛି ଏପରି ଏକ ମିଷ୍ଟାନ୍ନ ଯେଉଁଥିରେ କଠିନ ହୋଇଥିବା ଚିନିର ଦାନା ରହିଥାଏ। ଚା'ରେ ରକ୍ କ୍ୟାଣ୍ଡିକୁ ଦ୍ରବୀଭୂତ କରିବା ହେଉଛି ଜର୍ମାନୀର ଚା' ସଂସ୍କୃତିର ଏକ ମୁଖ୍ୟ ଅଂଶ।

ପ୍ରଥମେ କ୍ୟାଣ୍ଡି କ୍ୟାନ୍ ଥିଲା ଟାଣ କ୍ୟାଣ୍ଡିର କାଠି ଏବଂ ଏହାର ରଙ୍ଗ ଥିଲା ଚକ୍କ ଖଡି ପରି ଧଳା। ୧୬୭୦ ମସିହାରେ ଜର୍ମାନୀର ଜଣେ କଏର ମାଷ୍ଟର ନିଷ୍ପତ୍ତି ନେଲେ ଯେ କ୍ୟାଣ୍ଡିକୁ ବଙ୍କା କରି ତିଆରି କରିବେ ଯାହାକି ମେଷ ପାଳକର ଫନ୍ଦା ପରି ଦିଶିବ ଏବଂ ପିଲାମାନଙ୍କୁ ଚର୍ଚ୍ଚ ସର୍ଭିସ୍ ସମୟରେ ପ୍ରଦାନ କରିବେ।

ଅଭିନବ କ୍ୟାଣ୍ଡି

୧୬୮୫ ମସିହାରେ ଚିନି ଶିରାରେ ତିଆରି ହେଲା ଚଟ୍‌କା କ୍ୟାଣ୍ଡି। ପ୍ରତ୍ୟେକଙ୍କୁ ଏହି କ୍ୟାଣ୍ଡି ଭିତରେ ଦିଆଗଲା ଭବିଷ୍ୟତବାଣୀର ଛୋଟିଆ ଟୁକୁଡ଼ାଟିଏ। ଆଜିକାଲି ଫର୍ଚ୍ଚୁନ୍ କୁକିଜ୍ ପରି। ଅନ୍ୟପ୍ରକାରର କ୍ୟାଣ୍ଡିରେ ରହିଥିଲା ହ୍ୟାଣ୍ଡି ସିଡ୍‌ସ ସିକ୍ରେଟ୍ ଚାର୍ମସ୍। ଏହି କ୍ୟାଣ୍ଡି ବିଭିନ୍ନ ଆକାରରେ ଏବଂ ଆକୃତିରେ ମିଳୁଥିଲା। ଯେତେବେଳେ ଲୋକେ ଏହାକୁ ଚୁଚୁମି ଖାଇଥିଲେ ଏଥିରୁ ଏକ ଗୁପ୍ତ ବାର୍ତ୍ତା ଦୃଶ୍ୟମାନ ହେଉଥିଲା।

ଫଳଯୁକ୍ତ କ୍ୟାଣ୍ଡି ବା ଖଣ୍ଡ ଖଣ୍ଡ ଫଳ ୧୪୦୦ ଶତାବ୍ଦୀ ବେଳକୁ ଲୋକପ୍ରିୟ ହୋଇସାରିଥିଲା। ମଧ୍ୟଯୁଗରେ ପୋପ୍ ମଧ୍ୟ ଏହି ମିଷ୍ଟାନ୍ନକୁ ବହୁତ ପସନ୍ଦ କରୁଥିଲେ। ଭଲ ଅତିଥିଙ୍କ ଗୃହରେ ଗୋଟିଏ ଜାର୍‌ରେ ଫଳ କ୍ୟାଣ୍ଡି ଭରି ରଖୁଥିଲେ। କାରଣ ଏସବୁ ଭଲଭାବରେ ହଜମ ହେବାରେ ସାହାଯ୍ୟ କରୁଥିଲା।



ତୁମେ କ'ଣ ଭାବୁଛ ୱିଲି ୱଙ୍କାଙ୍କର ଉପହାର ସବୁ କେବଳ ରୋଲାଲ୍ଡ ଡାଲ୍‌ଙ୍କର ପୁସ୍ତକରେ ଦେଖିବାକୁ ମିଳେ? ୱିଲି ୱଙ୍କା ବ୍ରାଣ୍ଡ୍ ହେଉଛି ନେସ୍‌ଲେ କମ୍ପାନିର ଏବଂ ଏହାର ଉତ୍ପାଦିତ ଏଭର୍ ଲାଷ୍ଟିଂ ଗୋବ୍ ଷ୍ଟପର୍ସ ଏବଂ ୱଙ୍କା ବାର୍ ସେଗୁଡ଼ିକ ମଧ୍ୟରୁ ଅନ୍ୟତମ। ଗୋବ୍ ଷ୍ଟପର୍ସରେ କ୍ୟାଣ୍ଡିରେ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ରଙ୍ଗ ଦିଆଯାଇଥାଏ।

ଆଧୁନିକ ଯୁଗର ଲଲିପପ୍‌କୁ ଉଦ୍ଭାବନ କରିଥିଲେ ୧୯୦୮ ମସିହାରେ ଜର୍ଜ ସ୍ମିଥ୍। ସେ କଠିନ କ୍ୟାଣ୍ଡି ମଧ୍ୟରେ ଗୋଟିଏ କାଠି ରଖିବା ପାଇଁ ନିଷ୍ପତ୍ତି ନେଲେ, ଯାହାଦ୍ୱାରା ଏହାକୁ ସହଜରେ ଚୁଚୁମି ହେବ। ଏହି କ୍ୟାଣ୍ଡିର ନାମ ପ୍ରିୟ ଘୋଡ଼ାର ନାମ ଅନୁସାରେ ରଖିଲେ 'ଲଲିପପ୍'!

ପ୍ରଥମେ ଯେଉଁ ମେସିନ୍ ଦ୍ୱାରା ଲଲିପପ୍ ପ୍ରସ୍ତୁତ କରାଯାଉଥିଲା ଏହା ଗୋଟିଏ ମିନିଟ୍‌ରେ ୪୦ଟି ଲଲିପପ୍ ପ୍ରସ୍ତୁତ କରୁଥିଲା। ଆଜିକାଲିକା ମେସିନ୍‌ରେ ଗୋଟିଏ ମିନିଟ୍‌ରେ ପ୍ରାୟ ୫୯୦୦ଟି ଲଲିପପ୍ ପ୍ରସ୍ତୁତ କରାଯାଇପାରୁଛି।

କେଣ୍ଡାଲ ମିଣ୍ଟ କେକ୍ ହେଉଛି ଏକ ଗ୍ଳୁକୋଜଭିତ୍ତିକ ମିଷ୍ଟାନ୍ନ, ଯେଉଁଥିରେ ପିପରମେଣ୍ଟର ସୁବାସ ରହିଛି। ବେଳେବେଳେ ଏଥିରେ ଚକୋଲେଟ୍‌ର ଆସ୍ତରଣ ରହିଥାଏ। କେଣ୍ଡାଲମେଣ୍ଟର ବିଶେଷତ୍ୱ କ'ଣ? ପର୍ବତାରୋହୀ ଏବଂ ଚଢ଼ାଳିମାନେ ସଦାସର୍ବଦା ପାଖରେ କିଛି କେଣ୍ଡାଲମେଣ୍ଟ ରଖିଥାନ୍ତି। କାରଣ ଏହା ପ୍ରଚୁର ଶକ୍ତିର ଉତ୍ସ ହୋଇଥାଏ। ୧୯୫୩ ମସିହାରେ ସଫଳ ଏଭରେଷ୍ଟ ଯାତ୍ରା ସମୟରେ ଏଡମଣ୍ଡ୍ ହିଲାରୀ ଏବଂ ତାଙ୍କର ଦଳ ଏହି କ୍ୟାଣ୍ଡି ସାଙ୍ଗରେ ନେଇଥିଲେ।

ମେକ୍ସିକୋରେ ମୃତ ବ୍ୟକ୍ତିମାନଙ୍କର ଦିନ ପାଳନ କଲାବେଳେ, ପିଲାମାନେ ମଣିଷର ମୁହଁର ଆକାର ପରି କ୍ୟାଣ୍ଡି ପ୍ରସ୍ତୁତ କରିଥାନ୍ତି। ତାହାକୁ ଆଇସିଂ ଏବଂ ବିଭିନ୍ନ ଅଳଙ୍କାର ଦ୍ୱାରା ସଜାଇଥାନ୍ତି। ଉତ୍ସବ ଶେଷ ହେବାପରେ ସେହି ମିଠା ମୁଣ୍ଡଗୁଡ଼ିକୁ ଖାଇଥାନ୍ତି!

ଆମେଜାଇକୁ ହେଉଛି ଏକ ପ୍ରକାରର କ୍ୟାଣ୍ଡି କାରିଗରୀ କୌଶଳ। କାରିଗରମାନେ ହରଙ୍ଗୀ ଚାପିକୁ ହାତରେ ଧରି, କତୁରୀ ଏବଂ ଟୁଇଜର୍ ବ୍ୟବହାର କରି ବିଭିନ୍ନ ପ୍ରକାରର କଳାକୃତି ପ୍ରସ୍ତୁତ କରିଥାନ୍ତି। ମୁଖ୍ୟତଃ କାରିଗରମାନେ ପଶୁପକ୍ଷୀ ଏବଂ କୀଟପତଙ୍ଗଙ୍କର ଆକୃତି ପ୍ରସ୍ତୁତ କରିଥାନ୍ତି, ଯାହାକି ପିଲାମାନଙ୍କର ଖୁବ୍ ପ୍ରିୟ ହୋଇଥାଏ। କେତେକ ଆମେଜାଇକୁ କାରିଗର ଏବଂ ରାସ୍ତା କଡ଼ରେ ଖେଳ ଦେଖାଉଥିବା ବ୍ୟକ୍ତି ଏହି କ୍ୟାଣ୍ଡି କାରିଗରର କାହାଣୀ କହିବା ସହିତ ମ୍ୟାଜିକ୍ କୌଶଳ ଦେଖାଇଥାନ୍ତି!

ଡିବ୍ ଡିବ୍‌ର ଡିବା

ନିମ୍ନରେ ଥିବା କୋଠରିଗୁଡ଼ିକୁ ଦେଖ ଓ ତୁମେ ଜାଣିଥିବା ଭାଷାରେ ଥିବା ଶବ୍ଦଗୁଡିକୁ ପଢ଼ । ତା'ପରେ, ତଳ କୋଠରିକୁ ଦେଖି, ଅନ୍ୟ ଭାରତୀୟ ଭାଷାରେ ତାହା କିପରି କହିବାକୁ ଓ ଲେଖିବାକୁ ହେବ, ଜହ୍ନମାମୁ ମାଧ୍ୟମରେ ସହଜରେ ଶିକ୍ଷା କର ।

English	I am Sure.	It was fine.
Oriya	ମୁଁ ନିଶ୍ଚିତ।	ଏହା ଭଲ ଥିଲା
Telugu	ఖచ్చితంగా କଚ୍ଚିଥାମଗା।	చాలా బాగుంది. ଚାଲା ବାଗୁମଧି।
Tamil	நிச்சயமாகத் தெரியும். ନିଚୟାମାଗ ଥେରିୟୁମ୍।	நன்றாக இருந்தது. ନାନରାଗ ଏରୁନ୍ଧାଧୁ।
Bengali	আমি নিশ্চিত। ଆମି ନିଶ୍ଚିତ୍।	সেটা ভাল ছিল। ସେତ ଭଲୋ ଛିଲୋ।
Marathi	मला खात्री आहे. ମଲ ଖାତ୍ରି ଆହେ।	ते चांगलं होतं. ଟେ ଚଙ୍ଗଲା ହୋତାମ୍।
Kannada	ನನಗೆ ಖಂಡಿತವಾಗಿ ತಿಳಿದಿದೆ. ନାନଗେ ଖାମଡିତାଭାଗି ଟିଳିଦିଦେ।	ಅದು ಚೆನ್ನಾಗಿತ್ತು. ଅଦୁ ଚେନାଗିତୁ।
Hindi	मुझे विश्वास है। ମୁଝେ ବିଶ୍ୱାସ୍ ହେ।	यह ठीक था। ୟହ ଠିକ୍ ଥା।
Gujarati	મને ખાતરી છે ମଣେ ଖାତାରି ଛେ।	તે સરસ હતું. ତେ ସରସ ହତୁନ୍।
Assamese	মই নিশ্চিত। ମୋଇ ନିଶ୍ଚିତ୍।	সেইটো ঠিকেই আছিল। ସେଇଟୁ ଠିକେଇ ଆସିଲ୍।
Malayalam	എനിക്കുറപ്പാണ്. ଏନିକ୍କୁରପ୍ପାନୁ।	അത് നന്നായിരുന്നു. ଅଥୁ ନନ୍ନାୟିରୁନ୍ନୁ।
Santali	ᱛᱷᱚᱠᱟ ᱜᱮᱭᱟᱧ। ଥଓକା ଗେୟାଞ୍ଜ।	ᱱᱚᱣᱟ ᱵᱮᱥ ᱛᱟᱦᱮᱸᱱ ᱠᱟᱱᱟ। ନୋଓ୍ୱା ବେସ୍ ଥାହେନ୍ କଣ।
Sanskrit	अहं निश्चयेन जानामि। ଅହଂ ନିଶ୍ଚୟେନ ଜାନାମି।	तद् उत्तमम् आसीत्। ତଦ୍ ଉତ୍ତମଂ ଆସିତ୍।

English	Did you go alone?	I am very tired.
Oriya	ତୁମେ ଏକୁଟିଆ ଯାଇଥିଲ କି?	ମୁଁ ଭାରି କ୍ଳାନ୍ତ।
Telugu	మీరు ఒకరే వెళతారా? ମୀରୁ ଓକାରେଆ ଭେଲଥାରା?	నేను బాగా అలసిపోయాను. ନେନୁ ବାଗା ଆଲାସିପୋୟାନୁ।
Tamil	நீ தனியாகப் போனாயா? ନି ଥାନିୟକ ପୋନାୟା?	நான் மிகவும் களைப்பாக இருக்கிறேன். ନାନ ମିଗଭୁମ୍ କଳୈପାଗା ଇରୁକିରେନ୍
Bengali	তুমি কি একা গিয়েছিলে? ତୁମି କି ଏକା ଗିୟେଛିଲେ?	আমি ভীষণ ক্লান্ত। ଆମି ଭୀଷଣ କ୍ଳାନ୍ତୋ।
Marathi	तू एकटा/एकटी गेला/गेली होतीस का? ତୁ ଏକଟ୍/ ଏକଟି ଗେଲ/ ଗେଲି ହୋତିସ୍ କା?	मी खूप थकलो/थकले आहे. ମି ଖୂପ୍ ଥାକଲୋ/ ଥାକଲେ ଆହେ।
Kannada	ನೀವು ಒಬ್ಬರೇ ಹೋದಿರಾ? ନୀଭୁ ଓବାରଇ ହୋଦିରା?	ನನಗೆ ತುಂಬಾ ಆಯಾಸವಾಗಿದೆ. ନାନଗେ ତୁମ୍ବା ଆୟାସଭାଗିଦେ।
Hindi	क्या तुम अकेले गए थे?/ गई थीं? କ୍ୟା ତୁମ୍ ଅକେଲେ ଗୟେ ଥେ/ ଗୟି ଥି?	मैं बहुत थक गया हूँ / गई हूँ। ମେଁ ବହତ୍ ଥକ୍ ଗୟା ହୁଁ/ ଗୟି ହୁଁ।
Gujarati	તમે એકલા ગયા હતા? ତମେ ଏକଲା ଗୟା ହତା?	હું ખૂબ થાકી ગયો/ગઈ છું. ହୁଁ ଖୁବା ଥାକେ ଗୟୋ/ ଗୟି ଛୁନ୍।
Assamese	তুমি অকলে গৈছিলা নেকি? ତୁମି ଅକୋଲେ ଗୋଇସିଲା ନେକି?	মই বৰ ভাগৰুৱা। ମୋଇ ବୋର୍ ଭାଗାରୁଓ୍ୱା।
Malayalam	നീ ഒറ്റയ്ക്കാണോ പോയത്? ନୀ ଓଟାଏକାନୋ ପୋମଥୁ?	എനിക്ക് വളരെ ക്ഷീണമുണ്ട്. ଏନିକୁ ଭଲରେ ସିନାମୁଣ୍ଡୁ।
Santali	ᱮᱠᱞᱟᱢ ᱥᱮᱱ ᱜᱚᱰᱚᱜ-ᱟ? ଏକଲାମ୍ ସେନ୍ ଗୋଦୋର୍-ଅ?	ᱟᱫᱤ ᱞᱟᱝᱜᱟ ᱵᱩᱡᱷ ᱮᱫᱟ। ଅଦି ଲଙ୍ଗଜ୍ ବୁଝ୍ ଇଦା।
Sanskrit	किं त्वम् एक:/एका एव अगच्छ:? କିଂ ତ୍ୱଂ ଏକଃ/ ଏକା ଏବ ଅଗଛଃ?	अतीव श्रान्त:/श्रान्ता अस्मि। ଅତୀବ ଶ୍ରାନ୍ତଃ/ ଶ୍ରାନ୍ତା ଅସ୍ମି।

ପଶୁ ଏବଂ ପକ୍ଷୀଙ୍କର ଭଲପାଇବା



ଭାରତର ବିଶ୍ୱକପ୍‌ରେ ସିରିଜ ବିଜୟକୁ ମହାଆଡ଼ମ୍ବରରେ ପାଳନ କରାଗଲା। କିନ୍ତୁ ହତଭାଗା ଶୁଆ ମାଳି ଭାଗ୍ୟରେ ଏ ଉତ୍ସବ ପାଳିବା ସମ୍ଭବ ହେଲାନାହିଁ। ମାଳି ଏଥିପାଇଁ ଜୀବିତ ରହିଲା ନାହିଁ। ସେ ଦେଇଥିବା ଭୁଲ୍ ଭବିଷ୍ୟବାଣୀ କାରଣରୁ ବାବା ତାକୁ ହତ୍ୟା କରିବାକୁ ନିଷ୍ପତ୍ତି ନେଲେ। ଭାଗ୍ୟ ବିଷୟରେ କହୁଥିବା ଶୁଆ ଯଦି ତିନିଥର ଭୁଲ୍ ଭବିଷ୍ୟତବାଣୀ କରେ ତେବେ ଏହାକୁ ବଡ଼ ପାପ ଭାବରେ ଗ୍ରହଣ କରାଯାଏ। ବହୁ ବ୍ୟକ୍ତି ମାଳିର ଭବିଷ୍ୟତବାଣୀ ଶୁଣିବା ପାଇଁ ବାବାଙ୍କ ପାଖକୁ ଯାଆନ୍ତି। ମାଳିର ଭୁଲ୍ ଭବିଷ୍ୟତବାଣୀ ବାବାଙ୍କ ସମ୍ମାନରେ ଆଞ୍ଚ ଆଣିପାରେ। ତେଣୁ ବାବା ମାଳିକୁ ହତ୍ୟା କଲେ। ମାଳି ବିଷୟରେ ଶୁଣିଲା ପରେ ବାବାଙ୍କ ପାଖକୁ ଯାଉଥିବା ଅଧିକାଂଶ ଗ୍ରାହକ ଏବେ ତାଙ୍କ ପାଖକୁ ଯାଉନାହାନ୍ତି।

ଆଶା, ମାଳି ପରି ଅନ୍ୟ ଭବିଷ୍ୟତ କହୁଥିବା ଶୁଆମାନେ ଏପରି ନିଷ୍ଠୁରତାର ଶିକାର ହେବେନାହିଁ। ପଶୁପକ୍ଷୀଙ୍କ ପ୍ରତି ହିଂସା ମଧ୍ୟ ଏକ ଦଣ୍ଡନୀୟ ଅପରାଧ। ଅଧିକାଂଶ ପଶୁ ସଚେତନତା କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମକର୍ତ୍ତା ବ୍ୟାବସାୟିକ ଉଦ୍ଦେଶ୍ୟରେ ପଶୁ, ପକ୍ଷୀ ଏବଂ ସରୀସୃପମାନଙ୍କର ବ୍ୟବହାର ବିରୋଧରେ ପ୍ରତିବାଦ କରୁଛନ୍ତି।

ଅଭିନବ ପ୍ରତିବାଦ

ପ୍ରତିବାଦ କରିବାର ଏକ ନୂତନ ଧାରା ଦେଖିବାକୁ ମିଳିଛି। ଅବତାର ସିଂହ ନାଗଲା ଗୋଟିଏ ୟୁକାଲିପଟାସ ଗଛରେ ଚଢ଼ିଲେ ଏବଂ ଗଛର ମୋଟା ଡାଳରେ ଖଟଟିଏ ବାନ୍ଧିଲେ। ନିଷ୍ପତ୍ତି ନେଲେ ଯେ ପର୍ଯ୍ୟନ୍ତ ତାଙ୍କର ଦାବି ପୂରଣ ହେବ ନାହିଁ ସେ ସେହି ଖଟ ଉପରେ ବସିବେ। ତାଙ୍କର ସମର୍ଥକମାନେ ଗଛମୂଳରେ ଗୋଟିଏ ତମ୍ବୁ ପକାଇ ତାଙ୍କୁ ଖାଇବା ପିଇବାକୁ ଦେଉଛନ୍ତି।

ଅବତାର ସିଂହ ନାଗଲା ଦୁର୍ନୀତି ବିରୋଧରେ ପ୍ରତିବାଦ କରୁଛନ୍ତି। ଯେ ପର୍ଯ୍ୟନ୍ତ ପ୍ରାୟ ୪୦ବର୍ଷ ତଳର ଭୂମି ବିବାଦ ଘଟଣାର ନୂଆକରି ତଦନ୍ତ ହେବନାହିଁ ସେ ପର୍ଯ୍ୟନ୍ତ ସେ ଗଛରୁ ଓହ୍ଲାଇବେ ନାହିଁ। କିନ୍ତୁ ସରକାର କହନ୍ତି ଯେ ବିବାଦର ସମାଧାନ ହୋଇଯାଇଛି। ପ୍ରଶାସନିକ ଅଧିକାରୀ ଏବଂ ପୋଲିସ କର୍ମଚାରୀମାନେ ତାଙ୍କୁ ଗଛରୁ ଓହ୍ଲାଇବା ପାଇଁ ବହୁତ ଉଦ୍ୟମ କଲେ। କିନ୍ତୁ କିଛି ଫଳ ମିଳିଲା ନାହିଁ।



ଫଳ ଯାହା ହେଉନା କାହିଁକି ଅବତାର ସିଂହ ନିଶ୍ଚୟ ଏକ ନୂଆ ରେକର୍ଡ କରିଛନ୍ତି।

ମୁଁ କ'ଣ ହେବି ?

ପାଠ୍ୟକ୍ରମର ବିବରଣୀ

ଦ ଇନଷ୍ଟିଚ୍ୟୁଟ୍ ଅଫ୍ କଂପାନି ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ (ଆଇସିଏସଆଇ) ଭାରତରେ କଂପାନି ସେକ୍ରେଟାରି ପେସାକୁ ନିୟନ୍ତ୍ରିତ କରୁଅଛି। ଏହା ତିନି ପର୍ଯ୍ୟାୟରେ କଂପାନି ସେକ୍ରେଟାରି ପାଠ୍ୟକ୍ରମରେ ଯୋଗ୍ୟତା ପ୍ରଦାନ କରୁଅଛି। ପ୍ରଥମ ପାଠ୍ୟକ୍ରମଟି ଆଠ ମାସର, ଯେଉଁଥିରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପରେ ଯୋଗ ଦେଇହୁଏ। ତା'ପରେ ଇଣ୍ଟରମିଡିଏଟ୍ ପାଠ୍ୟକ୍ରମ ପାଇଁ ଯେ କେହି ନଅ ମାସ ପାଇଁ ଯୋଗ ଦେଇପାରନ୍ତି। ଶେଷ ପର୍ଯ୍ୟାୟରେ ଅନ୍ତିମ ପରୀକ୍ଷାରେ ପ୍ରାର୍ଥୀ କାର୍ଯ୍ୟାଭାସ ତାଲିମ୍ ଆବଶ୍ୟକ କରିଥାନ୍ତି। ତା'ପରେ ପ୍ରାର୍ଥୀ ଆଇସିଏସଆଇର ସହକାରୀ ସଦସ୍ୟ ହେବା ପାଇଁ ଯୋଗ୍ୟ ହୋଇଥାନ୍ତି। *– ସାଇ*

Website - www.icsi.edu

Level	Eligibility	Minimum duration	Maximum duration	Papers
Foundation Programme	Class 12th pass	8 months	Needs to be completed within 3 years of registration	1. English and Business Communication 2. Economics and Statistics 3. Financial Accounting 4. Elements of Business Law and Management
Executive Programme	Clear Foundation Programme/ Graduates from all disciplines except Fine Arts can directly enrol	1 year	Needs to be completed within 5 years of registration for the Executive Programme	Module I 1. General and Commercial laws 2. Company Accounts, Cost and Management Accounting 3. Tax laws Module II 1. Company Laws 2. Economic and Labour Laws 3. Securities Laws Compliances
Professional Programme	Cleared Executive Programme	1 year	Needs to be completed within 5 years of registration for the Executive Programme	Module I 1. Company Secretarial Practice 2. Drafting, Appearances and Pleadings Module II 1. Financial, Treasury and Forex Management 2. Corporate restructuring and insolvency Module III 1. Strategic Management, Alliances and International Trade 2. Advance Tax Laws and Practices Module IV 1. Due Diligence and Corporate Compliance

ଚତୁର ବୀରବଲ

ଈଶ୍ୱରଙ୍କଠାରୁ ବଡ଼

୧. ଦିନକର କଥା ଆକବର ତାଙ୍କର ପରିଷଦବର୍ଗଙ୍କୁ ପଚାରିଲେ, ''କିଏ ଈଶ୍ୱରଙ୍କଠାରୁ ବଡ଼?'' ତୁରନ୍ତ ବୀରବଲ ଉତ୍ତର ଦେଲେ, ''ସନ୍ଦେହ ନାହିଁ, ସାହେନ୍‌ସା, ଆପଣ ଈଶ୍ୱରଙ୍କଠାରୁ ବଡ଼!''?''

୨. କେତେକ ପରିଷଦବର୍ଗ ବୀରବଲଙ୍କୁ ଈର୍ଷା କରୁଥିଲେ, ସେମାନଙ୍କ ମଧ୍ୟରୁ ଜଣେ ଠିଆ ହୋଇପଡ଼ିଲେ ଏବଂ କହିଲେ, ''ସାହେନ୍‌ସା! ବୀରବଲ କେବଳ ଆପଣଙ୍କୁ ଆମୋଦିତ କରିବା ପାଇଁ କହୁଛନ୍ତି! ମୋତେ ଆପଣଙ୍କୁ ବୁଝାଇ ଦେବାକୁ ଦିଅନ୍ତୁ!''

୩. ବୀରବଲ କହିଲେ, ''ଆମର ସମ୍ରାଟ ଏମିତି କିଛି କରିପାରିବେ ଯାହା ସ୍ୱୟଂ ଭଗବାନ ମଧ୍ୟ କରିପାରିବେ ନାହିଁ!'' ପରିଷଦବର୍ଗ ତାଙ୍କ ଆଡକୁ ଚାହିଁଲେ! ''ବୀରବଲ, ମିଛ କଥାଗୁଡ଼ିକ କହୁଛନ୍ତି!''



୪. ''ମୁଁ ପୁନର୍ବାର କହୁଛି, ଈଶ୍ୱର କେଉଁ ଗୋଟିଏ କଥା କରିପାରିବେ ନାହିଁ, କହନ୍ତୁ।'' ବୀରବଲ କହିଲେ। ''ମୋତେ ଟକ୍କର ଦେଉଛ?'' ପରିଷଦବର୍ଗ ଧୀର ସ୍ୱରରେ କହିଲେ, ''ଈଶ୍ୱର, କୌଣସି ପାପ କାର୍ଯ୍ୟ କରିପାରିବେ ନାହିଁ!''



୫. ବୀରବଲ ଜବାବ୍‌ରେ କହିଲେ, ''ଈଶ୍ୱର କୌଣସି ପାପ କାର୍ଯ୍ୟ କରିପାରିବେ ନାହିଁ। ତାହାର ଅର୍ଥ ଆମର ସମ୍ରାଟ ପାପ କରନ୍ତି?'' ପରିଷଦବର୍ଗଙ୍କ ମୁହଁରୁ କଥା ବାହାରିଲା ନାହିଁ।



୬. ବୀରବଲ ସେମାନଙ୍କୁ ଚାହିଁଲେ। ''ଦୟାକରି ଏବେ ଠାରୁ ମୁହଁ ବନ୍ଦ ରଖିବ!'' ପରିଷଦବର୍ଗ ଭୟଙ୍କର ଭାବେ ଅପମାନିତ ବୋଧକଲେ ଏବଂ ମୁଣ୍ଡ ନୁଆଁଇଦେଲେ।



୭. ଏବେ ସମ୍ରାଟଙ୍କର କହିବାର ପାଳି। ''ବୀରବଲ, ତୁମେ ଯାହା କହିଥିଲ ତାହା ଏ ଯାଏଁ ପ୍ରମାଣ କରିନାହଁ! ମୁଁ କିପରି ଈଶ୍ୱରଙ୍କଠାରୁ ବଡ଼?''

୮. ''ସାହେନ୍‌ସା! ଯଦି ଆପଣ କାହା ଉପରେ ବିରକ୍ତ ହୁଅନ୍ତି, ଆପଣ ତାଙ୍କୁ ଦେଶାନ୍ତର କରିଦିଅନ୍ତି। ଈଶ୍ୱର ତାହା କରିପାରନ୍ତି ନାହିଁ! ସେ ହତଭାଗା ମଣିଷକୁ କୁଆଡ଼େ ପଠାଇବେ? ତେଣୁ ଆପଣ ଈଶ୍ୱରଙ୍କଠାରୁ ବଡ଼!''



୯. ସମ୍ରାଟ ବୀରବଲଙ୍କର ଚତୁରତା ଏବଂ ସ୍ପଷ୍ଟବାଦିତା ଦେଖି ବେଶ୍ ପ୍ରଭାବିତ ହେଲେ। ସେ ତାଙ୍କର ପିଠି ଥାପୁଡାଇ ଦେଲେ। ''ତୁମେ ପୁରସ୍କାରଯୋଗ୍ୟ।'' ସମ୍ରାଟ କହିଲେ।

ଶରୀରର ପ୍ଲାବନ ବା ବଡିଲଗ୍!

ଯେତେବେଳେ ଆପଣଙ୍କ ଗଳିରେ ବନ୍ୟାଜଳ ଆସେ ଆମେ କହୁ ଜଳ ପ୍ଲାବିତ, ଯେତେବେଳେ ଆମର ଶରୀରରେ ଅଧିକ ଜଳ ଜମିଯାଏ ଆମେ ତାକୁ କହିବା ନାହିଁ ଶରୀର ପ୍ଲାବିତ? ଆପର ଲକ୍ଷ୍ୟ କରିଥିବେ ଯେ ଅଧିକ ସମୟ ପର୍ଯ୍ୟନ୍ତ ପହଁରିଲେ ବା ପାଣିରେ ଖେଳିଲେ ହାତ ଏବଂ ପାଦର ଆଙ୍ଗୁଠିଗୁଡିକ ବତୁରିଯାଇ କୁଞ୍ଚୁକୁଞ୍ଚିଆ ଦିଶେ। ଏ ସବୁ କାହିଁକି ଘଟେ ଜାଣ କି? କାରଣ ଆମ ଶରୀରରେ ଏକ ପ୍ରାକୃତିକ ତୈଳର ଆସ୍ତରଣ ରହିଛି, ଯାହାକୁ କୁହାଯାଏ ସେବମ୍। ଦୀର୍ଘ ସମୟ ଧରି ପାଣିରେ ରହିଲେ ଏହି ସେବମ୍ ଅପସରିଯାଏ। ତେଣୁ ଜଳ ଆମ ଶରୀର ମଧ୍ୟକୁ ପ୍ରବେଶ କରେ। ଏହାକୁ କୁହାଯାଏ ଅସ୍ମୋସିସ୍ ଏବଂ ଆମ ଶରୀର ଫୁଲିଯାଏ। ତେଣୁ ଦେହ ଶେଥା ଦିଶେ। ଏହା ପ୍ରାକୃତିକ ପ୍ରକ୍ରିୟା।

ଟ୍ରେଜର ବକ୍ସ

ଏହି ମାସରେ ତୁମର ସ୍କ୍ରାପ୍ ବୁକ୍ ପାଇଁ ଆମେ ଆଣିଛୁ ଆମର କେତେକ ରାଷ୍ଟ୍ରପତିଙ୍କର ଚିତ୍ର।



ଡକ୍ଟର ରାଜେନ୍ଦ୍ର ପ୍ରସାଦ
(୨୬ ଜାନୁଆରୀ ୧୯୫୦– ୧୩ ମେ ୧୯୬୨)

ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍
(୧୩ ମେ ୧୯୬୨– ୧୩ ମେ ୧୯୬୭)

ଜାକିର୍ ହୁସେନ୍
(୧୩ ମେ ୧୯୬୭– ୩ ମେ ୧୯୬୯)



ବରାହଗିରି ଭେଙ୍କଟ ଗିରି
(୨୪ ଅଗଷ୍ଟ ୧୯୬୯– ୨୪ ଅଗଷ୍ଟ ୧୯୭୪)



ଫକ୍ରୁଦିନ୍ ଅଲି ଅହମ୍ମଦ
(୨୪ ଅଗଷ୍ଟ ୧୯୭୪– ୧୧ ଫେବୃଆରୀ ୧୯୭୭)



ନୀଲମ ସଞ୍ଜୀବ ରେଡ୍ଡି
(୨୫ ଜୁଲାଇ ୧୯୭୭– ୨୫ ଜୁଲାଇ ୧୯୮୨)


Chandamama
fun stories & more
New Media
ENJOY
Animated Short Stories
Audio Stories
Adventure Series
on mobile
Mobisodes
Audio Stories
Online Books
Chandamama
You must be punctual, disciplined and sincere in your efforts.
TV Shows
Gift or Buy Mobisode
www.chandamama.com

Digitized by
Deb's Library Corner
At/P.O.-Tambahara
Via-P.S.-Harichandanpur
Dist-Kendujhar,State-Odisha
Pin-758028
Mobile.9556804309
Email-debaraj.123456789@gmail.com